୬ ଇଣ୍ଡୋନେସିଆ ଓପନ୍ : ଶୀର୍ଷ ୧୦କୁ ଫେରିଲେ ସିନ୍ଧୁ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୨୩ ● ୩ ଜୁନ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-123 ● 3rd June 2026, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି

# ଓଡ଼ିଶା ଆସିବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଜୁନ୍ ୨୦ ତାରିଖରେ ରାଇରଙ୍ଗପୁରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ସୂଚନା ଦିଆଯାଇଛି। ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ପରେ ଦିଆଯାଇଛି ଏହି ସୂଚନା।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମଙ୍ଗଳବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। *(ପୃଷ୍ଠା ୭ରେ)*



# ପିଏମ୍ ଗତିଶକ୍ତି ପୋର୍ଟାଲର କାର୍ଯ୍ୟକାରିତା ନେଇ ସମୀକ୍ଷା

ଭୁବନେଶ୍ୱର, ୨।୬
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ରାଜ୍ୟରେ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା ନେଇ ମଙ୍ଗଳବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପିଏମ୍ ଗତିଶକ୍ତି ପୋର୍ଟାଲର ସର୍ବାଧିକ ଉପଯୋଗ କରି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ତଥା ସମୟ ଅବଧି ମଧ୍ୟରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଅନୁମୋଦନ *(ପୃଷ୍ଠା ୭ରେ)*

## ବଦଳିଲେ ସିବିଏସ୍ଇ ଅଧ୍ୟକ୍ଷ ଓ ସଚିବ

# ଅନିୟମିତତାର ତଦନ୍ତ ପାଇଁ କମିଟି ଗଠିତ

ନୂଆଦିଲ୍ଲୀ, ୨।୬

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସି.ବି.ଏସ୍.ଇ.) ସହିତ ଜଡ଼ିତ ସାମ୍ପ୍ରତିକ ବିବାଦୀୟ ଘଟଣା ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କେନ୍ଦ୍ର ସରକାର ବୋର୍ଡର ଅଧ୍ୟକ୍ଷ ଏବଂ ସଚିବଙ୍କୁ ବଦଳି କରିଛନ୍ତି। ଅନିୟମିତତାର ତଦନ୍ତ ପାଇଁ ଏକ ଜଣିକିଆ ତଦନ୍ତ କମିଟି ମଧ୍ୟ ଗଠନ କରିଛନ୍ତି। ଯିଏ ଅନ ସ୍କ୍ରିନ୍ ମାର୍କିଂ (ଓ.ଏସ୍.ଏମ୍.) ସେବା କ୍ରୟ ସମ୍ପର୍କରେ ଯାଞ୍ଚ କରିବ।



ସୂତ୍ରଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ସିବିଏସ୍ଇ ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କୁ ବଦଳି କରାଯାଇଛି। ଏକ କାର୍ଯ୍ୟାଳୟ ବିଜ୍ଞାପନ ଅନୁଯାୟୀ, କ୍ଷମତା ନିର୍ମାଣ ଆୟୋଗର ଅଧ୍ୟକ୍ଷ ଏସ୍ ରାଧା ଚୌହାନଙ୍କ ନେତୃତ୍ୱରେ ଏକ ତଦନ୍ତ କମିଟି ଗଠନ କରାଯାଇଛି। ସେମାନଙ୍କୁ କ୍ରୟ ଯାଞ୍ଚ କରି ଏକ ମାସ ମଧ୍ୟରେ କାର୍ମିକ ଏବଂ ତାଲିମ ବିଭାଗକୁ ଏକ ରିପୋର୍ଟ ଦାଖଲ କରିବାକୁ ପଡିବ। ଓଏସ୍ଏମ୍ ହେଉଛି ସିବିଏସ୍ଇର ନୂତନ ଅନ୍-ସ୍କ୍ରିନ୍ ମାର୍କିଂ ଡିଜିଟାଲ୍ ସିଷ୍ଟମ୍, ଯାହା ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ପ୍ରବର୍ତ୍ତନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଅନଲାଇନରେ ଉତ୍ତରପତ୍ରିକା ସ୍କାନିଂ ଏବଂ ମୂଲ୍ୟାଙ୍କନ ଦ୍ୱାରା ଦକ୍ଷତାରେ ଉନ୍ନତି ଆଣିବା। ତଥାପି, ଅସ୍ପଷ୍ଟ ସ୍କାନିଂ, ମେଳ ଖାଉ ନଥିବା ସିଟ୍, ଅନୁପସ୍ଥିତ ପୃଷ୍ଠା ଏବଂ କମ୍ ସ୍କୋର ପରି ତ୍ରୁଟିଗୁଡ଼ିକ ସିଷ୍ଟମକୁ ବିବାଦରେ ପକାଇଥିଲା।

# ଶପଥ ନେଲେ ସୁପ୍ରିମକୋର୍ଟର ୫ ଜଣ ନୂଆ ବିଚାରପତି

ନୂଆଦିଲ୍ଲୀ, ୨।୬

ସର୍ବୋଚ୍ଚ ନ୍ୟାୟାଳୟକୁ ୫ ଜଣ ନୂଆ ବିଚାରପତି ମିଳିଛି। ମଙ୍ଗଳବାର ଦିନ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏହି ୫ ଜଣ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ। ଏହି ୫ ଜଣ ବିଚାରପତିଙ୍କ ସହ ସୁପ୍ରିମକୋର୍ଟରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି।



ଜଷ୍ଟିସ୍ ଶୀଲ ନାଗୁ, ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖର, ଜଷ୍ଟିସ୍ ସଞ୍ଜୀବ ସଚଦେବ, ଜଷ୍ଟିସ୍ ଅରୁଣ ପାଲି ଏବଂ ଜଷ୍ଟିସ୍ ବି ମୋହନଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ପାଠ କରାଇଥିଲେ ପ୍ରଧାନ ବିଚାରପତି। ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସୁପ୍ରିମକୋର୍ଟରେ ବିଚାରପତିମାନଙ୍କ ନିଯୁକ୍ତି ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ସୁପ୍ରିମକୋର୍ଟ କଲେଜିୟମ ମଇ ୨୨ ଏବଂ ୨୭ ତାରିଖରେ ଅନୁଷ୍ଠିତ ବୈଠକରେ ଏହି ବିଚାରପତିମାନଙ୍କୁ ନିଯୁକ୍ତି ଦେବା ଲାଗି ସୁପାରିସ କରିଥିଲେ।

## ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍

ଭୁବନେଶ୍ୱର, ୨।୬
ନ୍ୟୁଜ୍ ବ୍ୟୁରୋ

ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ମନ୍ଥ ଅଫ୍ ସୋଲାର' ଅଭିଯାନରେ ଓଡ଼ିଶାକୁ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଆଜି ରାଜ୍ୟମନ୍ତ୍ରିମଣ୍ଡଳ ବୈଠକ।
- ବିଜେପି ଛାଡିବା ନେଇ କଳ୍ପନାଜଳ୍ପନା ମଧ୍ୟରେ, ଅନ୍ନାମଲାଇ ଅମିତ ଶାହଙ୍କୁ ଭେଟିଲେ।
- ଗୁଜୁରାଟର ସୁରଟରେ ଦୁଇଟି ମହାରାଷ୍ଟ୍ର ଏସ୍ଆସି ବସ୍ ମୁହାଁମୁହିଁ ଧକ୍କା, ନିଆଁ ଲାଗିବାରୁ ୭ ଜଣଙ୍କର ମୃତ୍ୟୁ।
- 'କାଲା ହିରନ' ଫିଲ୍ମନେଇ ସଲମାନ ଖାନ ପଠାଇଲେ ଲିଗାଲ ନୋଟିସ।
- ଦକ୍ଷିଣ ଆଫ୍ରିକାର ଉପରାଷ୍ଟ୍ରପତି ମାଶାଟାଇଲଙ୍କୁ ଭେଟିଲେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର।

## ଚଳିତ ଶିକ୍ଷା ବର୍ଷରୁ ଲାଗୁ ହେବ

# ଏସ୍‌ସି ଏସ୍‌ଟି ଓ ଓବିସିଙ୍କ ପାଇଁ ଇଞ୍ଜିନିୟରିଂ ଓ ମେଡିକାଲ୍‌ରେ ସଂରକ୍ଷଣ ବୃଦ୍ଧି

ଭୁବନେଶ୍ୱର, ୨।୬
ନ୍ୟୁଜ୍ ବ୍ୟୁରୋ

ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ମଙ୍ଗଳବାର ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ମେମୋରାଣ୍ଡମ୍ ବା ସ୍ମାରକ ପ୍ରକାଶ ପାଇଛି।

ଏହି ନିଷ୍ପତ୍ତି ଦ୍ୱାରା ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି।

ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିୟରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣୀଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲଚର ଆଣ୍ଡ ଆଲାଏଡ୍ ସାଇନସେସ୍, ଆର୍କିଟେକ୍‌ଚର, ପ୍ଲାନିଂ, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ *(ପୃଷ୍ଠା ୭ରେ)*

# ଅଣ୍ଡର ୱେଟ୍ ଶିଶୁଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୧୮ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୨।୬
ନ୍ୟୁଜ୍ ବ୍ୟୁରୋ

ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱକୁ ବୁଝାଉଥିବା ଏକ ସରଳ 'ଡିଜିଟାଲ ବହି'ର ଉନ୍ମୋଚନ କରିଛନ୍ତି। ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି।

ରାଜ୍ୟର ୬ ମାସରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପରିପୂରକ ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚକୁ ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଉଛି। ଫଳସ୍ୱରୂପ, ବର୍ତ୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ଦିଆଯିବ। ରାଜ୍ୟର ପ୍ରାୟ ୩୫,୦୦୦ ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ। ଅନୁରୂପ ଭାବେ, ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ *(ପୃଷ୍ଠା ୭ରେ)*

## ୟୁକ୍ରେନ ଉପରେ ଋଷର ଭୟଙ୍କର ଆକ୍ରମଣ

କିଭ୍, ୨।୬

ୟୁକ୍ରେନର ପ୍ରମୁଖ ସହରଗୁଡ଼ିକ ଉପରେ ଋଷ ପକ୍ଷରୁ ମଙ୍ଗଳବାର ସକାଳେ ଏକ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି, ଯେଉଁଥିରେ ୫ ଜଣ ନାଗରିକଙ୍କ ମୃତ୍ୟୁ ହେବା ସହ ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ୟୁକ୍ରେନର ପୂର୍ବ ପ୍ରଦେଶ ଦ୍ନିପ୍ରୋରେ ହୋଇଥିବା ଆକ୍ରମଣରେ ୪ ଜଣ ପ୍ରାଣ ହରାଇଥିବା ବେଳେ ୧୬ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ରାଜଧାନୀ କିଭରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୯ ଜଣ ଆହତ ହୋଇଛନ୍ତି। କିଭ୍ ମେୟରଙ୍କ ଅନୁଯାୟୀ, ଏକ ୨୪ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୨୨ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୨୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୧୭ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୦ (+୦)

# ସବ୍ ରେଜିଷ୍ଟ୍ରାର ଅଫିସରେ ଲାଗିବ ଦଲାଲଙ୍କ ଫଟୋ

ଭୁବନେଶ୍ୱର, ୨।୬
ନ୍ୟୁଜ୍ ବ୍ୟୁରୋ

ସବ୍ ରେଜିଷ୍ଟ୍ରାର ଅଫିସରେ ଦଲାଲଙ୍କ ଫଟୋ ଲଗାଯିବ। ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ ଜରିଆରେ ଦଲାଲମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଫଟୋ ଲଗାଯିବ।ସମସ୍ତ ରାଜସ୍ୱ ଏବଂ ତହସିଲ ଅଫିସରେ ଲାଗିବ ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ। ଫିଲ୍ଡ ଭିଜିଟ ବେଳେ ବି ଅଧିକାରୀଙ୍କୁ ଟ୍ରାକିଂ କରାଯିବ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଦଣ୍ଡ ବିଧାନ ଏବଂ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଏସଓପି ଆସିବ। ଏସଓପି ପ୍ରସ୍ତୁତ ପାଇଁ କମିଟି ଗଠନ କରାଯାଇଛି।



ଅନ୍ୟପକ୍ଷରେ ଡିଏସଆର ବା ଜିଲ୍ଲା ସବ୍ ରେଜିଷ୍ଟ୍ରାରଙ୍କୁ ଦିଆଯିବ ମାଜିଷ୍ଟ୍ରେଟ କ୍ଷମତା। ଜିଲ୍ଲା ସବ୍ ରେଜିଷ୍ଟ୍ରାରଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ ନେଇ ସରକାର ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଜିଲ୍ଲା ସବ୍ ରେଜିଷ୍ଟ୍ରାରଙ୍କୁ କ୍ଷମତା ଦିଆଗଲେ ଅନେକ ସରକାରୀ କାର୍ଯ୍ୟ ଆଗେଇବ। କ୍ଷମତା ମିଳିବା ପରେ ସେମାନେ ଦୁର୍ନୀତିଖୋରଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ କରିପାରିବେ। ଏବେ ଉପଜିଲ୍ଲାପାଳଙ୍କ ଜରିଆରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

## ପୁଣି ବସ୍ ଭଡ଼ା ବଢାଇଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପୁଣି ଥରେ ବସ୍ ଭଡା ବୃଦ୍ଧି ପାଇଛି। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୨ ପଇସା ବଢ଼ିଛି। ଅର୍ଡିନାରୀ ବସ୍ ଭଡ଼ା କିମି ପିଛା ୯୦ ପଇସାରୁ ୯୨ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ଭଡ଼ା ୧୩୧ ପଇସାରୁ ୧୩୫ ପଇସାକୁ ବୃଦ୍ଧି ପାଇଛି। ଏସି ଡିଲକ୍ସ ଭଡ଼ା ୧୫୯ ପଇସାରୁ ୧୬୩ ପଇସାକୁ ବୃଦ୍ଧି ପାଇଛି। ସୁପର ଡିଲକ୍ସ ଭଡ଼ା ୨୪୭ ପଇସାରୁ ୨୫୩ ପଇସାକୁ ବୃଦ୍ଧି ପାଇଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ)ଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି।




## ଏକାଳ ପଖାଳ




ଖାତା ଦେଖାରେ ସ୍ୱଚ୍ଛତା ରହିବ
ବୋଲିକି ଅନ୍‌ଲାଇନ୍ ଦେଖା
ସେଥିରେ ପୁଣି ହେଲା ଗଡବଡ
ପିଲାଏ ପାଇଲେ ଧୋକା
ବାବୁଏ ଖାଇଲେ ସେକା
ତଦନ୍ତ ଫଦନ୍ତ ଦୁନିଆ ଚାଲିବ
ବାଜିବ ଚଉକା ଛକ୍କା।

# ଆସୁଛି ବଡ଼ 'ବିପର୍ଯ୍ୟୟ': ଏଲ୍ ନିନୋ ତାଣ୍ଡବ ସୃଷ୍ଟି କରିବାକୁ ପ୍ରସ୍ତୁତ



ନୂଆଦିଲ୍ଲୀ, ୨।୬

ଆମେରିକାର ଜାତୀୟ ସମୁଦ୍ର ଏବଂ ବାୟୁମଣ୍ଡଳୀୟ ପ୍ରଶାସନର ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ ଏହି ବର୍ଷର ଆଟଲାଣ୍ଟିକ ବାତ୍ୟା ଋତୁ ସାଧାରଣ ଅପେକ୍ଷା ଅଧିକ ଶାନ୍ତ ରହିବ ଏହା ଏଲ୍ ନିନୋ ପାଇଁ ଦାୟୀ। ଏଲ୍ ନିନୋ ଯୋଗୁ ସ୍ୱାଭାବିକ ଠାରୁ କମ କାର୍ଯ୍ୟକଳାପର ସମ୍ଭାବନା ୫୫ ପ୍ରତିଶତ ଏବଂ ସ୍ୱାଭାବିକ ଠାରୁ ଅଧିକ କାର୍ଯ୍ୟକଳାପର ସମ୍ଭାବନା ୧୦ ପ୍ରତିଶତ ରହିଛି।

ଆଟଲାଣ୍ଟିକ ବାତ୍ୟା ଋତୁ ଜୁନ ଆରମ୍ଭରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିଥାଏ, ସାଧାରଣତଃ ସେପ୍ଟେମ୍ବର ମଧ୍ୟଭାଗରେ ଝଡ଼ କାର୍ଯ୍ୟକଳାପ ଶୀର୍ଷରେ ପହଞ୍ଚିଥାଏ। ଏଲ୍ ନିନୋ ହେଉଛି କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ସମୁଦ୍ର-ପୃଷ୍ଠ ତାପମାତ୍ରାର ଏକ ପର୍ଯ୍ୟାୟକାଳୀନ ଉଷ୍ମତା; ବର୍ଷା ଢାଞ୍ଚାରେ ପରିଣାମ ସ୍ୱରୂପ ବାଧା ବିଶ୍ୱର ଅନେକ ସ୍ଥାନରେ ବନ୍ୟା, ମରୁଡ଼ି ଏବଂ ଗରମ ଲହରୀକୁ ତୀବ୍ର କରିପାରେ। ଏହାର ସକ୍ରିୟ ପର୍ଯ୍ୟାୟ ସମୟରେ, ଏହି ଜଳବାୟୁ ଘଟଣା ବିଶ୍ୱ ହାରାହାରି ତାପମାତ୍ରାକୁ ବୃଦ୍ଧି କରେ।

ଏଲ୍ ନିନୋ ଘଟଣାଗୁଡ଼ିକ ସାଧାରଣତଃ ପ୍ରତି ୨ ରୁ ୭ ବର୍ଷରେ *(ପୃଷ୍ଠା ୭ରେ)*

# ୪ରେ କେରଳମ ଛୁଇଁବ ମୌସୁମୀ !

ନୂଆଦିଲ୍ଲୀ, ୨।୬

ଆସନ୍ତା ୪ରେ କେରଳମ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ । ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ପଶ୍ଚିମ ବାୟୁ ଏବଂ ଦୁର୍ବଳ ମୌସୁମୀ ପବନ ଯୋଗୁଁ ଏଥର ମୌସୁମୀର ଅଗ୍ରଗତି ମନ୍ଥର ହୋଇଛି । ପାଣିପାଗ ବିଭାଗ ସାରା ଦେଶରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ମଧ୍ୟ ପୂର୍ବାନୁମାନ କରିଛି । ଫଳସ୍ୱରୂପ, ଖରିଫ ଫସଲ ପାଇଁ ମୌସୁମୀର ଅଗ୍ରଗତି ଉପରେ ଚାଷୀଙ୍କ ନଜର ରହିଛି ।

ସାଧାରଣତଃ ପ୍ରତିବର୍ଷ ମେ' ମାସର ଶେଷ ସପ୍ତାହ ସୁଦ୍ଧା କେରଳମରେ ମୌସୁମୀ ପ୍ରବେଶ କରିଥାଏ । ଏଥର ନିର୍ଦ୍ଧାରିତ ସମୟଠାରୁ ଟିକିଏ ବିଳମ୍ବରେ ଆସିବ ମୌସୁମୀ । ପାଣିପାଗ ବିଶେଷଜ୍ଞମାନେ ଉଲ୍ଲେଖ କରିଛନ୍ତି ଯେ



ମୌସୁମୀର ଅଗ୍ରଗତି ପ୍ରକୃତରେ ମନ୍ଥର ହୋଇଥିଲେ ମଧ୍ୟ, ଏହି ବିଳମ୍ବ ପଛରେ ଅନେକ ଜଟିଳ ପାଣିପାଗ କାରଣ ଭୂମିକା ଗ୍ରହଣ କରୁଛି।

ଆଇଏମଡି ସୂଚନା ଅନୁଯାୟୀ, ମୌସୁମୀର ଅଗ୍ରଗତି ପାଇଁ ପରିସ୍ଥିତି ଅନୁକୂଳ ହେବାରେ ଲାଗିଛି । ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ପୂର୍ବ ଆରବ ସାଗର, ଲାକ୍ଷାଦ୍ୱୀପ, କେରଳ ଏବଂ ତାମିଲନାଡୁର କିଛି ଅଂଶରେ ମୌସୁମୀ କାର୍ଯ୍ୟକଳାପ ତୀବ୍ର ହେବାରେ ଲାଗିଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଜୁନ୍ ୨୦୨୬ ବୁଧବାର





# ଏସ୍ଆଇଆର୍ କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ତଦାରଖ କଲେ ଜିଲ୍ଲାପାଳ

**କଟକ, ନ୍ୟୁଜ୍ ବ୍ୟୁରୋ**

ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଆଇଆର୍-୨୦୨୬) କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏଥିସହ କ୍ଷେତ୍ରସ୍ତରରେ ଚାଲିଥିବା ବୁଥ୍ ସ୍ତରୀୟ ଅଧିକାରୀ (BLO) ମାନଙ୍କ କାର୍ଯ୍ୟର ସମୀକ୍ଷା କରିଥିଲେ । ପରିଦର୍ଶନ ସମୟରେ BLO ମାନଙ୍କ ଦ୍ୱାରା କରାଯାଉଥିବା ଘରକୁ ଘର ଯାଇ ସର୍ଭେ, ଭୋଟର ତଥ୍ୟ ଯାଞ୍ଚ, ଫର୍ମ ବଣ୍ଟନ ଓ ସଂଗ୍ରହ ପ୍ରକ୍ରିୟା ତଦାରଖ କରିବା ସହ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଗ୍ରହଣ କରିଥିଲେ। ଏସ୍ଆଇଆର୍-୨୦୨୬ ଏନ୍ୟୁମେରେସନ୍ ପ୍ରକ୍ରିୟାର ତୃତୀୟ ଦିବସରେ ଘରକୁ ଘର ଯାଇ ଭୋଟରମାନଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ କାର୍ଯ୍ୟ ସୁଚାରୁରୂପେ ଜାରି ରହିଛି । ନିୟୋଜିତ ଏନ୍ୟୁମେରେସନ୍ ଟିମ୍ଗୁଡ଼ିକ ଭୋଟରଙ୍କ ବିବରଣୀ ଯାଞ୍ଚ କରିବା ସହିତ ଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରୁଛନ୍ତି। ସେହିପରି ନାଗରିକମାନଙ୍କୁ ସର୍ଭେ ପ୍ରକ୍ରିୟା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯାଉଛି । ଏଥିସହ ଫର୍ମ ସଂଗ୍ରହ କରି ଭୋଟରଙ୍କୁ ଗୋଟିଏ ଲେଖାଏଁ ପ୍ରାପ୍ତି ସ୍ୱୀକାର ପତ୍ର ମଧ୍ୟ ପ୍ରଦାନ କରାଯାଉଛି । ଜିଲ୍ଲାରେ ସମୁଦାୟ ଭୋଟର ସଂଖ୍ୟା ୨୦,୮୫,୭୭୯ ଜଣ ଥିବାବେଳେ ୧.୦୬.୨୦୨୬ ତାରିଖ ସୁଦ୍ଧା ୧,୦୬,୫୭୬ଟି ଏନ୍ୟୁମେରେସନ୍ ଫର୍ମ ବଣ୍ଟନ କରାଯାଇଛି । ବିଶେଷକରି ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨,୪୨,୧୨୯ ଜଣ ଭୋଟରଙ୍କ ମଧ୍ୟରୁ ୧୭,୦୭୧ଟି ଫର୍ମ ବଣ୍ଟନ ହୋଇସାରିଛି । ବୁଥ୍ ସ୍ତରୀୟ ଅଧିକାରୀମାନେ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପ ଲାଇନ୍ ନମ୍ବର ୧୯୫୦ ଏବଂ voters.eci.gov.in ପୋର୍ଟାଲ୍ୟ ଓ "Voter Helpline App" ସମ୍ପର୍କରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି । ସଠିକ୍ ନିର୍ବାଚନୀ ତାଲିକା ହେଉଛି ଦୃଢ଼ ଗଣତନ୍ତ୍ରର ମୂଳଦୁଆ ସେଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏହି ସଂଶୋଧନ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରି ସଠିକ୍ ଓ ନିର୍ଭୁଲ୍ ନିର୍ବାଚନୀ ତାଲିକା ପ୍ରସ୍ତୁତିରେ ସହଭାଗୀ ହେବାକୁ ଅନୁରୋଧ କରାଯାଇଛି ।

# ଘନଘନ ଏନ୍କାଉଣ୍ଟର ସତ୍ତ୍ୱେ ୧୫ ଦିନରେ ୩ ଜଣଙ୍କୁ ହତ୍ୟା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଲିସର ଏନ୍କାଉଣ୍ଟର ସତ୍ତ୍ୱେ ଭୟ ଛାଡ଼ି ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି ଅପରାଧୀ । ନିକଟରେ ପେସାଦାର ଅପରାଧୀଙ୍କୁ ଏନ୍କାଉଣ୍ଟର କରିବାକୁ ପୋଲିସ ମହାନିର୍ଦ୍ଦେଶକଙ୍କ ଚେତାବନୀ ପରେ ବ୍ରହ୍ମପୁରରେ ଆରମ୍ଭ ହୋଇଥିଲା ଏନ୍କାଉଣ୍ଟର। ବ୍ରହ୍ମପୁର ପୋଲିସ ଜିଲ୍ଲାରେ କ୍ରମାଗତ ଭାବେ ୫ଟି ଏନ୍କାଉଣ୍ଟର ହୋଇଥିବା ବେଳେ ଗତ ମଇ ୧୬ ତାରିଖରୁ ଏପର୍ଯ୍ୟନ୍ତ ୩ଟି ହତ୍ୟାକାଣ୍ଡ ଘଟିସାରିଛି । ଯାହା ଅପରାଧୀଙ୍କ ମନରୁ ପୋଲିସ ଓ ପୋଲିସର କାର୍ଯ୍ୟାନୁଷ୍ଠାନ ଉପରୁ ଭୟ ଛାଡ଼ି ଯାଇଥିବା ପ୍ରତୀୟମାନ ହେଉଛି । ଅର୍ଥାତ୍ ଅପରାଧୀମାନେ ନିର୍ଭୟରେ ଅପରାଧ ଘଟାଇ ପାଲଟା ପୋଲିସକୁ ଓପନ୍ ଚ୍ୟାଲେଞ୍ଜ ଦେଉଥିବାନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଗତ ମଇ ୧୬ ତାରିଖରେ ଖୋଡ଼ାସିଙ୍ଗି ଓଭରବ୍ରିଜ୍ ଉପରୁ ତଳକୁ ଶ୍ୟାମ ବେହେରା ନାମକ ଜଣେ ଯୁବକକୁ ଠେଲି ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ତଥା ଲାଞ୍ଜିପଲ୍ଲୀ ଡିପ ସାହିର ଦିପୁନା ନାୟକକୁ ଗୋପାଳପୁର ପୋଲିସ ଏନ୍କାଉଣ୍ଟର କରିଥିବା ବେଳେ ଗତ ୧୮ ତାରିଖରେ ଲାଞ୍ଜିପଲ୍ଲୀ ରେଡ଼ିକା ସାହି ନିବାସୀ ତଥା ପ୍ଲଟ୍ ବ୍ୟବସାୟୀ ଜି. ହନୁମନ୍ତ ରେଡ୍ଡିଙ୍କୁ ତାଙ୍କ ପତ୍ନୀ ଓ ପ୍ରେମିକ ମିଶି ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ତଦନ୍ତରେ ଜଣାପଡ଼ିଥିଲା । ଗିରିରୋଡ୍ ଠାରେ ହୋଇଥିବା ମୁକେଶ ରଥ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ତଥା ହିଲ୍ପାଟଣା ନିବାସୀ ମୁକେଶ ସାହୁଙ୍କୁ ଗତ ୨୧ ତାରିଖରେ ଟାଉନ୍ ଥାନା ପୋଲିସ ଏନ୍କାଉଣ୍ଟର କରିଥିଲା । ସେହିପରି ଗତ ୨୫ ତାରିଖରେ ବଡ଼ବଜାରୀ ଥାନା ପୋଲିସ ମଙ୍ଗଳା ବେହେରା ହତ୍ୟା ଉଦ୍ୟମ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁ ଓରଫ୍ ଜଗାକୁ ପୋଲିସ ଏନ୍କାଉଣ୍ଟର କରିଥିଲା। ସେହିଭଳି ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ମାମଲାରେ ଫେରାର୍ ଅଭିଯୁକ୍ତ ତଥା ବଡ଼ଗଡ଼ ଥାନା ଅନ୍ତର୍ଗତ ନାଉଗାଁର ରଞ୍ଜନ ମଲ୍ଲିକ ଓ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସିକିରି ପାଢ଼ୀ ସାହିର ସରୋଜ ପଣ୍ଡାଙ୍କୁ ପୋଲିସ ଏନ୍କାଉଣ୍ଟର କରିଥିଲା । ବିଭିନ୍ନ ଘଟଣା ପରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସାମ୍ବାଦିକ ସମ୍ମିଳନୀ ଜରିଆରେ ଅପରାଧିକ କାର୍ଯ୍ୟକଳାପରୁ ନିଜକୁ ଦୂରେଇ ନରହିଲେ ପୋଲିସ ଏନ୍କାଉଣ୍ଟର ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାବନୀ ଦେଇଥିଲା । ତଥାପି ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଅପରାଧିକ କାଣ୍ଡ ଘଟାଉଥିବା ଦେଖିବାକୁ ମିଳିଛି । ଗତ ୨୯ ତାରିଖରେ ଗୋଳନ୍ଥରା ଥାନା ଅଧିନସ୍ଥ ଚାନ୍ଦପୁର ଗ୍ରାମର ଭଣ୍ଡାରୀ ପୋଖରୀ ହୁଡ଼ାରେ ଚାନ୍ଦପୁର ହରିଜନ ସାହିର ଶାନ୍ତି ଦାସ ନାମକ ଜଣେ ବିଧବାଙ୍କୁ କାତିରେ ହାଣି ହତ୍ୟା କରି ଫୋପାଡ଼ି ଦିଆଯାଇଥିଲା । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି । ସେହିଭଳି ୩୧ ତାରିଖରେ ବିଳମ୍ବିତ ରାତିରେ ହିଲ୍ପାଟଣା ଅଞ୍ଚଳରେ ନରସିଂହ ବେହେରା ନାମକ ଜଣେ ଯୁବକଙ୍କୁ ଫୁଲକୁଣ୍ଡ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ପୋଲିସ ଘଟଣାର ତଦନ୍ତ କରିଥିଲେ ହେଁ ଏପର୍ଯ୍ୟନ୍ତ ଅଭିଯୁକ୍ତ ଚିହ୍ନଟ କରିପାରିନାହିଁ । ଇତି ମଧ୍ୟରେ ଅପରାଧିମାନେ ୩ଟି ହତ୍ୟାକାଣ୍ଡ ୨ଟି ଅପହରଣ ସହ ୬ରୁ ଉର୍ଦ୍ଧ୍ୱ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଅପରାଧ ଘଟାଇ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଥିବା ଜଣାପଡ଼ିଛି । ଯାହା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଥିବା ବେଳେ ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।




# ତମାଖୁ ସେବନ ମାରାତ୍ମକ ରୋଗ ସୃଷ୍ଟି କରାଏ

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେ ଆଇ ହେଲ୍ପ ୟୁ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୂର୍ଯ୍ୟଜିତ ରାଉତରାୟ ତମାଖୁ ସେବନ ଦ୍ୱାରା କର୍କଟ, ହୃଦ୍ରୋଗ ଭଳି ମାରାତ୍ମକ ରୋଗ ହୋଇଥାଏ ଓ ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଏ ବର୍ଷର ବାର୍ତ୍ତା ତମାଖୁ ଓ ନିକୋଟିନ୍ ନିଶା ପ୍ରତି ଆକର୍ଷଣ ସୃଷ୍ଟି କରୁଥିବା ଶିଳ୍ପକୁ ନିୟନ୍ତ୍ରଣ କରିବା, ନିଶାମୁକ୍ତ ସମାଜ ଗଢ଼ିବା ଏବଂ ତମାଖୁ ବର୍ଜନ ପାଇଁ ସଚେତନତା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରବନ୍ଧକ ଅଣ ସଂକ୍ରମକ ରୋଗ ମୌସୁମୀ ସାମଲ ପ୍ରମୁଖ ତମାଖୁ ବର୍ଜନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ତମାଖୁ ବର୍ଜନ ପାଇଁ ଶପଥ ପାଠ କରାଯାଇଥିଲା । ତମାଖୁ ବର୍ଜନ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମେ ଆଇ ହେଲ୍ପ ୟୁ ସଂଗଠନର ସମ୍ପାଦକ ଉବାଚକ ମହାନ୍ତି, ସସ୍ମିତା ମହାନ୍ତି, ଅନୁପମା ଦାଶ, ସୁସ୍ମିତା ଦାସମଙ୍ଗରାଜ ଓ ଦମୟନ୍ତୀ ଶତପଥୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ସମାଜ ମଙ୍ଗଳ ବିଭାଗର ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା (ସାଧାରଣ) ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷୁମ୍ନା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସୁଭଦ୍ରା ଯୋଜନାର ଆବେଦନ ପତ୍ରର ତଦନ୍ତ ଓ ଅଭିଯୋଗ ପତ୍ରର ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମମତା ଯୋଜନା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନାର ପ୍ରଥମ ଓ ଦ୍ୱିତୀୟ କିସ୍ତି ସଠିକ୍ ସମୟରେ ପ୍ରଦାନ ଏବଂ ନାମ ପଞ୍ଜିକରଣ ପ୍ରକ୍ରିୟାକୁ ତ୍ୱରିତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ପୋଷଣ ଯୋଜନାରେ ଶିଶୁଙ୍କର ଉଚ୍ଚତା ଓ ଓଜନ ସଠିକ୍ ନିରୁପଣ କରିବା ପାଇଁ ଉପସ୍ଥିତ ଥିବା କର୍ମଚାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆୟୁଷ୍ମାନ୍ ଭାରତ, ସ୍ୱାସ୍ଥ୍ୟକାର୍ଡ ସମସ୍ତ ହିତାଧିକାରୀଙ୍କ କରିବା ପାଇଁ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଧାର ନଥିବା ହିତାଧିକାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଆଧାର ଶିବିର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମହିଳା ସଶକ୍ତିକରଣ ଯୋଜନାରେ ବେଟୀ ପଢ଼ାଓ, ବେଟୀ ବଚାଓ ଓ ଆଦବିକା କାର୍ଯ୍ୟକ୍ରମରେ ତ୍ୱରାନ୍ୱିତ କରିବାପାଇଁ ଜିଲ୍ଲାପାଳ ଏହି ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ଆୟୋଜିତ ଏହି ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକରେ ପ୍ରୋଗ୍ରାମ୍ ଅଫିସର୍ ଡିପିସି ମମତା, ଡିସି ପୋଷଣଙ୍କ ସମେତ ସମସ୍ତ ସିଡିପିଓ, ସୁପରଭାଇଜର୍ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ପୋଷଣ ଜିଲ୍ଲା ସଂଯୋଜକ ସଞ୍ଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଲୋକ ନୃତ୍ୟ ଗୁରୁ ରଞ୍ଜନ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରତିଷ୍ଠିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତାର ଗଭର୍ନିଙ୍ଗ ବୋର୍ଡର କାର୍ଯ୍ୟକାରୀ ସଦସ୍ୟ ଭାବେ ସମ୍ବଲପୁରର ବିଶିଷ୍ଟ ଲୋକନୃତ୍ୟ ଗୁରୁ ରଞ୍ଜନ କୁମାର ସାହୁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ସମେତ ସମଗ୍ର ଓଡ଼ିଶାର କଳାକାର ମହଲରେ ଖୁସିର ଲହରୀ ଖେଳିଯାଇଛି। ପଏଁରୀ ଅନୁଷ୍ଠାନର ଉପସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠାନରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଯଥା- ପଏଁରୀ, ସୋନପୁର, ଦୁଲଦୁଲି କଳା ପରିଷଦ, ବଲାଙ୍ଗୀର, ଭୀମ ଭୋଇ କଳା ପରିଷଦ, ସୋନପୁର, ମା' ମାହେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ, ଘୋଡାଧାର ଓ ତାଙ୍କ ଶିଷ୍ୟ ସହିତ କଳାକାରମାନେ ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେ ଜାତୀୟ ସ୍ତରରେ ଓଡ଼ିଶାର କଳା, ଐତିହ୍ୟ ଓ ଲୋକନୃତ୍ୟର ପ୍ରଚାର ପ୍ରସାରକୁ ଆହୁରି ବ୍ୟାପକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ନିଜର ବକ୍ତବ୍ୟରେ ସୂଚନା ଦେଇଥିଲେ। ସେ ଓଡ଼ିଶାର ୩୦ଟି ଜିଲ୍ଲାର ଲୋକ କଳା, ଲୋକ ନୃତ୍ୟ ଓ ଲୋକ ସଂସ୍କୃତି କିପରି ଆଗକୁ ଯିବ ସେ ବିଷୟରେ କମିଟି ଆଗରେ ଉପସ୍ଥାପନ କରିବେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ପଏଁରୀ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନ କାର୍ଯ୍ୟକାରି ସଦସ୍ୟ ସୌମ୍ୟ ରଞ୍ଜନ ସେଠି ସମେତ ଦୁଲ ଦୁଲି କଳା ପରିଷଦର ସମ୍ପାଦକ ବାସୁଦେବ ସା, ଭୀମ ଭୋଇ କଳା ପରିଷଦର ସମ୍ପାଦକ ଉମେଶ କୁମ୍ଭାର, କଣ୍ଠ ଶିଳ୍ପୀ ଶତ୍ରୁଘ୍ନ ଲୁହା, କଳାକାର ସ୍ୱରୂପା ସିଂ, ଜଗନ୍ନାଥ ସୁନା, କାଜଲ ବିଦ୍ୟାଧର, ନିରାକାର ଦେହୁରୀ ଓ ମନୋଜ ବାବୁ ଉପସ୍ଥିତି ଥିଲେ । ଶେଷରେ ପଏଁରୀ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ଧନ୍ୟବାଦ ପ୍ରଦାନ କରିଥିଲେ।

# ଏସ୍ଆଇଆର୍ ନିମନ୍ତେ ବରଗଡ଼ ଜିଲ୍ଲାରେ ବ୍ୟାପକ ଜନସଚେତନତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଦିତ୍ୟ ଗୟଲଙ୍କ ନେତୃତ୍ୱରେ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ବା ଏସ୍ଆଇଆର୍-୨୦୨୬ ସମ୍ପର୍କରେ ସମଗ୍ର ଜିଲ୍ଲାବାସୀ ତଥା




ମତଦାତାଙ୍କ ମଧ୍ୟରେ ସଠିକ୍ ସୂଚନା ପହଞ୍ଚାଇବା ସହ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଜିଲ୍ଲାବ୍ୟାପୀ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲାର ସମସ୍ତ ବିଏଲ୍ଓ ଘରକୁ ଘର ପରିଦର୍ଶନ କରି ପରିଗଣନା ଫର୍ମ ପ୍ରଦାନ କରିବା ସମୟରେ ଫର୍ମଟିକୁ ସଠିକ୍ ଭାବରେ ପୂରଣ କରିବାରେ ସମସ୍ତଙ୍କୁ ସମ୍ପୂର୍ଣ୍ଣ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବା ସହ ଏସ୍ଆଇଆର୍ ବିଷୟରେ ସଚେତନ କରୁଥିବାବେଳେ ପ୍ରଚାର ଯାନରେ ଡାକବାଜି ଯନ୍ତ୍ର ଯୋଗେ ସମଗ୍ର ଜିଲ୍ଲାରେ ଏସ୍ଆଇଆର୍ ସମ୍ପର୍କିତ ସଚେତନତା ବାର୍ତ୍ତାର ପ୍ରଚାର ପ୍ରସାର କରାଯାଉଛି । ସେହିପରି ଜିଲ୍ଲାର ସମସ୍ତ ପୌରାଞ୍ଚଳରେ ଏଲ୍ଇଡି ସ୍କ୍ରିନ୍ ମାଧ୍ୟମରେ ସଚେତନତାମୂଳକ ଭିଡିଓ ଓ ବାର୍ତ୍ତା ପ୍ରଦର୍ଶନ କରାଯାଉଛି । ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ଜିଲ୍ଲାର କମ୍ୟୁନିଟି ରେଡିଓ କେନ୍ଦ୍ର ମାଧ୍ୟମରେ ଏସ୍ଆଇଆର୍ ଉପରେ ରେଡିଓ ଜିଙ୍ଗଲ ପ୍ରସାରଣ କରିବା ସହ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ସାର୍ବଜନୀନ ସ୍ଥାନ ଓ ବିଭିନ୍ନ ଜନସମାଗମ ସ୍ଥଳରେ ପାମ୍ଫ୍ଲେଟ୍ ଓ ଲିଫ୍ଲେଟ୍ ବଣ୍ଟନ କରାଯାଉଛି। ଜିଲ୍ଲାର ପ୍ରମୁଖ ତଥା ଜନଗହଳୀପୂର୍ଣ୍ଣ ସ୍ଥାନମାନଙ୍କରେ ହୋର୍ଡିଂ ଓ ସଚେତନତା ବାର୍ତ୍ତା ସହିତ ସାଇନେଜ୍ ସ୍ଥାପନ କରାଯାଇଛି। ଏତଦ୍‌ବ୍ୟତୀତ, ଭୋଟର ତାଲିକାରେ ନାମ ପଞ୍ଜିକରଣ, ସଂଶୋଧନ କିମ୍ବା ସ୍ଥାନାନ୍ତରଣ ଭଳି ବିଭିନ୍ନ ବିଷୟରେ ଆବଶ୍ୟକ ସୂଚନା ପ୍ରଦାନ କରିବା ସହ ଏସ୍ଆଇଆର୍ ସମ୍ବନ୍ଧୀୟ ସୂଚନା ଓ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ସହାୟତା କେନ୍ଦ୍ରମାନ ଖୋଲାଯାଇଛି । ଏସ୍ଆଇଆର୍ ସମ୍ପର୍କିତ ଭ୍ରାନ୍ତ ସୂଚନା ଓ ଗୁଜବ ଉପରେ ନଜର ରଖାଯାଇ ତ୍ୱରିତ ଭାବେ ସଠିକ୍ ପ୍ରାମାଣିକ ସୂଚନାର ପ୍ରସାର ପ୍ରଚାର ପାଇଁ ଜିଲ୍ଲା ମୁଖ୍ୟାଳୟରେ ଏକ ମିଡିଆ କମ୍ୟୁନିକେସନ୍ ରୁମ୍ ସ୍ଥାପନ କରାଯାଇଛି । ଏହି ଅବସରରେ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ଗୟଲ ସମଗ୍ର ଜିଲ୍ଲାବାସୀ ତଥା ସମସ୍ତ ମତଦାତା ଏସ୍ଆଇଆର୍ ସମ୍ପର୍କିତ କୌଣସି ଭ୍ରାନ୍ତ ସୂଚନା ଓ ଗୁଜବ ଉପରେ ବିଶ୍ୱାସ ନକରି ଜିଲ୍ଲା ପ୍ରଶାସନର ସଚେତନତା ଅଭିଯାନରେ ସକ୍ରିୟ ଭାଗିଦାର ହେବା ସହ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ୍ କରିଛନ୍ତି।

# କେନ୍ଦୁଝର ଜିଲ୍ଲାରେ ଏସ୍ଆଇଆର୍ ପାଇଁ ସଚେତନତା ରଥର ଶୁଭାରମ୍ଭ




**କେନ୍ଦୁଝର, ନ୍ୟୁଜ୍**

ଭୋଟର ତାଲିକାର ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ରେ ସର୍ବାଧିକ ଭୋଟର ସଚେତନତା ଏବଂ ଅଂଶଗ୍ରହଣ ନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସୋମବାର ଦିନ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ଦ୍ୱାରା ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ସଚେତନତା ଗାଡ଼ି ଜିଲ୍ଲାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପରିକ୍ରମା କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ, ଭୋଟର ନାମ ପଞ୍ଜୀକରଣ, ଭୋଟର ସୂଚନାର ସଂଶୋଧନ, ଅଯୋଗ୍ୟ ନାମ ବାଦ୍ ଦେବା ଏବଂ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ୍ କରିବା ସମ୍ପର୍କରେ ସୂଚନା ପ୍ରଦାନ କରିବ। ଏହି ଅବସରରେ ଜିଲ୍ଲାପାଳ ଏକ ସ୍ୱଚ୍ଛ, ସଠିକ୍ ଏବଂ ସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ଯୋଗ୍ୟ ନାଗରିକ, ବିଶେଷ କରି ପ୍ରଥମ ଥର ପାଇଁ ଭୋଟ୍ ଦେବାକୁ ଥିବା ଭୋଟରମାନଙ୍କୁ ଏହି ସଂଶୋଧନ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏହି ସଚେତନତା ଅଭିଯାନର ଉଦ୍ଦେଶ୍ୟ ହେଉଛି ସମାଜର ପ୍ରତ୍ୟେକ ବର୍ଗ ପାଖରେ ପହଞ୍ଚିବା ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନାଗରିକମାନଙ୍କୁ ସେମାନଙ୍କର ଭୋଟର ବିବରଣୀ ଯାଞ୍ଚ ଓ ଅପଡେଟ୍ କରିବା ପାଇଁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର (ନିର୍ବାଚନ) ଅରୁଣିମା ସାହୁ, ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ଛଅଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏସ୍ଆଇଆର୍-୨୦୨୬ର ସଫଳ ରୂପାୟନ ନିଶ୍ଚିତ କରିବା ପାଇଁ ଅଧିକାରୀମାନେ ସେମାନଙ୍କର ପ୍ରତିବଦ୍ଧତା ଦୋହରାଇଥିଲେ। ଏହି ସଚେତନତା ରଥରେ ଅଡିଓ-ଭିଜୁଆଲ୍ ପ୍ରଚାର ସାମଗ୍ରୀ ଏବଂ ଭୋଟର ସଚେତନତା ବାର୍ତ୍ତା ରହିଛି। ଏହା ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକ, ଗ୍ରାମ ପଞ୍ଚାୟତ ଏବଂ ସହରୀ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ପରିକ୍ରମା କରିବ।

# ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଲେ ରଘୁନାଥପଲ୍ଲୀ ନେତୃବୃନ୍ଦ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ଗତ ୩୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଏଲ୍ଇଡି ମାଧ୍ୟମରେ ଶୁଣିବା ପାଇଁ ସେକ୍ଟର-୧୮ ସ୍ଥିତ ଉପହାର ହଲ୍ରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ଆୟୋଜନରେ ଏହି କ୍ଷେତ୍ରର ନେତୃବୃନ୍ଦ ଓ କର୍ମୀ ଏକତ୍ରିତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଜରିଆରେ ପୂର୍ବାହ୍ନ ୧୧.୦୦ ସମୟରେ ପ୍ରଚାରିତ ହେବାମାତ୍ରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇଥିଲେ । ମନ୍ କି ବାତ୍ରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତର କ୍ରୀଡ଼ା କ୍ଷେତ୍ରର ସଫଳତା ଏବଂ ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ସେ ଦେଶୀୟ ପାନୀୟ, ଜ୍ଞାନ ଭାରତମ୍ ଅଭିଯାନ, ଖଗୋଳ ବିଜ୍ଞାନ, ଗଙ୍ଗା ଡଲ୍ଫିନ୍ ସଂରକ୍ଷଣ, ସ୍ୱଚ୍ଛତା ଏବଂ ଦାନର ଗୁରୁତ୍ୱ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମଧ୍ୟ ମତ ପ୍ରକାଶ କରିଥିଲେ ସେ ଚୋଳ ରାଜବଂଶର ତାମ୍ରପଟ ଯାହା ନେଦରଲ୍ୟାଣ୍ଡରୁ ଭାରତକୁ ଫେରାଇ ଅଣାଯାଇଛି, ସେ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହା ସହିତ ସେ ଗ୍ରୀଷ୍ମ ଋତୁରେ ସତର୍କ ରହିବା, ଅଧିକ ପାଣି ପିଇବା ଏବଂ ତାପଜନିତ ସମସ୍ୟାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ । ବିଧାୟକ ବହୁ ଧାନର ସହିତ ଏହି କାର୍ଯ୍ୟକ୍ରମକୁ ଦେଖିବା ଓ ଶ୍ରବଣ କରିବା ସହିତ ପ୍ରଧାନମନ୍ତ୍ରୀଙ୍କୁ ବହୁତ ପ୍ରଂଶସା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ହାଁସଦା, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର। ଜିଲ୍ଲା ଉପସଭାପତି ସତ୍ୟପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ, ଜିଲ୍ଲା ସମ୍ପାଦିକା ନମ୍ରତା ବାଗ, ବରିଷ୍ଠ ନେତା ମୁରଲୀ ଗୌଡ଼, ଏସ୍ଏନ୍ ପାତ୍ର, ଦୋଳଗୋବିନ୍ଦ ଦାସ, ମଳୟ ମହାପାତ୍ର, ସରୋଜ ଦାସ, ଶଶାଙ୍କ ଶେଖର ଜେନା, ସନ୍ତୋଷ ବେହେରା, ଅଶୋକ ଲେଙ୍କା, ସୁବ୍ରତ ପଟ୍ଟନାୟକ, ଅଜୟ କଂସାରୀ, ଅକ୍ଷୟ ଦାଶ, ପ୍ରଫୁଲ୍ଲ ମିଶ୍ର, ମନୋଜ ପଟ୍ଟନାୟକ, ଦିଲ୍ଲୀପ କୁମାର ଦାଶ, ପରେଶ କୁମାର ମିଶ୍ର, ରୋହିତ ତନ୍ତୀ, ରବି ମିଶ୍ର, ମଣ୍ଡଳ ସଭାପତି ମନୋଜ ସ୍ୱାଇଁ ଓ ପ୍ରତିମା ରାଉତ, ଗାଡୁ ବାଗ, ଗୌତମ ବାଡ଼ା, ରବୀନ୍ଦ୍ର ବାରିକ୍, ନିରଞ୍ଜନ ପଟେଲ, ପ୍ରଭାସ ସାମଲ, ବଳରାମ ସମାସୀ, ପ୍ରେମ ଚାନ୍ଦ ପଶାୟତ, ପୁଷ୍ପା ସାହୁ, ନମିତା ସେନାପତି, ହେମନ୍ତ ଜେନା, ପ୍ରଶାନ୍ତ ଦାସ, ସଂଗ୍ରାମ ପ୍ରଧାନ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଅକ୍ଷୁର ମାର୍ଥା, ସର୍ବେଶ୍ୱର ଦାସ, ଅମୂଲ୍ୟ କୁମାର ମିଶ୍ର, ବିଶ୍ୱମ୍ଭର ମିଶ୍ରଙ୍କ ସମେତ ଜିଲ୍ଲା, ମଣ୍ଡଳ, ବୁଥ୍ କମିଟିର କାର୍ଯ୍ୟକର୍ତ୍ତା ଓ କର୍ମୀ ଆଦି ୩୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ ।

# ପ୍ରୀତିଛନ୍ଦା ହେଲେ କଟକ ଜିଲ୍ଲା ମହିଳା କଂଗ୍ରେସ ସଭାପତି



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ, କୁହୁଣ୍ଡା ପଞ୍ଚାୟତ ଅଧିନ କଲ୍ୟାଣପୁର ଗ୍ରାମର ମହିଳା ପ୍ରିତିଛନ୍ଦା କୈବଲ୍ୟ ନାୟକ ହେଲେ କଟକ ଜିଲ୍ଲା ମହିଳା କଂଗ୍ରେସ ସଭାପତି। ପୂର୍ବରୁ ସେ ଜିଲ୍ଲା ମହିଳା କଂଗ୍ରେସ ଓ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଭାବେ କାର୍ଯ୍ୟ କରିଛନ୍ତି । ଯୋଗ୍ୟତା ଆଧାରରେ ସର୍ବ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲମ୍ବା ଏହି ନିଯୁକ୍ତି ଦେଇଥିବା ସୂଚନା ମିଳିଛି । ନିଯୁକ୍ତି ସୂଚନା ପରେ କଟକ ଜିଲ୍ଲା କଂଗ୍ରେସ କର୍ମୀଙ୍କ ମହଲରେ ଖୁସିର ଲହର ଖେଳିଯାଇଛି। କଟକ ପୋତା ପୋଖରୀ ଅଞ୍ଚଳରେ ରହୁଥିବା ପ୍ରୀତିଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ନିଯୁକ୍ତି ପାଇଁ ଜିଲ୍ଲା କଂଗ୍ରେସ ସଭାପତି, ରାଜ୍ୟ ସଭାପତି, ରାଜ୍ୟ ମହିଳା କଂଗ୍ରେସ ସଭାପତି ଓ ସର୍ବୋପରେ ଜାତୀୟ ମହିଳା କଂଗ୍ରେସ ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି ପ୍ରୀତି।

# ଶିଳାନ୍ୟାସର ବର୍ଷେ ପରେବି ଅବହେଳିତ ଗୋହିରାଟିକିରି ପୀଠ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**





ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବଙ୍କ ବୀରତ୍ୱ ଓ ଆତ୍ମବଳିଦାନର ମୂକସାକ୍ଷୀ ଐତିହାସିକ ଗୋହିରାଟିକିରି ପୀଠ ଆଜି ବି ବିକାଶ ପାଇଁ ଚାତକ ଭଳି ଚାହିଁ ରହିଛି। ଗତ ବର୍ଷ ଜୁନ୍ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭଦ୍ରକ ସହର ଉପକଣ୍ଠ ରାହାଞ୍ଜା ନିକଟ ରମ୍ଭିଳାଠାରେ ଆୟୋଜିତ ଏକ ଭବ୍ୟ ସଭାରେ ପ୍ରାୟ ୧୦ କୋଟି ଟଙ୍କାର ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଖୁବ୍ଶୀଘ୍ର କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ଆଜି ଏହି ପ୍ରତିଶ୍ରୁତିର ବର୍ଷେ ପୂରିଥିଲେ ମଧ୍ୟ କାମ ୧୦ ପ୍ରତିଶତ ବି ଆଗେଇପାରିନାହିଁ। ସରକାରୀ ଆଡ଼ମ୍ବର ମଧ୍ୟରେ ଶିଳାନ୍ୟାସ ଶେଷ ହେଲା ସତ, କିନ୍ତୁ ବାସ୍ତବ ପ୍ରକଳ୍ପ ଏବେବି କାଗଜପତ୍ର ଓ ମନ୍ଥର ନୀତି ମଧ୍ୟରେ ଛନ୍ଦି ହୋଇ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ଗତ ନଭେମ୍ବର ୨୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ପୀଠ ପରିଦର୍ଶନ କରି ଦୋବଲ କାଳୀପଡ଼ିଆ ସଭାରେ ଆଉ ୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ସେନାପତିଆ ପୋଖରୀର ଉନ୍ନତିକରଣ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ନିର୍ମାଣର ଯୋଜନା ରହିଥିଲା। ବର୍ଷକ ଭିତରେ ପ୍ରାୟ ୧୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା ହୋଇଥିବାବେଳେ ମିଳିଥିବା ସୂଚନା ମୁତାବକ, ଏଯାଏଁ ମାତ୍ର ୬ କୋଟି ଟଙ୍କାର ମଞ୍ଜୁରୀ ମିଳିଛି ଏବଂ କେବଳ ୫.୮୬ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। ଚଳିତ ମାର୍ଚ୍ଚ ମାସରୁ ଯେନତେନ ପ୍ରକାରେ କାମ ଆରମ୍ଭ ହୋଇଥିଲେ ବି ଏହାର ଗତି ଅତ୍ୟନ୍ତ ନୈରାଶ୍ୟଜନକ। ପ୍ରକଳ୍ପର ପ୍ରସ୍ତାବ ଅନୁସାରେ ପୀଠରେ ଏକ ନୂତନ ପାଠାଗାର ନିର୍ମାଣ ହେବାରଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ଏବେ ପୀଠରେ ଥିବା ଏକମାତ୍ର କଲ୍ୟାଣ ମଣ୍ଡପକୁ ପାଠାଗାରରେ ରୂପାନ୍ତରିତ କରିବାକୁ ସ୍ଥାନୀୟ ପ୍ରଶାସନ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ମୁସ୍ତଫାପୁର ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାମନଗର ବ୍ଲକ ଉପାଧ୍ୟକ୍ଷ ତଥା ସ୍ଥାନୀୟ ସମିତି ସଭ୍ୟ ଜଗବନ୍ଧୁ ପ୍ରଧାନ କହିଛନ୍ତି, କଲ୍ୟାଣ ମଣ୍ଡପଟି ଗ୍ରାମବାସୀଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟରେ ବ୍ୟବହାର ହେଉଛି। ଏହାକୁ ନଷ୍ଟ ନକରି ନୂଆ ପାଠାଗାର ନିର୍ମାଣ କରାଯାଉ। ୨୮ ନଭେମ୍ବର ୨୦୧୬ରେ ତତ୍କାଳୀନ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ। ହେଲେ ୮ ବର୍ଷ ପରେ ବି ଏଠାରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ପର୍ଯ୍ୟଟକଙ୍କ ପାଇଁ ରହଣି ସ୍ଥଳ, ବିଶ୍ରାମ ଗୃହ, ଶୌଚାଳୟ କିମ୍ବା ପାନୀୟ ଜଳର ସୁବିଧାନାହିଁ। ବଣଭୋଜି ପାଇଁ ପିଣ୍ଡିଟିଏ ସୁଦ୍ଧା ନିର୍ମାଣ କରାଯାଇନାହିଁ। ପୀଠକୁ ସଂଯୋଗ କରୁଥିବା ଦୋବଲ ବଜାରରୁ ଗୋବିନ୍ଦାଗଡ଼ିଆ ଗେଙ୍ଗୁଟି ନଦୀବନ୍ଧ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ହୋଇ ଆସିଥିବା କଂକ୍ରିଟ ରାସ୍ତାଟି ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଓଡ଼ିଶା ଇତିହାସରେ ଗୋହିରାଟିକିରି ଏକ ସ୍ମରଣୀୟ ତଥା ସମ୍ବେଦନଶୀଳ ସ୍ଥାନ। ୧୫୬୮ ମସିହାରେ ଏହିଠାରେ ହିଁ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଏବଂ ବଙ୍ଗର ସୁଲତାନଙ୍କ ମଧ୍ୟରେ ଶେଷ ଐତିହାସିକ ଯୁଦ୍ଧ ହୋଇଥିଲା। ଯେଉଁଠାରେ ଓଡ଼ିଶା ତାର ସ୍ୱାଧୀନତା ହରାଇଥିଲା। ଏହି ଐତିହାସିକ ପୀଠର ସୁରକ୍ଷା ଓ ବିକାଶ ଓଡ଼ିଆ ଅସ୍ମିତାର ପ୍ରତୀକ। ୟୁନେସ୍କୋ ପ୍ରତିନିଧି ଦଳ ମଧ୍ୟ ଏହି ପୀଠର ଗୁରୁତ୍ୱ ଅନୁଧ୍ୟାନ କରିସାରିଛନ୍ତି। ଏଭଳି ସ୍ଥିତିରେ ସରକାର ଓ ପ୍ରଶାସନ କେବଳ ଭାଷଣ ଓ ଶିଳାନ୍ୟାସରେ ସୀମିତ ନରହି ତୁରନ୍ତ ବାସ୍ତବ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାମଚରିତ ମାନସ ନବାହ୍ନ ପାରାୟଣ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୩ ନମ୍ବର ୱାର୍ଡ଼ ପାଇକରାପୁର ଗ୍ରାମରେ ନବଦିନ ବ୍ୟାପି ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଗ୍ରାମର ଶ୍ୟାମାଶ୍ୟାମ ଯୁବକ ସଂଘ ଆନୁକୁଲ୍ୟରେ ପାଇକରାପୁର ମଝି ସାହିରେ ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଶୁଭାଧିବାସ, ଅଙ୍କୁରାରୋପଣ, ବିଭିନ୍ନ ଉପଚାର ପୂଜା ଆଦି ନିଷ୍ଠାର ସହ ସମ୍ପନ୍ନ କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ସୁପ୍ରତିଷ୍ଠିତ ପ୍ରବାଚକ ମାନଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ ଓ ରାମାୟଣ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମରେ ବହୁ ଜନସମାଗମ ହେଉଥିବା ଦେଖିବାକୁ ମିଳିଛି । ଆସନ୍ତା ଗୁରୁବାର ଦିନ ପୂର୍ଣ୍ଣାହୁତି ଓ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକମାନଙ୍କ ସୂତ୍ରରୁ ପ୍ରକାଶ ।

# ଅସହାୟ ବୃଦ୍ଧାଙ୍କ ଶବ ସତ୍କାର କଲା ନିଷ୍ଠା ପରିବାର:ମୁଖାଗ୍ନି ଦେଲେ ନିଷ୍ଠା ପରିବାରର ସଭାପତି



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଶ୍ୱାଳ ଟିକ୍ରା କେନାଲ କଡରେ ରହିଆସୁଥିଲେ ରତନ ବରଗ୍ତି ଓ ତାଙ୍କ ଧର୍ମପତ୍ନୀ ରେଖା ବରଗ୍ତି (୬୫ବର୍ଷ)। ଚାରି ପାଞ୍ଚ ବର୍ଷ ପୂର୍ବରୁ ରତନ ବର୍ଗ୍ତିଙ୍କ ଦେହାନ୍ତ ହୋଇଯାଇଥିଲା। ତାଙ୍କ ସ୍ତ୍ରୀ ରେଖା ବର୍ଗ୍ତି ଘରେ ଏକା ଥିଲେ ଦିନ ମଜୁରିଆ ଭାବରେ କାମ କରି କଷ୍ଟେ ମଷ୍ଟେ ଚଳିଯାଉଥିଲେ । ଗତ ବର୍ଷରୁ ସେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ନିଷ୍ଠା ପରିବାର ତରଫରୁ ତାଙ୍କର ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ମଧ୍ୟ କରାଯାଇଥିଲା। ଗତ କିଛି ଦିନ ହେଲା ସେ ସମ୍ପୂର୍ଣ୍ଣ ଅସୁସ୍ଥ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ନିଷ୍ଠା ପରିବାର ତରଫରୁ ଶବ ସତ୍କାରର ସମସ୍ତ ବ୍ୟବସ୍ଥା କରାଯାଇଥିଲା। ତାଙ୍କ ଦୂର ସମ୍ପର୍କୀୟ କାର୍ତ୍ତିକ ଧରୁଆ, କାନ୍ତ ଲାମା, ସୋନୁ ଲାମା ବୁର୍ଲାରୁ ଆସି ଶବ ସତ୍କାରରେ ସହଯୋଗ କରିଥିବା ବେଳେ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ ମୁଖାଗ୍ନୀ ଦେଇଥିଲେ। କୋଷାଧକ୍ଷ ଶ୍ୟାମସୁନ୍ଦର ସାହୁ, କ୍ଷୀର ବନଛୋର, ଡାକ୍ତର ମହାନନ୍ଦ ଖଣ୍ଡହଥା ଶ୍ମଶାନ ଘାଟରେ ଶବ ସତ୍କାର କରିଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଜୁନ୍ ୨୦୨୬ ବୁଧବାର





## କୁଚିଣ୍ଡାରେ ଶିଶୁ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏନ୍ଏସି ସହର ଭିତରେ ମୋଟର ଯାନ ଆଇନ୍ ଏବଂ ବାଲ୍ ଶ୍ରମ ନିଷେଧ ଆଇନର ଗୁରୁତର ଉଲ୍ଲଂଘନ ହେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ସହରର ବ୍ୟସ୍ତବହୁଳ ମୁଖ୍ୟ ରାସ୍ତା ଏବଂ ବିଭିନ୍ନ ୱାର୍ଡ ଭିତରେ ୧୮ ବର୍ଷରୁ କମ୍ ବୟସର ନାବାଳକମାନଙ୍କ ଦ୍ୱାରା ଅତି ଦ୍ରୁତ ଗତିରେ ଟ୍ରାକ୍ଟର ଚଳାଯାଉଛି। କେବଳ ଚେକିଂ ନୁହେଁ, ଏହି ଗାଡ଼ିଗୁଡ଼ିକରେ କୋମଳମତି ଶିଶୁମାନଙ୍କୁ ଶ୍ରମିକ ଭାବେ ଖଟାଯାଇ ବିପଜ୍ଜନକ କାର୍ଯ୍ୟ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଆଇନଗତ ଭାବେ ଏହା ଏକ ଦଣ୍ଡନୀୟ ଅପରାଧ ହୋଇଥିବା ସତ୍ତ୍ୱେ ମଧ୍ୟ ସହର ଭିତରେ ଏଭଳି କାରବାର ବେଧଡ଼କ ଚାଲିଛି। କୁଚିଣ୍ଡା ଏନ୍ଏସି ଭଳି ଏକ ଜନବହୁଳ ଅଞ୍ଚଳ ପରିଷ୍କାର, ଯେଉଁଠାରେ ନିୟମିତ ଭାବେ ଟ୍ରାଫିକ୍ ନିୟନ୍ତ୍ରଣ ଓ ପ୍ରଶାସନିକ ନଜର ରହିବା କଥା, ସେଠାରେ ଦିନଦ୍ୱିପ୍ରହରରେ ଏଭଳି ବେଆଇନ କାର୍ଯ୍ୟ ଚାଲିବା ସ୍ଥାନୀୟ ପୋଲିସ ଓ ସମ୍ବଲପୁର ଆରଟିଓ ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିନା ଡ୍ରାଇଭିଂ ଲାଇସେନ୍ସ କିମ୍ବା ଅଭିଜ୍ଞତାରେ ନାବାଳକମାନେ ଭାରି ଯାନ ଚଲାଉଥିବାରୁ ଏହା ସହରର ସାଧାରଣ ଯାତାୟାତ ବ୍ୟବସ୍ଥାକୁ ବିପଦସଙ୍କୁଳ କରିଦେଇଛି। ସେହିପରି ଶ୍ରମ ବିଭାଗର ନିରବତା ଯୋଗୁ ଟ୍ରାକ୍ଟର ମାଲିକମାନେ ଆଇନକୁ ହାତକୁ ନେବାକୁ ସାହସ ମଣୁଛନ୍ତି। ଛୋଟ ଛୋଟ ପିଲାମାନଙ୍କୁ ବିପଜ୍ଜନକ ଭାରି ଗାଡ଼ିରେ ହେଲ୍ପର କିମ୍ବା ଲୋଡିଂ-ଅନ୍ଲୋଡିଂ କାମରେ ଲଗାଇ ସେମାନଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଛି। ଏହି ସମ୍ବେଦନଶୀଳ ମୁଦ୍ଦା ପ୍ରତି ଶ୍ରମ ବିଭାଗ ଏବଂ ଶିଶୁ ସୁରକ୍ଷା ସମିତିର ଉଦାସୀନତା ଅତ୍ୟନ୍ତ ଚିନ୍ତାଜନକ। ଏବେ ଆଇନ୍ କାର୍ଯ୍ୟକଳାପ ଉପରେ ତୁରନ୍ତ ରୋକ୍ ଲଗାଇବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ପକ୍ଷରୁ ସହରର ବିଭିନ୍ନ ଛକରେ ସପ୍ତାହ୍ୟେ ଚେକିଂ କରାଯିବା ଜରୁରୀ ହୋଇପଡ଼ିଛି। ନାବାଳକଙ୍କ ଗାଡ଼ି ଚଲାଇବାକୁ ଦେଉଥିବା ଏବଂ ଶିଶୁ ଶ୍ରମିକ ଖଟାଉଥିବା ଟ୍ରାକ୍ଟର ମାଲିକଙ୍କ ବିରୋଧରେ ମୋଟା ଅଙ୍କର ଜରିମାନା ସହ ସେମାନଙ୍କ ଗାଡ଼ି ଜବତ କରିବା ପାଇଁ ବିଭିନ୍ନ ମହଲରୁ ଦୃଢ଼ ଦାବି ଉଠିଛି। ଯଦି ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ନଦିଏ, ତେବେ ଏହା ଆଗାମୀ ଦିନରେ ଏକ ବଡ଼ ଦୁର୍ଘଟଣାକୁ ନିମନ୍ତ୍ରଣ କରିବ।

## ପାଣି ସମସ୍ୟାରେ ଗ୍ରାମବାସୀ:ଅଚଳ ନଳକୂଅ ମରାମତି ପାଇଁ ଦାବି



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ବାଛି ସାହିରେ ନଳକୂପ ଅଚଳ ଯୋଗୁ ଗ୍ରାମବାସୀ ନାଳରୁ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି। ଗୁରୁବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡା ଗ୍ରାମ ପଞ୍ଚାୟତ ରେଙ୍ଗାଲି ଗ୍ରାମର ବାଛିସାହି ନଳକୂପଟି ଅଚଳ ହୋଇପଡିଥିବା ବେଳେ ଲୋକେ ନାଳରେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ହେଲା ନଳକୂପ ଅଚଳ ଥିବା ବେଳେ ନଳକୂପ ମରାମତି ପାଇଁ ବାଛି ସାହିବାସୀ ବଘିଆପଡା ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ମଧ ନଳକୂପ ମରାମତି ପାଇଁ କେହି ଆସୁନଥିବା ସେମାନେ ଅଭିଯୋଗ କରିଛନ୍ତି। ସରପଞ୍ଚ ଅନୁଜା ଦୀପଙ୍କୁ ଲୋକେ ଯୋଗାଯୋଗ କରିଥିବା ବେଳେ ସେ ନିଜ ଉପରୁ ଦାୟିତ୍ୱ ଖସାଇ ମୁଁ ବ୍ଲକ୍କୁ ଜଣେଇ ଦେଇଛି, ବ୍ଲକରୁ ଗାଡି ପଠେଇଲେ ମରାମତି ହେବ ବୋଲି କହୁଛନ୍ତି। ବର୍ତ୍ତମାନ ନାଳରୁ ଚୁଆ କରି ପାଣି ଆଣି ବ୍ୟବହାର କରୁଛନ୍ତି। ଯଥାଶୀଘ୍ର ନଳକୂପ ମରାମତି ପାଇଁ ବ୍ଲକ ତଥା ଜିଲ୍ଲା ପ୍ରଶାସନକୁ ସାହି ବାସିନ୍ଦା ଅନୁରୋଧ କରିଛନ୍ତି।

## ଜିନ୍ଦଲ୍‌କୁ ମିଳିଲା ବ୍ରିଟିଶ ସେଫ୍ଟି କାଉନ୍ସିଲ୍ ଓ ଆଇସିସିର ଲିଡରସିପ୍ ଆୱାର୍ଡ଼






**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

ଔଦ୍ୟୋଗିକ ସୁରକ୍ଷା, କାର୍ଯ୍ୟସ୍ଥଳ ସୁରକ୍ଷା ସଂସ୍କୃତି ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ ନିରନ୍ତର ଉତ୍କର୍ଷ ପ୍ରଦର୍ଶନ କରି ଯାଜପୁର ସ୍ଥିତ ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଲିମିଟେଡ୍ (JSL) ପୁଣିଥରେ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶାର ଗୌରବ ବୃଦ୍ଧି କରିଛି। ଚଳିତ ବର୍ଷ କମ୍ପାନୀ, ପ୍ରତିଷ୍ଠିତ ବ୍ରିଟିଶ ସେଫ୍ଟି କାଉନ୍ସିଲ୍ ଡିଷ୍ଟିଙ୍କସନ୍ ଆୱାର୍ଡ ଏବଂ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ICC) ଲିଡର୍‌ସିପ୍ ଆୱାର୍ଡ଼ ହାସଲ କରି ସୁରକ୍ଷା କ୍ଷେତ୍ରରେ ନିଜର ଶ୍ରେଷ୍ଠତାକୁ ପୁନର୍ବାର ପ୍ରମାଣିତ କରିଛି। ଗତ ୨୯ ମଇ ୨୦୨୬ ତାରିଖରେ ଭୁବନେଶ୍ୱର ସ୍ଥିତ ଲେମନ୍ ଟ୍ରୀ ହୋଟେଲ୍‌ରେ ଆୟୋଜିତ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ୍‌ର ୩ୟ ଶିଳ୍ପ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ଲିଡରସିପ୍ ସମିଟରେ ୨୦୨୫-୨୬ ବର୍ଷ ପାଇଁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ବିଧାନସଭାର ଅଧ୍ୟକ୍ଷା ସୁରମା ପାଢ଼ୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ରାଜ୍ୟମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ କାରଖାନା ଓ ବଏଲ୍‌ର ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଜିନ୍ଦଲ୍ ଷ୍ଟେନ୍‌ଲେସ୍, ଯାଜପୁରକୁ ଲାର୍ଜ ସ୍କେଲ୍ ଇଣ୍ଡଷ୍ଟ୍ରିଜ୍ ସେକ୍ଟରରେ ଆଇସିସି ଲିଡର୍‌ସିପ୍ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ସେହିପରି ୨୧ ମଇ ୨୦୨୬ ତାରିଖରେ ମୁମ୍ବାଇ ସ୍ଥିତ ଜେଡବ୍ଲ୍ୟୁ ମାରିଅଟ ସହର ହୋଟେଲରେ ଆୟୋଜିତ ବ୍ରିଟିଶ ସେଫ୍ଟି କାଉନ୍ସିଲ୍ ଅନ୍ତର୍ଜାତୀୟ ସୁରକ୍ଷା ଏୱାର୍ଡ ଉତ୍ସବରେ ସଂସ୍ଥାର ଟ୍ରଷ୍ଟି ବୋର୍ଡର ଅଧ୍ୟକ୍ଷ ପିଟର୍ ମ୍ୟାକ୍‌ଗେଟରିକ୍ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକ୍ ରବିନ୍‌ସନ୍‌ଙ୍କ ହସ୍ତରେ ଜିନ୍ଦଲ୍ ଷ୍ଟେନ୍‌ଲେସ୍, ଯାଜପୁରକୁ ଧାତୁ ଏବଂ ଖଣି କ୍ଷେତ୍ର ପାଇଁ ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଅନ୍ୟତମ ଡିଷ୍ଟିଙ୍କସନ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଦୁଇଟି ପ୍ରତିଷ୍ଠିତ ପୁରସ୍କାର ପ୍ରାପ୍ତି ଅବସରରେ ସମସ୍ତ କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ସାମୂହିକ ପ୍ରୟାସର ଫଳ ସ୍ୱରୂପ, ଏହି ସଫଳତାକୁ ସୁରକ୍ଷା ବିଭାଗର ମୁଖ୍ୟ ଉତ୍ସର୍ଗ କରିଥିଲେ। ସୁରକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତା ଏବଂ ଉତ୍କର୍ଷର ନିରନ୍ତର ସାଧନା ଆଗାମୀ ଦିନରେ ମଧ୍ୟ ଜିନ୍ଦଲ୍‌କୁ ନୂତନ ଉଚ୍ଚତାରେ ପହଞ୍ଚାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଯାଜପୁର ଜିନ୍ଦଲ୍‌ର ଏହି ସଫଳତା କେବଳ ଏକ କମ୍ପାନୀର ଉପଲବ୍ଧି ନୁହେଁ, ବରଂ ଓଡ଼ିଶାର ଶିଳ୍ପ ଜଗତ ପାଇଁ ଏକ ଗର୍ବ ଓ ପ୍ରେରଣାର ବିଷୟ। ସୁରକ୍ଷା, ଶୃଙ୍ଖଳା ଏବଂ ଦାୟିତ୍ୱବୋଧର ସମନ୍ୱୟ ହିଁ ଏହି ସଫଳତାର ପ୍ରମୁଖ ଆଧାର ବୋଲି ଶିଳ୍ପ ମହଲରେ ମତ ପ୍ରକାଶ ପାଇଛି।

## ୨୭୭.୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ:କାର୍ ସହ ୫ ଜଣ ଗିରଫ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ପୋଲିସ ଜଗତସିଂହପୁର ବ୍ଲକ ଯଶୋବନ୍ତପୁର ମା' ଖଣ୍ଡୁଆଳି ମନ୍ଦିର ନିକଟରୁ ବ୍ରାଉନ୍ ସୁଗାର ବେପାରୀ ଗ୍ୟାଙ୍ଗକୁ ଧରିବାରେ ବଡ଼ ସଫଳତା ମିଳିଛି। ରାଜ୍ୟରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କ୍ୟାମ୍ପେନ ଚାଲିଛି। ଜଗତସିଂହପୁର ସହରର ଦୁଇରୁ ତିନି ଦିନ ହେବ ଏକ ଧଳା ରଙ୍ଗର ମାରୁତି ଏରଟିଗା କାର୍ ପଇଁତରା ମାରୁଥିବା ଜଗତସିଂହପୁର ପୋଲିସ ନଜରକୁ ଆସିଥିଲା। ପୋଲିସ ଏହାକୁ ଫଲୋ କରି ସକାଳୁ ଯଶୋବନ୍ତପୁର ମା' ଖଣ୍ଡୁଆଳି ମନ୍ଦିର ନିକଟରେ ମାଡ଼ିବସିଥିଲା। ଏଥିରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ତାରା ଶର୍ମା (୩୦), ଭୁବନେଶ୍ୱର ଝାରପଡା ଅଞ୍ଚଳ ସାତଖଣ୍ଡ ଗ୍ରାମର ସରୋଜ ନାୟକ (୨୯), କଟକ ସାଲେପୁର ଥାନା ଅଧିନ ରସଲପୁର ଗ୍ରାମର ନିତିନ ବେହେରା (୨୩), ଭୁବନେଶ୍ୱର ଝାରପଡା ଗ୍ରାମର ବିକାଶ ଦାସ (୨୨), ପୁରୀ ଜିଲ୍ଲା ଗୋପ ଥାନା ଅଧିନ ସିରେଇ ଗ୍ରାମର ତାପସ ଦଳାଇ (୨୮)ଙ୍କୁ ଗିରଫ କରିଥିଲା। ଏମାନଙ୍କ ନିକଟରୁ ୨୭୭. ୫ ଗ୍ରାମ୍‌ର ବ୍ରାଉନ୍‌ସୁଗାର, ଏକ ଧଳା ରଙ୍ଗର ମାରୁତି ଏରଟିଗା କାର୍, ତାରା ଶର୍ମା ଠାରୁ ଗୋଟେ ରେଡ଼ ଏମ୍‌ଆଇ ମୋବାଇଲ୍ ଫୋନ୍ ଏବଂ ୧୦୩୦ ଟଙ୍କା, ସରୋଜ ନାୟକ ଠାରୁ ଭିବୋ -୩୦୦ ମୋବାଇଲ, ନିତିନ ବେହେରା ଠାରୁ ରିଏଲ୍ ୯, ବିକାଶ ଦାସ ଠାରୁ ଭିବୋ ଭି ୩୦ ମୋବଇଲ୍ ଫୋନ୍, ତାପସ ଦଳାଇ ଠାରୁ ଓପୋ ରେନୋ ୧୦.୫ଜି ମୋବାଇଲ୍ ଫୋନ୍ ଜବତ କରିଥିଲା। ଜବତ ୨୭୭.୫ ଗ୍ରାମ୍‌ର ବ୍ରାଉନ୍‌ସୁଗାରର ଆନୁମାନିକ ବଜାର ମୂଲ୍ୟ ୪୧ ଲକ୍ଷ ୫୫ ହଜାର ହେବ ବୋଲି ସାମ୍ବାଦିକ ସମ୍ମିଳନୀ ଦ୍ୱାରା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଏସ୍‌ଡିପିଓ ରଶ୍ମି ରଞ୍ଜନ ଦାସ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଉପସ୍ଥିତ ରହି ଅଧିକ ସୂଚନା ପ୍ରଦାନ କରିଥିଲେ। ସମସ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ କେଶ୍ ନମ୍ବର ୪୫୭/୨୬, ଧାରା ୧୧୧(୨), ବିଏନ୍‌ଏସ୍ ୨୦୨୩ ସେକ୍ସନ୍ ୨୧(ସି) ୨୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଥିଲେ।

### — ପାରିବାରିକ କଳହର କରୁଣ ପରିଣତି —

## ଜଣେ ନିହତ:ଅଭିଯୁକ୍ତ ବାପା ଓ ପୁଅ ଗିରଫ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପାରିବାରିକ କଳହକୁ ନେଇ ପଡ଼ୋଶୀଙ୍କୁ ଫାଉଡ଼ା ବେଣ୍ଟରେ ପିଟି ପିଟି ହତ୍ୟା କରିଛନ୍ତି ଅଭିଯୁକ୍ତ ବାପା ଓ ପୁଅ। ରାତିରେ ଏହି ଘଟଣା ଘଟିଛି ବରପାଲି ଥାନା ଅଇଁଠାପାଲି ଗାଁରେ। ମୃତକ ହେଲେ ଅଇଁଠାପାଲି ଗାଁର ସୁବଳ ପଧାନ। ପୂର୍ବ ଶତ୍ରୁତାକୁ ନେଇ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ସୁବଳଙ୍କ ପତ୍ନୀ ବରପାଲି ଥାନାରେ ଲିଖିତ ଅଭିଯୋଗ ଦେଲା ପରେ ପୋଲିସ ଅଇଁଠାପାଲି ଗାଁର ଅଭିଯୁକ୍ତ ଖିତିପତି ବେହେରା ଓ ତାଙ୍କ ପୁଅ ଲିପନ ବେହେରାଙ୍କୁ ଗିରଫ କରିଛି। ପୋଲିସ ଅଭିଯୁକ୍ତମାନଙ୍କ ପାଖରୁ ଫାଉଡା ବେଣ୍ଟକୁ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ହତ୍ୟା ଘଟଣା ନେଇ ବରଗଡ଼ ଏସ୍‌ପି ରବିନ୍ଦ୍ର ନାଥ ଶତପଥୀ ଗଣମାଧ୍ୟମକୁ କହିଛନ୍ତି ଯେ, ଅଇଁଠାପାଲି ଗାଁର ସୁବଳ ପଧାନ ଓ ଖିତିପତି ବେହେରା ଉଭୟ ପଡ଼ୋଶୀଙ୍କ ମଧ୍ୟରେ ପୂର୍ବରୁ ପାରିବାରିକ ସମସ୍ୟାକୁ ନେଇ ଶତ୍ରୁତା ଲାଗିରହିଥିଲା। ରାତିରେ ସୁବଳ ପଧାନଙ୍କ ସହିତ ଅଭିଯୁକ୍ତ ଲିପନ ବେହେରା ଓ ତାଙ୍କ ବାପା ଖିତିପତି ବେହେରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଲିପନ ଓ ତାଙ୍କ ବାପା ଖିତିପତି ବେହେରା ପଡ଼ୋଶୀ ସୁବଳ ପଧାନଙ୍କୁ ଫାଉଡ଼ା ବେଣ୍ଟରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସୁବଳଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସୁବଳଙ୍କୁ ମୃତ ଘୋଷଣା କରିଥିଲେ। ବରପାଲି ଥାନା ପୋଲିସ ଖବରପାଇ ତୁରନ୍ତ ଅଇଁଠାପାଲି ଗାଁକୁ ଯାଇ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରି ଅଭିଯୁକ୍ତ ବାପା ଓ ପୁଅକୁ ଗିରଫ କରିବାରେ ସଫଳ ହୋଇଥିଲା।



## ସୋନପୁର ନିର୍ବାଚନ ମଣ୍ଡଳୀରେ ଘରକୁ ଘର ବୁଲି ଚାଲିଛି ଭୋଟର ପଞ୍ଜିକରଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର-୬୫ ନିର୍ବାଚନ ମଣ୍ଡଳୀର ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଡଃ ସୌମ୍ୟରୂପା ରଥ, ଗଣନା ଫର୍ମ (EF) ବଣ୍ଟନ ସହିତ ଜଡିତ ସ୍ୱତନ୍ତ୍ର ସଘନ ସଂଶୋଧନ (SIR)-୨୦୨୬ କାର୍ଯ୍ୟକଳାପ ଗୁଡ଼ିକ ବିଭିନ୍ନ ବୁଥ୍ ଗୁଡ଼ିକ ବୁଲି ତଦାରଖ କରିଥିଲେ। କ୍ଷେତ୍ର ତଦାରଖ EF ବଣ୍ଟନର ପ୍ରଗତି ତଦାରଖ କରିବା, ନିର୍ଦ୍ଧାରିତ ପ୍ରକ୍ରିୟାର ପାଳନ ସୁନିଶ୍ଚିତ କରିବା ଏବଂ SIR କାର୍ଯ୍ୟକଳାପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ନିର୍ବାଚନ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲା। ଏହିପରି ତଦାରଖ ଭୋଟରଙ୍କ ନିକଟରେ ସମୟୋଚିତ ପହଞ୍ଚ ସୁନିଶ୍ଚିତ କରିବାରେ ସାହାଯ୍ୟ କରେ ଏବଂ ଏକ ସୁଗମ, ଅନ୍ତର୍ଭୁକ୍ତ ଏବଂ ସଠିକ୍ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସମର୍ଥନ କରେ। ଏହି କାର୍ଯ୍ୟକ୍ରମ ସମୟରେ ଯେପରି ସମସ୍ତ ବୁଥ୍ ଏଜେଣ୍ଟ ଓ ସ୍ୱେଚ୍ଛାସେବୀଙ୍କୁ ସାମିଲ୍ କରି କାର୍ଯ୍ୟକ୍ରମ ଆଗେଇ ନେବା ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସୋନପୁର ନିର୍ବାଚନ ମଣ୍ଡଳୀର ମୋଟ୍ ଭୋଟର ସଂଖ୍ୟା ୨,୫୩,୭୨୪ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୮୦୦୦ରୁ ଊର୍ଦ୍ଧ୍ୱ EF ଫର୍ମ ବଣ୍ଟନ ସରିଲାଣି। ଏହି ତଦାରଖ କାର୍ଯ୍ୟ ସମୟରେ ନିଳାମ୍ବର ଶତପଥୀ, ବରିଷ୍ଠ ରାଜସ୍ୱ ସହାୟକ, ଦେଓ୍ୱାନ ପୁଟଲିଆ, କନିଷ୍ଠ ରାଜସ୍ୱ ସହାୟକ, ତ୍ରିଲୋଚନ ନାୟକ, ବୁଦ୍ଧଦେବ ସା, ଗୀତାଞ୍ଜଳି ଦରୁଓ୍ୱାନ୍, ବୁଥ୍ ସ୍ତରୀୟ ନିରୀକ୍ଷକ ପ୍ରମୁଖ ସହାୟତା କରିଥିଲେ।

## ମାଛ ଗୋଦାମ୍‌ରେ ଭୟଙ୍କର ଅଗ୍ନିକାଣ୍ଡ:ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି





**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ପ୍ରେସ୍ ଛକରେ ଥିବା ମାଛ ଗୋଦାମ୍‌ରେ ଅଗ୍ନିକାଣ୍ଡ ଯୋଗୁ ଲକ୍ଷାଧିକ ନଗଦ ଟଙ୍କା ଏବଂ ସାମଗ୍ରୀ ପୋଡି ପାଉଁଶ ହୋଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଜାରି ରଖିଛନ୍ତି। ଅଗ୍ନିଶମ ବିଭାଗର ୫ଟି ଗାଡି ତଥା ଅତ୍ୟାଧୁନିକ ସାମଗ୍ରୀ ସମେତ ୩୫ ଜଣ ଅଗ୍ନିଶମ କର୍ମଚାରୀ ଏହି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମାଛ ବ୍ୟବସାୟୀଙ୍କ କହିବା ଅନୁଯାୟୀ, 'ଆଗେ ୫ଟି ଦୋକାନ ଜଳିଗଲା। ଅଗ୍ନିଶମ ବିଭାଗକୁ ଜଣାଇବାର ୪୫ ମିନିଟ୍ ପରେ ଦମକଳ ବିଳମ୍ବରେ ପହଞ୍ଚିଥିଲା। ରବିବାର ବ୍ୟାଙ୍କ ବନ୍ଦ ଥିବାରୁ ମାଛ ବିକ୍ରି ପଇସା ଗୋଦାମ୍‌ରେ ଥିଲା। ଏଭଳି ଅଗ୍ନିକାଣ୍ଡ ଯୋଗୁ ମୋର ୧୩ ଲକ୍ଷ ୮୫ ହଜାର ଟଙ୍କା ଜଳି ପୋଡି ପାଉଁଶ ହୋଇଯାଇଛି। ଦୋକାନରେ ଥିବା କାଗଜପତ୍ର, ମାଛ ଓ ଦଣ୍ଡି ସବୁ ପୋଡି ପାଉଁଶ ହୋଇଯାଇଛି। ଅନ୍ୟାନ୍ୟ ଦୋକାନରେ ମଧ ୮ରୁ ୧୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥାଏ। ସେସବୁବି ପୋଡି ଯାଇଛି। ନିଆଁର ପ୍ରଭାବ ଏତେମାତ୍ରାରେ ରହିଛି ଯେ ଦୀର୍ଘ ୪ ଘଣ୍ଟାରୁ ଅଧିକ ସମୟ ଧରି ନିଆଁକୁ ଆୟତ୍ତ କରିବା ଅଗ୍ନିଶମ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ନିଆଁ ବ୍ୟାପିବା ଯୋଗୁ ପାଖରେ ଥିବା ରଙ୍ଗ ଦୋକାନରେ ନିଆଁ ଲାଗିଯାଇଥିଲା। ଫଳରେ ନିଆଁକୁ ଆୟତ୍ତ କରିବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ସେପଟେ ଏହି ମାଛ ଗୋଦାମ୍ ପାର୍ଶ୍ୱରେ ଏକ ବ୍ୟାଙ୍କ ରହିଛି। ଅଗ୍ନିଶମ ବିଭାଗର ଅଧିକାରୀ କହିଛନ୍ତି ରଙ୍ଗ ଦୋକାନରେ କେମିକାଲ୍ ଯୋଗୁ ନିଆଁର ପ୍ରଭାବ ଅଧିକ ରହିଥିଲା। ସେହିପରି ଛାତ ଉପରକୁ ଯିବା ପାଇଁ ବାଟ ନଥିବାରୁ ନିଆଁକୁ ଆୟତ୍ତ କରିବା ମଧ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କଟକ ପ୍ରେସ୍ ଛକରେ ମଣ୍ଟୁ ବେହେରାଙ୍କ ମାଛ ଗୋଦାମ୍ ରହିଛି। ରବିବାର ଥିବାରୁ ପ୍ରତ୍ୟେକ ଦିନ ଭଳି ସେ ମାଛ ବ୍ୟବସାୟ କରି ଘରକୁ ଫେରିଥିଲେ। ମାତ୍ର ବିଳମ୍ବିତ ରାତିରେ ତାଙ୍କ ଗୋଦାମ୍‌ରେ ନିଆଁ ଲାଗିଯାଇଥିବା ସେ ଖବର ପାଇଥିଲେ। ସେ କହିଛନ୍ତି ନିଆଁ ଲାଗିବା ଖବର ପାଇବା କ୍ଷଣି ତୁରନ୍ତ ଘରୁ ବାହାରି ଆସି ଦେଖିବା ବେଳକୁ ହୁତୁ ହୁତୁ ହୋଇ ଜଳୁଛି ଗୋଦାମ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ନିଆଁ ଲିଭା କାମ କରୁଥିଲେ। ମାତ୍ର ନିଆଁର ପ୍ରକୋପ ଏତେ ମାତ୍ରାରେ ଥିଲା ଯେ ଗୋଦାମ୍ ଭିତରକୁ ଯାଇ ସାମଗ୍ରୀ କି ଟଙ୍କା କାଢିବା ସମ୍ଭବ ହୋଇନଥିଲା।

## ନିଶା ନେଲା ଯୁବକଙ୍କ ଜୀବନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଅବକାରୀ ଥାନା ଅଞ୍ଚଳରେ ଡ୍ରଗ୍ସ, ମଦ ଓ ଗଞ୍ଜେଇ କାରବାର ଏବେ ଅଣାୟତ। ଦେଖିବାକୁ କେହିନାହିଁ। ପୋଲିସ ଓ ପ୍ରଶାସନ ନୀରବ। ସୋମବାର ଜଣେ ଯୁବକର ନିଶା ପାଇଁ ଜୀବନ ଯାଇଛି। ସ୍ଥାନୀୟ ତାରାପୁର ପାହାଡ ନିକଟରୁ ଜଣେ ସାଙ୍ଗକୁ ଅନ୍ୟ ସାଙ୍ଗମାନେ ଅସୁସ୍ଥ ଅବସ୍ଥାରେ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି।

## ଜିଲ୍ଲାର ସବୁ କଲେଜର ବିକାଶ କାର୍ଯ୍ୟ ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ଥିବା +୩ ସମସ୍ତ କଲେଜ୍‌ର ଉନ୍ନୟନ ମୂଳକ କାର୍ଯ୍ୟ ଓ ଛାତ୍ର ଛାତ୍ରୀଙ୍କର ପାଠପଢା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ରଘୁରାମ୍. ଆର୍.ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ବିଭାଗର ରିଜିଓନାଲ୍ ଡାଇରେକ୍ଟର ଡକ୍ଟର ସରୋଜ ଲକ୍ଷ୍ମୀ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ କଲେଜକୁ ଆସୁଥିବା ସରକାରୀ ଅନୁଦାନ ପାଣ୍ଠିର ସୁଉପଯୋଗ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। କଲେଜ୍‌ର ଆବଶ୍ୟକ ନୂତନ ଶ୍ରେଣୀ ଗୃହ ନିର୍ମାଣ ମରାମତି, ପାଠାଗାର, କମନ୍ ରୁମ୍, ପରିସ୍ରାଗାର ଓ ପାଇଖାନା। ଶିକ୍ଷାରେ କେନ୍ଦ୍ରାପଡା ଜିଲ୍ଲାକୁ ଅଗ୍ରଣୀ କରିବାପାଇଁ ଆଲୋଚନା କରାଯାଇଥିଲା। ଏଥିସହିତ ଜିଲ୍ଲାରେ ଥିବା ବିଭିନ୍ନ କଲେଜ୍‌ର ଜମି ସମସ୍ୟା, ଅଧିଗ୍ରହଣ ଓ ଅନ୍ୟାନ୍ୟ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। କଲେଜର ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରାଯାଇଥିଲା। ସରକାରୀ ଅନୁଦାନ ପାଣ୍ଠି ଗୁଡିକର ସଠିକ୍ ଭାବରେ ଉପଯୋଗ କରି କଲେଜ୍‌ରେ ଆବଶ୍ୟକ ଥିବା ବିଭିନ୍ନ ଗୃହ ନିର୍ମାଣ କରିବା ପାଇଁ ସମସ୍ତ କଲେଜ୍‌ର ଅଧ୍ୟକ୍ଷମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଜିଲ୍ଲା ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଆର୍‌ଡିର ଅଧିକ୍ଷଣ ଯନ୍ତ୍ରୀ ମାନଙ୍କୁ ଉନ୍ନୟନ ମୂଳକ କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ +୨ରେ ଜିଲ୍ଲାରେ ଟପ୍ପର ହୋଇଥିବା ୮ ଜଣ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ କଲେଜ୍‌ର ଅଧ୍ୟକ୍ଷ/ଅଧ୍ୟାପକ ଉପସ୍ଥିତ ଥିଲେ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୨୮ ଚନ୍ଦ୍ରୋଦୟ- ରାଘ ୯।୦୫।୧୬**

ତୃତୀୟା ରାଘ ୯।୨୫ ପର୍ଯ୍ୟନ୍ତ। ପୂର୍ବାଷାଢ଼ା ନକ୍ଷତ୍ର ରାଘ ୧୨।୫୯ ପର୍ଯ୍ୟନ୍ତ। **ଧନୁ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୯।୦୫ ଗତେ ମୂଳା ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୪୯ ଗତେ ଦିଘ ୮।୨୯ ମଧ୍ୟେ, ଦିଘ ୧୦।୦୮ ଗତେ ଦିଘ ୧୧।୧୯ ମଧ୍ୟେ।


**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ସାମାଜିକ କ୍ଷେତ୍ରରେ ସମ୍ମାନ ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ଶାନ୍ତି ପ୍ରାପ୍ତ ହେବ। ଶରୀର ସୁସ୍ଥ ରହିବ।


**ବୃଷ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ। ମାନସିକ ଦୁଶ୍ଚିନ୍ତା ଦେଖାଦେବ। ଅଳସୁଆ ହୋଇପାରନ୍ତି।


**ମିଥୁନ:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଖର୍ଚ୍ଚର ପରିମାଣ ବଢ଼ିବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ବେପାର ବାଣିଜ୍ୟ କ୍ଷେତ୍ରରେ କ୍ଷତିର ସମ୍ଭାବନା। ଘରେ ଅସହଯୋଗ ଦେଖାଦେଇପାରେ।


**କର୍କଟ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଆୟର ପରିମାଣ ବଢ଼ିବ। ସୁ-ସ୍ୱାଦୁ ଭୋଜନରେ ଆପ୍ୟାୟିତ ହେବେ। ଦେବ ଦର୍ଶନ ସହିତ ଭ୍ରମଣ ଯୋଗ ମଧ୍ୟ ରହୁଛି। ଘରେ ସୁଖ ଲାଭ।


**ସିଂହ:** ଶରୀର ସୁସ୍ଥ ରହିବ। ଶତ୍ରୁ ନାଶ ହେବେ। ଆୟର ପରିମାଣ ବୃଦ୍ଧି ପାଇବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ଘରେ ଆନନ୍ଦ ଲାଭ ହେବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ସାପେକ୍ଷ ଜନତି ହେବ।


**କନ୍ୟା:** ବ୍ୟବସାୟରେ କ୍ଷତି ଦେଖାଦେବ। କୁଭୋଜନ କରି ଉଦର ପୀଡ଼ା ଦେଖାଦେବ। ଆୟ ଓ ବ୍ୟୟ ସମାନ ରହିବ। ଦାମ୍ପତ୍ୟ ଜୀବନରେ ଅଶାନ୍ତି ଦେଖାଦେଇପାରେ। ବନ୍ଧୁଙ୍କ ସହ କଳହ।


**ତୁଳା:** ଆଜି ଆପଣଙ୍କର ଦିନଟି ସେତେ ଭଲରେ ବିତିବ ନାହିଁ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ଖର୍ଚ୍ଚର ମାତ୍ରା ଅଧିକ ହେବ। ପରିବାରରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେତୁ ଚିନ୍ତିତ ହେବେ।


**ବିଛା:** ବ୍ୟବସାୟରେ ଲାଭବାନ୍ ହେବେ। ଆୟର ପରିମାଣ ବଢ଼ିବ। ବନ୍ଧୁଙ୍କ ପାଖରୁ ସହଯୋଗ ପାଇ ଉପକୃତ ହେବେ। ଘରେ ଆନନ୍ଦ ଦେଖାଦେବ। ଶତ୍ରୁ ନାଶ ହେବାର ସୂଚନା।


**ଧନୁ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶରୀର ସୁସ୍ଥ ରହିବ। ଗୃହେ ସୁଖ ଶାନ୍ତି ଲାଭ ହେବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇପାରନ୍ତି।


**ମକର:** ଶତ୍ରୁ ଉପରେ ବିଜୟ ହାସଲ କରିବେ। ଦେହ ଓ ମନ ଭଲ ରହିବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଆଥର୍ବକ ସ୍ଥିତି ଭଲ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ।


**କୁମ୍ଭ:** କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହୋଇପାରେ। ଘରେ ଅଶାନ୍ତି ଦେଖାଦେବ। ମହିଳାମାନେ ଅଳସୁଆ ହେବେ।


**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ। ବନ୍ଧୁ ମିଳନ ସହ ସୁସ୍ୱାଦୁ ଭୋଜନ ମଧ୍ୟ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅର୍ଥ ଲାଭ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୦୮।୨୪ ଚନ୍ଦ୍ରୋଦୟ- ରାଘ ୯।୪୭।୩୧**

ଚତୁର୍ଥୀ ରାଘ ୧୧।୩୨ ପର୍ଯ୍ୟନ୍ତ। ଉତ୍ତରାଷାଢ଼ା ନକ୍ଷତ୍ର ରାଘ ୩।୪୩ ପର୍ଯ୍ୟନ୍ତ। **ଧନୁ ଚନ୍ଦ୍ର-** ପ୍ରାଘ ୭।୪୨ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। ପ୍ରାଘ ୭।୪୨ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ପ୍ରାଘ ୭।୪୨ ଗତେ ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୧।୩୨ ଗତେ ବେଲ ଓ ପଣସ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଦିଘ ୬।୦୫ ମଧ୍ୟେ, ଦିଘ ୯।୩୫ ଗତେ ଦିଘ ୧୧।୨୦ ମଧ୍ୟେ। **ପର୍ବୋତ୍ସବ-** ଶରଣ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମଧ୍ୟ ପ୍ରାଚ୍ୟରେ ପୁଣି ବିଗିଡ଼ିବ ସ୍ଥିତି

ଆମେରିକା ସହ ଶାନ୍ତି ବାର୍ତ୍ତା ଉପରେ ଇରାନ ଲଗାଇଲା ବ୍ରେକ୍ ମଧ୍ୟ ପ୍ରାଚ୍ୟରେ ପୁଣି ବିଗିଡ଼ିବ କି ସ୍ଥିତି ? ଏହି କାରଣରୁ ଆମେରିକା ସହ ଶାନ୍ତି ବାର୍ତ୍ତା ଉପରେ ଇରାନ ଲଗାଇଲା ବ୍ରେକ୍ ଇସ୍ରାଏଲ ଆକ୍ରମଣ ଜାରି ରହିବା ଓ ଅସ୍ତ୍ରବିରତିର ପୂର୍ବ ସର୍ତ୍ତ ଉଲଂଘନ କରିବା କାରଣରୁ ଇରାନର ଆଲୋଚନାକାରୀ ଟିମ୍ ମଧ୍ୟସ୍ଥତା ମାଧ୍ୟମରେ ହେବାକୁ ଥିବା ସବୁ ଆଲୋଚନା ଓ ବାର୍ତ୍ତାର ଆଦାନ ପ୍ରଦାନକୁ ରୋକି ଦେଇଛନ୍ତି। ଲେବାନନ୍ ଉପରେ ଇସ୍ରାଏଲ ସେନାର ଆକ୍ରମଣକୁ ବିରୋଧ କରିଛି ଇରାନ। ଏହି କାରଣରୁ ଏବେ ଇରାନ ଆମେରିକା ସହିତ ଚାଲିଥିବା ନିଜର ପରୋକ୍ଷ ଆଲୋଚନାକୁ ତୁରନ୍ତ ରୋକି ଦେଇଛି। ସମାଚାର ଏଜେନ୍ସି ତସମିନ୍ ଅନୁସାରେ, ଇସ୍ରାଏଲ ଆକ୍ରମଣ ଜାରି ରହିବା ଓ ଅସ୍ତ୍ରବିରତିର ପୂର୍ବ ସର୍ତ୍ତ ଉଲଂଘନ କରିବା କାରଣରୁ ଇରାନର ଆଲୋଚନାକାରୀ ଟିମ୍ ମଧ୍ୟସ୍ଥତା ମାଧ୍ୟମରେ ହେବାକୁ ଥିବା ସବୁ ଆଲୋଚନା ଓ ବାର୍ତ୍ତାର ଆଦାନ ପ୍ରଦାନକୁ ରୋକି ଦେଇଛନ୍ତି। ଇରାନ ସ୍ପଷ୍ଟ ଭାବରେ ଦାବି କରିଛି ଯେ, ଗାଜା ଓ ଲେବାନନ୍‌ରେ ଇସ୍ରାଏଲରେ ଯୁଦ୍ଧ ତୁରନ୍ତ ଶେଷ କରାଯାଉ ତଥା ଲେବାନନରୁ ଇସ୍ରାଏଲ ସୈନିକ ସମ୍ପୂର୍ଣ୍ଣ ଭାବରେ ଫେରିଯିବେ। ଏଜେନ୍ସିର କହିବା ଅନୁସାରେ, ଯେତେବେଳେ ଇରାନ ଓ ଆଞ୍ଚଳିକ ପ୍ରତିରୋଧି ଗୋଷ୍ଠୀ ଏହି ପ୍ରସଙ୍ଗ ଉପରେ ସନ୍ତୁଷ୍ଟ ନହୁଏ, ତେବେ କୌଣସି ବାର୍ତ୍ତା ସମ୍ଭବ ନୁହେଁ। ତସମିନଙ୍କ ଅନୁସାରେ, ତେହରାନ ଓ ଏହାର ସହଯୋଗୀ ଗୋଷ୍ଠୀ ଏବେ ନିଜର ଏଜେଣ୍ଡା ହର୍ମୁଜରେ ପୁରା ବନ୍ଦ କରିବା ତଥା ଲୋହିତ ସାଗର ଦକ୍ଷିଣରେ ଥିବା ବାବ ଅଲ୍-ମନ୍ଦେବ ସହିତ ଅନ୍ୟ ମୋର୍ଚ୍ଚାକୁ ସକ୍ରିୟ କରିବାର ବିକଳ୍ପ ମଧ୍ୟ ସାମିଲ କରାଯାଇଛି। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଲେବାନନ୍ର ଦକ୍ଷିଣ ଅଞ୍ଚଳରେ ହିଜବୁଲାର ନିୟନ୍ତ୍ରଣ ଥିବା ସହରକୁ 'ଆତଙ୍କବାଦୀ ଆଡ୍ଡା' ବୋଲି ଘୋଷଣା କରି ଆକ୍ରମଣ ନିର୍ଦ୍ଦେଶ ଦେଇଛନ୍ତି। ସେ ଏହି କାର୍ଯ୍ୟାନୁଷ୍ଠାନକୁ ଇସ୍ରାଏଲ ନାଗରିକଙ୍କ ଉପରେ ଗୁଳିମାଡ ଓ ଆମେରିକାର ମଧ୍ୟସ୍ଥତା ଥିବା ଅସ୍ତ୍ରବିରତି ଚୁକ୍ତିର ଉଲଂଘନର ଜବାବ ବୋଲି କହିଛନ୍ତି। ୧୬ ଏପ୍ରିଲରୁ ଲେବାନନରେ ଅସ୍ତ୍ରବିରତି ଘୋଷିତ ହେବାପରେ ଇସ୍ରାଏଲ ମୁଖ୍ୟ ଭାବରେ ଦାହିୟାହ କ୍ଷେତ୍ରରେ ସୀମିତ ଆକ୍ରମଣ କରିଥିଲା, କିନ୍ତୁ ଦକ୍ଷିଣ ଲେବାନନରେ ଲଢେଇ ଲଗାତାର ଜାରି ରହିଛି।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଆଶା କରି ଆସ ନାହିଁ ଆଶ୍ରା କର

ଶ୍ରଦ୍ଧେୟ ଭକ୍ତବୃନ୍ଦ ପରମ ପିତା ପରଂବ୍ରହ୍ମ ଶରଣରେ ଆଶ୍ରୀତ ହୋଇଯାଅ ଦେଖିବୁ ଗୋଟିଏ ଫଳ କାମନା କଣ କରୁଛ। କୋଟୀ କୋଟୀ ଫଳ ତୁମ ପାଖରେ ଅଜାଡି ହୋଇ ପଡିବ। କାରଣ ଆଶା ନେଇ ଆସିଥିବା ବ୍ୟକ୍ତି ଜଣେ ସେ ଏତେ ମୁଣ୍ଡେଇ କି ନବ କିପରି। ତେଣୁ ପ୍ରଭୁଆଶ୍ରୀତ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦିଆଯାଇଥାଏ। କଥାରେ ଅଛି-କାମନାର ବିନାଶରେ ଦୁଃଖର ବିନାଶ,କାମନା କରନାହିଁ। ସେହିପରି ଶ୍ରୀମଦ୍ ଭାଗବତରେ ଲେଖାଅଛି-ଫଳରେ ଆଶା ଯହିଁ ନାହିଁ,ବିଘ୍ନ ପଶିବ ଅବା କାହିଁ। ତେଣୁ ପ୍ରଭୁଙ୍କୁ ମାଗ,ଗତି,ମୁକ୍ତି,ଶ୍ରଦ୍ଧା,ଅନ୍ୟଥା ବୃଥା,ପ୍ରକୃତ ଭକ୍ତକୁ ପ୍ରଭୁ କିଛିଦେଇନଥାନ୍ତି। କିନ୍ତୁ ସବୁ ଦେଇଥାନ୍ତି। ସେ କିନ୍ତୁ ପ୍ରଥମେ ପ୍ରଥମେ କିଛି ବୁଝି ପାରେନାହିଁ। ପରିଶେଷରେ ସେ ବୁଝିଲା ପରେ ପ୍ରଭୁ କେତେ କୃପାଳୁ,ଦୟାଳୁ ମୁଁ ଡେରିରେ ବୁଝିଲି। ସେଇ ପଦ୍ମ ପାଦ ବିନା ସବୁ ଅସାର। ସତ୍ୟ ନାହିଁତ ଭାବ ଆସିବ କେଉଁଠୁ। ତେଣୁ ହେ ଭକ୍ତ ପ୍ରଭୁଙ୍କ ବାନା ଧରି ଆଶାସକ୍ତ ହେବା ହାସ୍ୟାସ୍ପଦ। ଦୀକ୍ଷାନେଇ ମର୍ଯ୍ୟାଦାକୁ ଭୁଲନାହିଁ କାରଣ ସପ୍ତପୁରୁଷ ଉଦ୍ଧାର କଣ କରିବ ଚଉଦ ପୁରୁଷ ନର୍କଗାମୀ ହେବେ ତୁମକୁ ବାରମ୍ବାର ଅଭିଶାପ ଦେଉଥିବେ। ତେଣୁ ସାବଧାନ ଠକିଯିବଟି। ହରି ଓଁ।

### ଶକ୍ତି

ବାହ୍ୟ ବସ୍ତୁକୁ ଦେଖି ଅନ୍ତର୍ନିହିତ ଶକ୍ତିର ମୂଲ୍ୟ ନିରୂପଣ କରାଯାଏ ନାହିଁ। ତେଣୁ ହେ ସୁଧିଜନ ବର୍ତ୍ତମାନ ସମସ୍ତେ ଉପରମୁହାଁ। ନାରୀ,ମଦ,ସମ୍ପଦ ଉପରେ ନିର୍ଭରଶୀଳ ସମାଜ କଣ ତିଷ୍ଠିପାରିବ ବେଶି ସମୟ,ଭଲ କରି ବିଚାର କରି ଦେଖ। ଦୁର୍ଯ୍ୟୋଧନ ରକ୍ତନଦୀ ସନ୍ତରଣ କରିବା ଯାହା ବର୍ତ୍ତମାନର ମନୁଷ୍ୟ ସେହିପରି କାଳଫାଶ ଦ୍ୱାରା ବନ୍ଦୀ ହୋଇ ସାରିଲେଣି। ଖାଲି ବାହ୍ୟ ଚକାଚକ୍‌ରେ ନିଜକୁ ହଜାଇ ଦେଲେଣି। ଅନ୍ତରର ସ୍ୱର ଲିଭିଗଲାଣି। ଆଉ ପୁରୁଷତ୍ୱ ନାହିଁ। ସବୁ ବାବନା ଭୂତ। ଭଲ ମଣିଷ ପୁରସ୍କୃତ ହେବା ପରିବର୍ତ୍ତେ ତିରସ୍କାର ପାଉଛି। ଏହାର କାରଣ ସମସ୍ତେ ନୀତିହରା ପଥଭ୍ରଷ୍ଟ ହୋଇ ସାରିଲେଣି। ଆଉ ଗୁରୁ ଶିଷ୍ୟର ପରମ୍ପରା ନାହିଁ। ଭକ୍ତ ଭଗବାନ ସମ୍ପର୍କ ଖାଲି ବାହ୍ୟ ଆବରଣ ନୀତି ଆଦର୍ଶ ନାଁରେ ଖାଲି ଲୁଣ୍ଠନ। ପରମାର୍ଥିକ ପ୍ରେମ ଫିକା ପଡିଗଲାଣି,ମଣିଷର ହସ ଲିଭିଗଲାଣି,ଭାବ ହଜିଗଲାଣି। ଅନ୍ତର୍ମୁଖୀ ହସ କେବଳ ମୁଖରେ,ସେଥିରେ ମାଦକତା ନାହିଁ। ଭାବ ଆଜି ଭୋଗ ବିଳାସ,ପ୍ରାଚୁର୍ଯ୍ୟ ର ଲହଡି ମାରୁଛି। ତାର ଅର୍ଥ ମୁଁ ସବୁକରୁଛି,ମୁଁ ହିଁ କର୍ତ୍ତା,ଆରେ ଯେଉଁ ଶରୀର ଆଜି ଅଛି କାଲିକି ନଥିବ ତୁ କଣ କରୁଛୁ। ସବୁ ସେଇ ଅନ୍ତର ଆତ୍ମା ପରମାତ୍ମା ପରମପିତା ପରମଗୁରୁଙ୍କ କୃପା,ସାବଧାନ। ହରିଓଁ।

◆◆

# ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ରଙ୍କର ରାଜ୍ୟ ତ୍ୟାଗ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଖୋରଧାରେ ପ୍ରଚାର ହୋଇଗଲା ଯେ ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ର ରାଜ୍ୟ ଛାଡ଼ି ମହାନଦୀର ଅପର ପାର୍ଶ୍ୱରେ ଥିବା ନରସିଂହପୁରକୁ ଚାଲିଯିବେ। କଥାଟା ପଦାକୁ ଆସିଥିଲେ ମଧ୍ୟ ପ୍ରଜାମାନେ ତାହାକୁ ଆଦୌ ବିଶ୍ୱାସକୁ ନେଉନଥିଲେ। ଘଟଣାଟା କ'ଣ ତାହା ଅବଶ୍ୟ ଜାଣିବା ନିମନ୍ତେ ସମସ୍ତେ ଥିଲେ ବ୍ୟଗ୍ର। ମାତ୍ର ପ୍ରକୃତ କଥା ଜାଣିଥିଲେ ରାଜମାତା ଲଳିତା ଦେବୀ, ଜୀବନ ଦାସ, ହରିହର ନାୟକ, ରାଜଗୁରୁଙ୍କ ରୋଷେଇଆ କୁଳମଣି ମହାପାତ୍ର ଓ ବିଶ୍ୱସ୍ତ ଭୃତ୍ୟ ଶ୍ରୀକର ଘୋଷ। ରାଜମାତା ଲଳିତା ଦେବୀଙ୍କୁ କଥାଟା ବିଶେଷ ବାଧୁଥିଲା। କାରଣ ତାଙ୍କ ସମ୍ମାନ ସହ ପୁତ୍ର ଭାଗୀରଥି କୁମାରକୁ ଗଜପତି ଗାଦିରେ ବସାଇବା ଇତ୍ୟାଦି ସମସ୍ତ ପ୍ରକାରର କାର୍ଯ୍ୟରେ ସହଯୋଗ କରିଆସିଥିଲେ ପରମଲକ୍ଷ୍ମୀ ମହାପାତ୍ର। ନିଜକୁ କଷ୍ଟ ଲାଗୁଥିଲେ ମଧ୍ୟ ସେ ବାଧ୍ୟ ହୋଇ ରାଜଗୁରୁଙ୍କୁ ବୁଝାଇବା ନିମନ୍ତେ ତାଙ୍କ ଉଆସକୁ ଯାଇଥିଲେ। ମାତ୍ର ସମସ୍ତ କଥା ଶୁଣି ଅତି ଦୁଃଖରେ ସେ ଫେରିଆସିଲେ। ରାଜଗୁରୁଙ୍କୁ ନଯିବା ପାଇଁ ତାଙ୍କ ବନ୍ଧୁ ତଥା ପ୍ରଜାମାନେ ବ୍ୟାକୁଳ ଭାବରେ ଉଆସକୁ ଆସି ନିବେଦନ କରିଥିଲେ ମଧ୍ୟ ରାଜଗୁରୁ ତାଙ୍କ ନିଷ୍ପତ୍ତିରୁ ଟଳି ଯାଇନଥିଲେ। କେବଳ ସେ ଏତିକି କହୁଥିଲେ ଯେ ଯେଉଁଠାରେ ସମ୍ମାନ ମିଳେନାହିଁ ସେହି ସ୍ଥାନକୁ ତୁରନ୍ତ ତ୍ୟାଗ କରିବା ହିଁ ଉଚିତ କାର୍ଯ୍ୟ। ଯେଉଁଠି ଗଜପତି ତାଙ୍କ ପ୍ରତି ଅବିଶ୍ୱାସ କରି ତାଙ୍କୁ ଅଯଥାରେ ଦୋଷୀ ସାବ୍ୟସ୍ତ କଲେ ସେଠାରେ ସେ କିପରି ଜନପ୍ରତିନିଧି ଭାବରେ ରହି ପ୍ରଧାନମନ୍ତ୍ରୀର ଦାୟିତ୍ୱ ତୁଲାଇବେ? କୋହଭରା କଣ୍ଠରେ ସେ ଜନତାଙ୍କୁ କହିଲେ, "ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଯେପରି ଖସି ଖସି ଯାଏ ସେହିପରି ମୋର ଭାଗ୍ୟ ସହିତ ଦେଶ ଉନ୍ନତିର ଚିନ୍ତା ମଧ୍ୟ ତଳକୁ ଖସିଯାଉଛି। ଓଡ଼ିଶାକୁ ସ୍ୱାଧୀନ କରାଇବା ନିମନ୍ତେ ଯେଉଁସବୁ ବାଟ ଧରିଥିଲି ତାହା ବିଫଳ ହେଲା ଓ ଶେଷରେ ମୋତେ ରାଜ୍ୟ ତ୍ୟାଗ କରିବାକୁ ପଡ଼ିଲା। ମୁଁ ଜଣେ ସ୍ୱାଧୀନତା ପ୍ରେମୀ ଏବଂ ଏକ ସଂଗ୍ରାମଶୀଳ ସଂଯମୀ ପରିବାରରୁ ଆସିଛି। ମୋ ଦ୍ୱାରା କିଛି କାର୍ଯ୍ୟ କରାଯାଇପାରିଥାନ୍ତା। ମାତ୍ର ମୋର ସମସ୍ତ ବିଚାର ଶେଷରେ ବିଫଳ ହେଲା। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଇଚ୍ଛା। ଯେଉଁ ଅନ୍ଧକାରରୁ ଆସିଥିଲି ସେହି ଅନ୍ଧକାରରେ ପ୍ରବେଶ କରିବାକୁ ଯାଉଛି।" ସେତେବେଳେ ରାଜଗୁରୁଙ୍କୁ ୫୩ବର୍ଷ ବୟସ, ତାଙ୍କ ସ୍ତ୍ରୀ ଲୀଳାବତୀଙ୍କୁ ହୋଇଥିଲା ୩୯ବର୍ଷ ଓ ଏକମାତ୍ର ପୁତ୍ର ନରସିଂହର ବୟସ ଥିଲା ୧୭ବର୍ଷ। ଏହି ଛୋଟ ପରିବାରକୁ ଧରି ପରମଲକ୍ଷ୍ମୀ ମହାପାତ୍ର ନିଜର ଓ କୋଠ ସମ୍ପତ୍ତିକୁ ଛାଡ଼ିଦେଇ ଚାଲିଗଲେ। ଦୀର୍ଘ ୧୫ବର୍ଷ କାଳ ସେ ଏହି ଗୁରୁଦାୟିତ୍ୱରେ ରହିଥିଲେ। ମାତ୍ର ରାଜକୀୟ ଲୋଭ ତାଙ୍କୁ ତିଳେମାତ୍ର ସ୍ପର୍ଶ କରିପାରିନଥିଲା। ଯେଉଁ ରାଜଗୁରୁ ପଟିଆ ରାଜା ପଦ୍ମନାଭ ଦେବଙ୍କ ସ୍ଥାନରେ ଲଳିତା ଦେବୀଙ୍କ ପୁତ୍ର ଭାଗିରଥି କୁମାରଙ୍କୁ ବୀରକିଶୋର ଦେବ ନାମରେ ଗଜପତି ଗାଦିରେ ବସାଇଥିଲେ, ସେହି ଗଜପତିଙ୍କ ସହିତ ବିବାଦକୁ ନେଇ ଆଜି ତାଙ୍କୁ ରାଜ୍ୟ ଛାଡ଼ିବାକୁ ପଡୁଛି ଏହା ହିଁ ଥିଲା ବିଡ଼ମ୍ବନା। ଦେୱାନ ପୁରୁଷୋତ୍ତମ ଭ୍ରମବର ରାୟ ଯିଏ କି ରାଜଗୁରୁଙ୍କ ମିତ୍ର ଥିଲେ ସେ ଚାଲିଯିବାରେ ଅତି ବ୍ୟଥିତ ହୋଇ ଅଶ୍ରୁମୋଚନ କରୁଥିଲେ। ବାହାରିବାବେଳେ ରାଜଗୁରୁଙ୍କର ଅଶ୍ୱ 'ପଞ୍ଚଭଦ୍ର' ପ୍ରସ୍ତୁତ ହୋଇଯାଇଥିଲା। ସେ ଥିଲା କ୍ଷତ୍ରିୟ ଜାତିର ଅଶ୍ୱ ଏବଂ ଲୀଳାବତୀଙ୍କର ଅଶ୍ୱ ଥିଲା 'ଧୋବଲି' ଯେ କି କାଶ୍ମୀର ଘୋଟକୀ ଓ ସର୍ବଲକ୍ଷଣାବତୀ। ଏହି ପ୍ରସ୍ତୁତି ବେଳେ ହଠାତ୍ ଦେୱାନ ସେଠାରେ ଆସି ପହଞ୍ଚିଗଲେ। ଏକ ଜମିର ଲେଖାଟିଏ ଦେବା ପାଇଁ ଯାହାକି ଥିଲା ରାଜଗୁରୁଙ୍କର ଶେଷ କାର୍ଯ୍ୟ। ଦେୱାନ ଆସି ଦେଖନ୍ତି ଯେ ରାଜଗୁରୁଙ୍କ ଉଆସ ଆଗରେ ଶହ ଶହ ଲୋକ କ୍ରନ୍ଦନରତ। ଦେୱାନଙ୍କ ଆଣିଥିବା ସନନ୍ଦକୁ ରାଜଗୁରୁ ମଞ୍ଜୁର ଦେଇଦେଲେ ଏବଂ କହିଥିଲେ, "ସମସ୍ତ ଜମି, ମୁଦ୍ରା ଓ ସମ୍ପତ୍ତିକୁ ମୁଁ ଛାଡ଼ି ଚାଲିଯାଉଛି। ଆପଣ ଥିବା ପର୍ଯ୍ୟନ୍ତ ଏହାର ରକ୍ଷଣା ବେକ୍ଷଣ କରିବେ ଓ ଏହା ପ୍ରଜାମାନଙ୍କର।" ଏହା ଶୁଣି ଦେୱାନଙ୍କ ଆଖିରୁ ଅଶ୍ରୁଧାର ବହିଗଲା।

ଅନୁକୂଳ ଆରମ୍ଭ ହୋଇଗଲା। ଘୋଟକରେ ବସିଲେ ପରମଲକ୍ଷ୍ମୀ ମହାପାତ୍ର। ସାଙ୍ଗରେ ଥିଲା ବିଶାଳ ଲକ୍ଷ୍ମୀନାରାୟଣଙ୍କ ଶାଳଗ୍ରାମ, ଦୁର୍ଗୋତ୍ସବ ଚନ୍ଦ୍ରିକା ପୋଥି, ଦୁର୍ଗାଙ୍କ ମୂର୍ତ୍ତି ଓ ଘୋଟକୀରେ ସବାର ଥିଲେ ଲୀଳାବତୀ ଓ ତାଙ୍କ ପାଖରେ ଥିଲେ ତାଙ୍କର ପୁତ୍ର ନରସିଂହ। ହଜାର ହଜାର ନରନାରୀଙ୍କ ହାହାକାର ଧ୍ୱନିରେ ଦିଗ ବିଦିଗ ହେଉଥିଲା। ଉପସ୍ଥିତ ଜନତାଙ୍କୁ ଯୋଡ଼ ହସ୍ତରେ ପ୍ରଣାମ ଜଣାଇ ରାଜଗୁରୁ କହିଥିଲେ, "ମୁଁ ଜନତାର ପ୍ରତିନିଧି ଓ ଜନସେବକ ମାତ୍ର। ରାଜା ହିଁ ତୁମର ପିତା ଏବଂ ତାଙ୍କର ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କର। ଅନ୍ୟାୟର ପ୍ରତିକାର ପାଇଁ ଜୀବନ ଦିଅ, ଦେଶରକ୍ଷା ପାଇଁ ଆଗକୁ ମାଡ଼ିଆସ। ଏହା ଯଦି କରିପାରିବ ତେବେ ସଂସ୍କୃତି ବଞ୍ଚିବା ସହ ଦେଶ ମଧ୍ୟ ତିଷ୍ଠି ରହିବ। ବର୍ତ୍ତମାନ ମୋର ଦେଶ ଗଢ଼ିବାର ସ୍ୱପ୍ନ ଅପସରି ଯାଇଛି। ପୁଣି ଥରେ ନୁହେଁ ଶତବାର ବି ଆସିପାରେ। ତେଣୁ ସେପରି ସ୍ୱପ୍ନକୁ ସଫଳ କରିବା ନିମନ୍ତେ ମୁଁ ବଞ୍ଚିଥାଏ ବା ନଥାଇପାରେ, ମାତ୍ର ଦିନେ ନା ଦିନେ ତାହା ନିଶ୍ଚିତ ସଫଳ ହେବ।" ପୁନର୍ବାର ସମବେତ ଜନତାଙ୍କୁ ପ୍ରଣାମ ଜଣାଇବା ପରେ ଦୁଇ ଅଶ୍ୱ ଓ ରକ୍ଷୀଦଳଙ୍କ ସହିତ ଆଗେଇ ଚାଲିଲେ ରାଜଗୁରୁ ଦମ୍ପତି ଏବଂ ପଛରେ ରହିଗଲେ କ୍ରନ୍ଦନରତ ବିଶାଳ ଜନତା। ଆଉ ରହିଗଲା ରାଜଗୁରୁଙ୍କର ଉଆସ ତାହାସହ ବିଶାଳ ସମ୍ପତ୍ତି। ରକ୍ଷୀମେଳରେ ଅଶ୍ୱ ଦୁଇଟି ଆଗେଇ ଚାଲିଲା। ବାଘମାରୀ, କଳାପଥର, କଣ୍ଟିଲୋ ଓ ମହାନଦୀ ପାରହୋଇ ସେମାନେ ଯାଇ ପହଞ୍ଚିଲେ ନରସିଂହପୁର ଗଡ଼ରେ। ସେଠାର ପାଇକପଡ଼ାରେ ରାଜଗୁରୁ ଦମ୍ପତିଙ୍କୁ ଶଙ୍ଖୋଳିବା ପାଇଁ ଉପସ୍ଥିତ ଥିଲେ ବିଶାଳ ଜନତା। ହରିବୋଲ, ହୁଳହୁଳି ଓ ବିଭିନ୍ନ ବାଦ୍ୟ ନାଦରେ ମହାନଦୀ କୂଳ ପ୍ରକମ୍ପିତ ହୋଇଉଠିଥିଲା। ତାହାଥିଲା ୧୭୪୧ ମସିହା ଡିସେମ୍ବର ମାସର କଥା।

ରାଜଗୁରୁଙ୍କୁ ଶେଷ ଦେଖା କରିବା ପାଇଁ ପୁଣିଥରେ ଆସିଥିଲେ ରାଜମାତା ଲଳିତା ଦେବୀ। ମାତ୍ର ପୂର୍ବଭଳି କିଛି କହିନପାରି ଫେରିଯାଇଥିଲେ ନିଜ ଉଆସକୁ। ସେହିଭଳି ଛଳନା କରି ଗଜପତି ବୀରକିଶୋର ଦେବ ନିଜର ସ୍ୱାସ୍ଥ୍ୟ ଭଲ ନଥିବା କହି ପଦାକୁ ଆଉ ଆସିଲେନାହିଁ। ରାଜଗୁରୁଙ୍କ ଯିବାରେ ଜନତା କ୍ରନ୍ଦନରତ ଥିବାବେଳେ ବଳଭଦ୍ର ପଟ୍ଟନାୟକ ନିଜର ଦମ୍ଭୋକ୍ତି ଜଣାଇ କହୁଥିଲା ଯେ ଆଜି ସେ ତା'ର ବୁଦ୍ଧି ବଳରେ ରାଜଗୁରୁଙ୍କୁ ହଟାଇ ଦେଇପାରିଛି ଓ ଗଜପତି ବୀରକିଶୋର ଦେବ ତା'ର ହାତମୁଠାରେ ରହି ଶାସନ କରୁଛନ୍ତି। ଏପରି ଭାଷଣ ଦେଉଥିବାବେଳେ ସେ ଜାଣିନଥିଲା ଯେ ଉତ୍ତ୍ୟକ୍ତ ଜନତା ତା'ର ଘର ଆଡ଼କୁ ମାଡ଼ିଆସୁଛନ୍ତି। ଖବର ପାଇ ବଳଭଦ୍ର ପଟ୍ଟନାୟକ ବାଙ୍ଗୋରବା ପଳାଇବା ବାଟରେ ତାକୁ ଜନତା ଧରିନେଲେ ଏବଂ ତା'ର ଗୃହ ସମ୍ମୁଖରେ ପରିବାରର ଅନ୍ୟମାନଙ୍କୁ ଭିତରୁ ଭିଡ଼ି ଆଣି ରାଜଦାଣ୍ଡରେ ହତ୍ୟା କଲେ। ଆଉ ଶେଷରେ ବଳଭଦ୍ର ପଟ୍ଟନାୟକର ସମସ୍ତ ପରିବାର ନିଶ୍ଚିହ୍ନ ହୋଇଗଲା। ତେଣେ ଗଜପତିଙ୍କ ଉଆସକୁ ଯେଉଁ କ୍ରୋଧୀଜନତା ଘେରାଉ କରି ବସିଥିଲେ ସେମାନଙ୍କୁ ବକ୍ସି ସୈନ୍ୟ ପଠାଇ ସେଥିରୁ କ୍ଷାନ୍ତ କରାଇଥିଲେ। ନଚେତ୍ ଗଜପତି ବୀରକିଶୋର ଦେବଙ୍କ ପରିବାର ବାଙ୍ଗୋରବାର ପଟ୍ଟନାୟକ ପରିବାର ଭଳି ନିଶ୍ଚିହ୍ନ ହୋଇଯାଇଥାନ୍ତା।

ଗଜପତି ରାମଚନ୍ଦ୍ର ଦେବ ଯେଉଁ ନରସିଂହପୁରରେ ଆସି ତାଙ୍କର ଶେଷ ଜୀବନ ଅତିବାହିତ କରିଥିଲେ ଓ ଯେଉଁଠାରେ ତାଙ୍କର ମୃତ୍ୟୁ ଓ ଦାହ ସଂସ୍କାର ହୋଇଥିଲା ସେହି ଭୂମିକୁ ତାଙ୍କର ପ୍ରିୟତମ ବନ୍ଧୁ ରାଜଗୁରୁ ପରମଲକ୍ଷ୍ମୀ ଆଦରି ନେଇଥିଲେ। ନରସିଂହପୁରର ରାଜା ଦୟାନିଧି ମାନସିଂହ ହରିଚନ୍ଦନ ମହାପାତ୍ର ଓ ତାଙ୍କ ପରିବାର ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ରଙ୍କୁ ସସମ୍ମାନେ ମହାନଦୀ କୂଳ ବାଣେଶ୍ୱରନାସୀରୁ ପାଛୋଟି ଆଣି ଆଗରୁ ପ୍ରସ୍ତୁତ ଥିବା ଜେମାଦେଇପୁର ଉଆସରେ ରଖିଲେ। ତାଙ୍କ ଚଳିବା ନିମନ୍ତେ ବହୁ ଭୂସମ୍ପତ୍ତି ଖଞ୍ଜି ଦିଆଗଲା। ସେ ଖୋରଧା ରାଜ୍ୟର ରାଜଗୁରୁ ପଦବୀରେ ଯେଉଁଭଳି ମର୍ଯ୍ୟାଦାରେ ରହିଆସିଥିଲେ ସେହିଭଳି ସୁବିଧା ରାଜାଙ୍କ ତରଫରୁ ପାଇଲେ। ରାଜଦରବାରରେ ତାଙ୍କୁ ମଧ୍ୟ ସେହିପରି ରାଜଗୁରୁ ସମ୍ମାନ ଦିଆଯାଇ ଏକ ସ୍ୱତନ୍ତ୍ର ଆସନରେ ରାଜାଙ୍କ ଦକ୍ଷିଣ ପାର୍ଶ୍ୱରେ ବସିବା ନିମନ୍ତେ ସନନ୍ଦ ମଧ୍ୟ ଦେଇଥିଲେ।

ଏଣେ ପରମଲକ୍ଷ୍ମୀ ମହାପାତ୍ରଙ୍କ ଚାଲିଯିବାର ଖବର ଶୁଣି ଗଡ଼ଜାତ ରାଜାମାନେ ବଡ଼ ବ୍ୟସ୍ତତା ଅନୁଭବ କଲେ। ଏପରିକି ଖିମଣ୍ଡି ରାଜା ପରମଲକ୍ଷ୍ମୀଙ୍କ ଚାଲିଯିବାର କଥା ଶୁଣି ଅତି କ୍ରୋଧରେ ଖୋରଧାଗଡ଼ ଆକ୍ରମଣ କଲେ। ଖୋରଧାଗଡ଼ ଦଖଲ ପରେ ସେମାନେ ଗଜପତି ବୀରକିଶୋରଙ୍କୁ ଖୋଜିଲେ ମାତ୍ର ଉଆସର ଲୋକମାନେ ତାଙ୍କୁ ଲୁଚାଇ ରଖିବାରୁ ସେ ମୃତ୍ୟୁରୁ ବର୍ତ୍ତି ଯାଇଥିଲେ। ମାତ୍ର ଖିମଣ୍ଡି ରାଜା ଖୋରଧାଗଡ଼ ଛାଡ଼ିଲେନାହିଁ। ପରମଲକ୍ଷ୍ମୀଙ୍କର ପରମ ମିତ୍ର ମୀର୍ ହବିବ୍‌ଙ୍କ ସାହାଯ୍ୟରେ ବୀରକିଶୋର ପୁଣି ଖୁରୁଧାଗଡ଼ ଦଖଲ ପାଇଥିଲେ ଓ ତାଙ୍କୁ ସେଥିପାଇଁ ଲକ୍ଷେ ଟଙ୍କା ଲାଞ୍ଚ ଦେବାକୁ ପଡ଼ିଥିଲା। ଅବଶ୍ୟ ପରେ ମରହଟ୍ଟାମାନେ ଓଡ଼ିଶା ଦଖଲ କଲେ। ସେତେବେଳକୁ ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ର ଦେଖିଥିବା ସ୍ୱାଧୀନତାର ସ୍ୱପ୍ନ କ୍ରମଶଃ ଲୁଚି ଆସିଥିଲା।

ଗଜପତି ବୀରକିଶୋର ଦେବଙ୍କ ୨୮ଅଙ୍କ ବିଛା ୨୭ଦିନ (୧୭୫୯ ମସିହା ମାର୍ଗଶୀର ଶୁକ୍ଳ ଦ୍ୱାଦଶୀ) ପରମଲକ୍ଷ୍ମୀଙ୍କ ସ୍ତ୍ରୀ ଲୀଳାବତୀ ଦେବୀଙ୍କର ମୃତ୍ୟୁ ହେଲା। ତାହା ପରବର୍ଷ ୨୯ଅଙ୍କ ମାର୍ଗଶୀର ଶୁକ୍ଳ ଦ୍ୱାଦଶୀ ଅର୍ଥାତ୍ ୧୭୬୦ ମସିହାର ସେହି ତିଥିରେ ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ରଙ୍କର ଦେହାବସାନ ହୋଇଥିଲା। ହରିଚନ୍ଦନପୁର ଅନ୍ଧାରୁଆ ପଦା ଓ ମୁରୁଜପଦାର କ୍ଷୁଦ୍ର ଚିତ୍ରା ନଦୀ କୂଳରେ ଉଭୟଙ୍କର ମରଶରୀରକୁ ଦାହ କରାଯାଇଥିଲା। ଯାହାକି ଏବେ ବ୍ରହ୍ମଶାଣି ନାମରେ ପରିଚିତ। ଉତ୍କଳୀୟ ସଂସ୍କୃତିକୁ ନିଷ୍ଠାର ସହିତ ଯିଏ ଜଗି ରହିଥିଲେ ଓ ଓଡ଼ିଆଙ୍କ ସ୍ୱାଭିମାନକୁ କାହାରି ପଦଦଳିତ କରାଇ ଦେଇନଥିଲେ ସେହି ମହାତ୍ମାଙ୍କ ଅମ୍ଳାନ ପ୍ରତିଭା ଲୁଚିଗଲାନାହିଁ। ଆଉ ପରବର୍ତ୍ତୀ ବଂଶଧରମାନଙ୍କୁ ସୂଚାଇ ଦେଲା ଅତୀତର ସେହି ଦେଦୀପ୍ୟମାନ ବ୍ୟଥାର ଗାଥା। (କ୍ରମଶଃ)

# ସବୁଜ ଭବିଷ୍ୟତ ପାଇଁ ସାଇକେଲ ଟିଏ



ଡି ଦେବହରି ରେଡ଼ି
୯୪୩୭୨୫୩୩୩୨
ତାରିଣୀ ପଲ୍ଲୀ, ଗଞ୍ଜାମ

ଦିନ ଥିଲା ସାଇକେଲଟେ ଦେଖିଲେ କେତେ ଖୁସି ଲାଗୁଥିଲା। ସାଇକେଲ ଶିଖିବା ହେଉ କି ଚଲେଇବା ପାଇଁ ହେଉ ଘରେ ଭାଇ ଭଉଣୀ ଭିତରେ ଝଗଡା ଲାଗୁଥିଲା। ସେତେବେଳେ ସାଇକେଲର ମଜା ଆଜିର ଆଧୁନିକ ଯାନଠୁ ବି କିଛିକମ୍ ନଥିଲା। ସାଇକେଲରେ ଶହ ଶହ କିଲୋମିଟର ଦୂର ମଧ୍ୟ ଯାଇ ହେଉଥିଲ। । ହେଲେ ଆଜି ଆଉ ସେ ଦିନ ନାହିଁ। ସାଇକେଲ ଆଜିର ଆଧୁନିକ ଯୁଗରେ ପ୍ରାୟ ଅଦରକାରୀ ହେଇ ଯାଇଛି ବୋଲି ମନେ ହୁଏ । ଯଦି କିଛି ଅଛି ସେଗୁଡ଼ିକ ମଟର ସାଇକେଲ ତୁଳନାରେ ଅତି ନଗଣ୍ୟ।

ଦିନକୁ ଦିନ ଲୋକେ ଶିକ୍ଷିତ ହେଲେ, ଅଧିକ ଜ୍ଞାନ ଆହରଣ କଲେ ଦୂର ଦୂରାନ୍ତ ଯାତ୍ରା କଲେ। ସେହି ଅନୁସାରେ ଆବଶ୍ୟକ ପଡ଼ିଲା ନାହିଁ ସାଇକେଲ। ଗନ୍ତବ୍ୟ ସ୍ଥଳକୁ ସମୟରେ ପହଞ୍ଚିବାକୁ ପଡ଼େ। ପୁଣି ଫେରିବାକୁ ପଡେ ତେଣୁ ମଟର ସାଇକେଲର ସାହାରା ପଡ଼ିଲା । ହେଲେ ଆଜି ମଟର ସାଇକେଲ ଆଉ ମଟର ଯାନ ବହୁତ୍ ବଢ଼ିଗଲା। ସେ ଅନୁସାରେ ପରିବେଶ ବି ପ୍ରଦୂଷଣ ହେଲା, ସ୍ୱାସ୍ଥ୍ୟ ବି ବିଗାଡି ଗଲାଣି। ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି କିପରି ଭାବେ ଜଳବାୟୁ ପରିବର୍ତ୍ତନକୁ ରୋକିବା, ପ୍ରଦୂଷଣକୁ ନିୟନ୍ତ୍ରଣ କରିବା, ଦ୍ରୁତଗତିରେ ବୃଦ୍ଧି ପାଉଥିବା ବିପର୍ଯ୍ୟୟକୁ ରୋକ୍ ଲଗାଇବା। ଆଗାମୀ ଦିନରେ ଦେଖାଯିବାକୁ ଥିବା ଆର୍ଥିକ ସଙ୍କଟ ସମେତ ପ୍ରାକୃତିକ ସମ୍ପଦର ଅଭାବୀକୁ ଦୂର କରିବା। ଏହିସବୁ ସମସ୍ୟାର ସମାଧାନ ସାଇକେଲ ଏକ କ୍ଷୁଦ୍ର ସମ୍ଭାବନା ହେଇପାରେ କିନ୍ତୁ ତାର ଅବଦାନ କମ୍ ନ ହେଇପାରେ।

ସାଇକେଲ ପାଇଁ ନା ଦରକାର ପଡେ ପେଟ୍ରୋଲ କିମ୍ବା ଡିଜେଲ ଭଳି ପ୍ରାକୃତିକ ଇନ୍ଧନ ନା ସାଇକେଲ ଦ୍ୱାରା ସୃଷ୍ଟିହୁଏ ବିଷାକ୍ତ ଗ୍ୟାସ୍। ପରିବେଶ ସୁରକ୍ଷା ପାଇଁ ସାଇକେଲ ଏକ ନିହାତି ଆମୋଘ ଅସ୍ତ୍ର। କେବଳ ଯେ ସାଇକେଲ ପରିବେଶ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ତାହା ନୁହେଁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ। ସାଇକେଲ ଚଲେଇବା ଦ୍ୱାରା ରକ୍ତଚାପ, ମଧୁମେହ ଓ ହୃଦରୋଗ ଭଳି ଦୁରାରୋଧ ସ୍ୱାସ୍ଥ୍ୟ ସମସ୍ୟା କମିଯାଏ। ଏହା ସହ ସାଇକେଲ ପାଇଁ ବଜାରରେ ସୃଷ୍ଟି ହେଉଥିବା କୃତ୍ରିମ ଟ୍ରାଫିକ ଜାମ୍ ମଧ୍ୟ କମିଯିବା ସମ୍ଭାବନା। ତେଣୁ ସାଇକେଲ ବର୍ତ୍ତମାନ ସମୟରେ ବହୁତ୍ ବଢିଆ ଉପକାରୀ ସାମଗ୍ରୀ। କିନ୍ତୁ ନିଜର ସାମାଜିକ ଷ୍ଟାଟସ୍, ଅହଙ୍କାର ଓ ବାହାରକୁ ଦେଖେଇ ହେବା ଗୁଣ ପାଇଁ ଅଧିକାଂଶ ଲୋକ ସାଇକେଲ ଚଲେଇବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଏପରିକି ବାସସ୍ଥଳରୁ ଅଳ୍ପ ଦୂରରେ ଥିବା ବଜାର, କାର୍ଯ୍ୟାଳୟ, ଖେଳ ପଡ଼ିଆକୁ ଯିବାପାଇଁ ମଧ୍ୟ ଲୋକେ ସାଇକେଲ ବଦଳରେ ନିଜର ଦୁଇ ଚକିଆ ମଟର ଗାଡିରେ ଯିବାପାଇଁ ପସନ୍ଦ କରନ୍ତି। ଫଳରେ ଅଯଥା ଅର୍ଥ ବ୍ୟୟ ସାଙ୍ଗକୁ ପରିବେଶ ପ୍ରଦୂଷଣରେ ଆମର ଭୂମିକା ମଧ୍ୟ ରହେ।

ଏହି ସାଇକେଲର ଇତିହାସ ବହୁତ୍ ରୋଚକ ଅଟେ। ୧୮୧୭ ମସିହାରେ କୌଣସି ପେଡାଲ୍ ନଥିବା ଏକ କାଠ ଗାଡ଼ିରୁ ଆରମ୍ଭ ହେଇ ଆଜିର ଆଧୁନିକ ଏବଂ ବୈଜ୍ଞାନିକ ସାଇକେଲ ପର୍ଯ୍ୟନ୍ତ ଏହାର ଯାତ୍ରା ଦୀର୍ଘ ଓ ପରିବର୍ତ୍ତନଶୀଳ। ସାଇକେଲର ପ୍ରଥମ ରୂପ ଯାହାକୁ ଡ୍ୟାଣ୍ଡି ହର୍ସ ବୋଲି କୁହାଯାଏ ତାହା ଜର୍ମାନୀରେ ୧୮୧୭ ମସିହାରେ ବାରନ୍ କାର୍ଲ ଭନ୍ ଡ୍ରାଇସ ତିଆରି କରିଥିଲେ ଯାହାକି ସମ୍ପୂର୍ଣ୍ଣ କାଠରେ ତିଆରି ଓ ପେଡାଲ ନଥିଲା। ଚାଳକ ନିଜ ପାଦକୁ ମାଟିରେ ଘଷି ଘଷି ଆଗକୁ ବଢୁଥିଲେ। ପରେ ୧୮୬୦ ଦଶକ ସମୟରେ ପ୍ରଥମ କରି ଆଗ ଚକରେ ପେଡାଲ ଫ୍ରାନ୍ସର ଉଦ୍ଭାବକ ମାନେ ଲଗାଇଲେ କିନ୍ତୁ ଲୁହା ଫ୍ରେମ୍ ଓ କାଠ ଚକ ଯୋଗୁଁ ଏହା ଉପରେ ବସିବା କଷ୍ଟଦାୟକ ଥିଲା। ଏହି ସାଇକେଲକୁ ବୋନସେକର୍ ବୋଲି କୁହାଯାଉଥିଲା। ପରେପରେ ଗତି ବଢେଇବା ପାଇଁ ଇଞ୍ଜିନିୟର ମାନେ ୧୮୭୦ ଦଶକ ବେଳକୁ ଆଗ ଚକକୁ ବହୁତ୍ ବଡ କରିଦେଲେ ଯାହାକି ଆଗ ଚକ ବହୁତ୍ ବଡ ଓ ପଛ ଚକ ଛୋଟ ରହିଲା ଫଳରେ ଚଳାଇବା ବହୁତ୍ ବିପଦଜନକ ଥିଲା ସାମାନ୍ୟ ଧକ୍କାରେ ଚାଳକ ଆହତ ହେଉଥିଲେ। ଏହି ସାଇକେଲକୁ ପେନି ଫର୍ଥଇଙ୍ଗ କୁହାଗଲା। ପରବର୍ତ୍ତୀ ସମୟରେ ୧୮୮୫ ମସିହାରେ ଜନ୍ କେମ୍ପ୍ ସ୍ଟର୍ଲି ଆଧୁନିକ ସାଇକେଲ ପରି ଦେଖା ଯାଉଥିବା ସେଫ୍ଟି ସାଇକେଲ ଯେଉଁଥିରେ ଦୁଇଟି ଯାକ ଚକ ସମାନ ଆକାରର ଥିଲା ଏବଂ ପଛ ଚକାକୁ ବୁଲେଇବା ପାଇଁ ଚେନ୍ ବ୍ୟବହାର କରାଗଲା। ପରେ ଏଥିରେ ପବନ ଭର୍ତ୍ତି ଟାୟାର ଲଗାଇ ଯାତ୍ରା ବହୁତ୍ ଆରାମଦାୟକ ହେଇପାରିଲା। ବିଂଶ ଶତାବ୍ଦୀରୁ ସାଇକେଲର ଆଧୁନିକ ଯୁଗ ଆରମ୍ଭ ହେଇ ଆଜି ପର୍ଯ୍ୟନ୍ତ ଗୀୟର ସାଇକେଲ, ରେସିଙ୍ଗ ସାଇକେଲ, ଇ - ସାଇକେଲ ବା ବ୍ୟାଟେରୀ ଏବଂ ମୋଟର ଚଳିତ ଭଳି ବିଭିନ୍ନ ଆରାମଦାୟକ ସାଇକେଲ ବଜାରକୁ ଆସୁଅଛି।

କିନ୍ତୁ ଏତେ ସବୁ ସାଇକେଲ ଥିବା ସତ୍ତ୍ୱେ ଆଜିର ମଣିଷ କେବଳ ମଟର ଯାନ ଉପରେ ନିର୍ଭରଶୀଳ ବା ପସନ୍ଦ କରିଥାନ୍ତି। ଯାହାଫଳରେ ମଟର ଯାନରୁ କାର୍ବନ ମନୋଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ୍ ଭଳି ବିଭିନ୍ନ ବିଷାକ୍ତ ଗ୍ୟାସ୍ ନିର୍ଗତ ହୁଏ ଯାହାକି ବାୟୁ ପ୍ରଦୂଷଣ ହୁଏ। ମଟରଯାନ ପାଇଁ ଆବଶ୍ୟକ ପେଟ୍ରୋଲ ଓ ଡିଜେଲ ଭଳି ପ୍ରାକୃତିକ ଇନ୍ଧନ ମଧ୍ୟ ଦିନକୁ ଦିନ କମିବାରେ ଲାଗିଛି ଯାହାକି ଭବିଷ୍ୟତ ପାଇଁ ଅସୁବିଧା ସୃଷ୍ଟି କରିବ। ବର୍ତ୍ତମାନ ବିଶ୍ୱସ୍ତରୀୟ ଆର୍ଥିକ ସଙ୍କଟ ଓ ଇନ୍ଧନ ଦର ବୃଦ୍ଧିର ମୁକାବିଲା ପାଇଁ ଆମର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ 'ନେସନ ଫାଷ୍ଟ' ବା ରାଷ୍ଟ୍ର ପ୍ରଥମରେ ଦେଶବାସୀଙ୍କୁ ଏକ ୭-ଦଫା ସୂତ୍ର ପାଳନ କରିବାକୁ ନିବେଦନ କରିଛନ୍ତି। ୭ ଦଫା ବିଶିଷ୍ଟ ସୂତ୍ରରେ ଇନ୍ଧନ ବ୍ୟବହାର ହ୍ରାସ କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସୂତ୍ର ଯେଉଁଥିରେ ପେଟ୍ରୋଲ ଏବଂ ଡିଜେଲର ସୀମିତ ବ୍ୟବହାର କରି ଦେଶର ଅର୍ଥନୀତିକୁ ସୁରକ୍ଷିତ କରିବା ପାଇଁ ଆହ୍ୱାନ କରିଛନ୍ତି। ଯାହାକି ଯଦି ସାଇକେଲ ବ୍ୟବହାର କରିଲେ ନିହାତି ଫଳପ୍ରଦ ହୋଇପାରିବ।

କେବଳ ଯେ ପରିବେଶ ସୁରକ୍ଷା ନୁହେଁ ସାଇକେଲ ଚାଳନା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ମଧ୍ୟବଡ଼ ଉପକାର ମିଳେ। ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଭଲ ରୁହେ। ସାଇକେଲ ଚଲେଇବା ଦ୍ୱାରା ଓଜନ ନିୟନ୍ତ୍ରଣ, ହୃତପିଣ୍ଡର ମାଂସପେଶୀ ମଜବୁତ୍ ଓ ରକ୍ତ ସଞ୍ଚାଳନରେ ସୁଧାର ଆସିବା ସହ ଗୋଡ, ଜଙ୍ଘ ଏବଂ ପିଠିର ତଳ ଭାଗର ମାଂସପେଶୀ ଶକ୍ତିଶାଳୀ ହୁଏ। ନିୟମିତ ସାଇକେଲ ଚଳାଇବା ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ବଢ଼େ ଯାହା ଏକାଗ୍ରତା ବୃଦ୍ଧି କରେ ଏବଂ ଶରୀରରେ ଏଣ୍ଡୋରଫିନ୍ ଭଳି ଜୀବରସ ବୃଦ୍ଧିପାଇ ମାନସିକ ଚିନ୍ତା ସନ୍ତୁଳନ ହୁଏ।

ମଣିଷସଭ୍ୟତା ପ୍ରତି ସାଇକେଲର ଅବଦାନ ଅତୁଳନୀୟ। ତେଣୁ ସୁସ୍ଥ ଓ ନିରାମୟ ଜୀବନ ତଥା ସବୁଜପରିବେଶ ପାଇଁ ସାଇକେଲର ଭୂମିକାକୁ ସଚେତନତା ସୃଷ୍ଟି କରିବା ପାଇଁମିଳିତ ଜାତିସଂଘ ଦ୍ୱାରା ୨୦୧୮ ରୁ ଜୁନ୍ ୩ କୁ ବିଶ୍ୱ ସାଇକେଲ ଦିବସ ରୂପେ ପାଳନ କରାଯାଉଛି। ଜୁନ୍ ୩ ତାରିଖ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ଏହି ବର୍ଷ ବିଶ୍ୱ ସାଇକେଲ ଦିବସ ପାଳନ ଅବସରରେ ବିଷୟବସ୍ତୁ ରହିଛି "ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା''।

ତେଣୁ ଆସନ୍ତୁ ସମସ୍ତେ ଅତନ୍ତଃ ବଜାରରୁ ସଉଦା ଆଣିବାକୁ ଗଲାବେଳେ, ଅଳ୍ପ ଦୂରତା ବିଶିଷ୍ଟ କାର୍ଯ୍ୟକ୍ଷେତ୍ରକୁ ଗଲାବେଳେ ମଟର ଗାଡି ବଦଳରେ ସାଇକେଲର ଆଶ୍ରା ନେବା। ଆମର ଦୈନନ୍ଦିନ ଜୀବନରେ ସାଇକେଲକୁ ବ୍ୟବହାର କରି ପରିବେଶ ସୁରକ୍ଷା ସହ ସ୍ୱାସ୍ଥ୍ୟବାନ ହେବା ଓ ଆର୍ଥିକ ସଙ୍କଟ ଦୂର କରିବା ତା ସଙ୍ଗେ ସଙ୍ଗେ ବଜାରରେ ସୃଷ୍ଟି ହେଉଥିବା ଅଯଥା ଜଣ ଗହଳିକୁ କମେଇବାରେ ସହଯୋଗ କରିବା ।

# ଆଧୁନିକ ପିଲା : ଆବେଗହୀନ ଶୈଶବ



ବିଶ୍ୱନାଥ ପାଢୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ସତ୍ୟବାଦୀ ପୁରୀ
୯୨୩୮୮୩୧୬୫୮

ଆଜିର ବଦଳୁଥିବା ସମାଜରେ ପିଲାମାନଙ୍କ ଆଚରଣରେ ଏକ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯାହାକୁ ମୁଁ ନିକଟରେ ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଅତି ନିକଟରୁ ଅନୁଭବ କଲି। ସେଦିନ ଦୂରଦୂରାନ୍ତରୁ ସବୁ ସମ୍ପର୍କୀୟମାନେ ଆସିଥାନ୍ତି କିନ୍ତୁ ସେହି ପରିବାରର ୧୫ ବର୍ଷର ପୁଅ ରୋହନ ନିଜ କୋଠରୀରେ କବାଟ ଦେଇ ଏକାକୀ ବସିଥିଲା। ଯେତେବେଳେ ତା'ର ଜେଜେବାପା ତାକୁ ସମସ୍ତଙ୍କ ସହ ମିଶିବାକୁ ଡାକିଲେ, ସେ ଖୁବ୍ ଚିଡ଼ିଯାଇ କହିଲା, 'ମୋତେ ମୋ ପ୍ରାଇଭେସି ଦରକାର, ମୋ ସ୍ପେସ୍ ଭିତରକୁ କେହି ଆସନି।' ଏହି ଘଟଣାଟି ମୋତେ ଚିନ୍ତା କରିବାକୁ ବାଧ୍ୟ କଲା ଯେ ଆଜିର ପିଲାମାନେ କାହିଁକି ବଡ଼ମାନଙ୍କ ସହ ସାଧାରଣ ବ୍ୟବହାର କରିବା ପରିବର୍ତ୍ତେ ସବୁବେଳେ ଯୁକ୍ତିତର୍କରେ ମାତୁଛନ୍ତି ଏବଂ ନିଜକୁ ଏକାକୀ କରିଦେଉଛନ୍ତି।

ଏହି 'ଜେନ-ଜି' ପିଢ଼ିର ପିଲାମାନଙ୍କ ମଧ୍ୟରେ ଅନେକ ସମୟରେ ଏକ ଅଜବ ଜିଦ୍‌ଖୋର ମନୋଭାବ ଦେଖାଯାଉଛି, ଯେଉଁଠାରେ ସେମାନେ ନିଜକୁ ସର୍ବଦା ଠିକ୍ ବୋଲି ପ୍ରମାଣ କରିବାକୁ ଚାହୁଁଛନ୍ତି। ଖେଳପଡ଼ିଆରେ ହେଉ ବା ପାଠପଢ଼ାରେ, ସେମାନେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯଦି କେହି ସେମାନଙ୍କୁ ସାମାନ୍ୟ ଥଟ୍ଟା କରୁଛି ବା ସେମାନଙ୍କ ଦୋଷ ଦେଖାଇଦେଉଛି, ତେବେ ସେମାନେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇଯାଉଛନ୍ତି ଏବଂ ନିଜର ଆବେଗ ଉପରେ ନିୟନ୍ତ୍ରଣ ହରାଉଛନ୍ତି। ଏହି ପିଲାମାନେ କୌଣସି ଭୁଲ୍ କରିଥିଲେ ମଧ୍ୟ କେବେ କ୍ଷମା ମାଗିବାକୁ ପସନ୍ଦ କରୁନାହାନ୍ତି, ବରଂ ନିଜ ଅଭିମାନକୁ ବଡ଼ ମନେ କରି ଅନ୍ୟମାନଙ୍କଠାରୁ ଖୁବ୍ ଶୀଘ୍ର ଦୂରେଇ ଯାଉଛନ୍ତି। ସେମାନଙ୍କ ମଧ୍ୟରେ ସମ୍ପର୍କରୁ ବିଚ୍ଛିନ୍ନ ହେବାର ପ୍ରବୃତ୍ତି ଏତେ ଅଧିକ ଯେ, ସେମାନେ ନିଜର ବଡ଼ କିମ୍ବା ସାନ ଭାଇଭଉଣୀଙ୍କ ସହ ମଧ୍ୟ ନିଜ ମନର କଥା ବାଣ୍ଟୁନାହାନ୍ତି। ଆଉ ଏକ ସମାନ ଘଟଣାରେ ମୁଁ ଦେଖିଲି, ଜଣେ ସାତବର୍ଷର କୁନି ଝିଅ ନିଜ ମାଉସୀ ପୁଅ ଭାଇ ସହ ଖେଳିବା ବଦଳରେ ଟ୍ୟାବ୍‌ରେ ଭିଡିଓ ଦେଖିବାକୁ ଜିଦ୍ କଲା। ଯେତେବେଳେ ତାଙ୍କ ବାପା ତାକୁ ବାହାରକୁ ଯାଇ ଖେଳିବାକୁ କହିଲେ, ସେ ଓଲଟା ଯୁକ୍ତି କରିବାକୁ ଲାଗିଲା। କହିବା ଅନାବଶ୍ୟକ ଏହା କେବଳ ଡିଜିଟାଲ୍ ନିଶା ନୁହେଁ, ବରଂ ଏକ ଗଭୀର ମାନସିକ ଦୂରତା। ପିଲାମାନେ ଆଜିକାଲି ନିଜକୁ ଗୁପ୍ତ ରଖିବାକୁ ଚେଷ୍ଟା କରୁଛନ୍ତି, ଯାହା ଫଳରେ ସେମାନଙ୍କ ସାମାଜିକ ବିକାଶ ବାଧାପ୍ରାପ୍ତ ହେଉଛି। ସେମାନଙ୍କର ଏହି 'ଇଗୋ' ବା ଅହଂକାର ସେମାନଙ୍କୁ ବାସ୍ତବ ଦୁନିଆର ଶିକ୍ଷା ଓ ସଂସ୍କାରଠାରୁ ଦୂରେଇ ନେଉଛି। ଆଜିକାଲିର ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଏହି ଆଚରଣଗତ ପରିବର୍ତ୍ତନ ପଛରେ କେବଳ ସେମାନଙ୍କର ଜିଦ୍ ନୁହେଁ ବରଂ କିଛି ଗଭୀର ମାନସିକ ଏବଂ ସ୍ନାୟବିକ କାରଣ ମଧ୍ୟ ରହିଛି। ପ୍ରଥମତଃ ସୋସିଆଲ ମିଡିଆ ଏବଂ ଭିଡିଓ ଗେମ୍‌ର ଅତ୍ୟଧିକ ବ୍ୟବହାର ଯୋଗୁଁ ମସ୍ତିଷ୍କରେ 'ଡୋପାମାଇନ୍' ନାମକ ହରମୋନ୍ କ୍ଷରିତ ହେଉଛି। ଯାହା ପିଲାଙ୍କୁ ତତ୍କାଳ ସନ୍ତୋଷ ଦେଉଛି। ଯେତେବେଳେ ସେମାନେ ବାସ୍ତବ ଦୁନିଆକୁ ଆସୁଛନ୍ତି ବା ସାମାଜିକ କାର୍ଯ୍ୟକ୍ରମକୁ ଯାଉଛନ୍ତି, ସେଠାରେ ଏହି ସନ୍ତୋଷ ତାଙ୍କୁ ଧୀରେ ଧୀରେ ମିଳୁଛି, ଫଳରେ ସେମାନେ ବିରକ୍ତ ହେଉଛନ୍ତି ଏବଂ ଏକାକୀ ରହିବାକୁ ପସନ୍ଦ କରୁଛନ୍ତି। ଦ୍ୱିତୀୟରେ ମସ୍ତିଷ୍କର 'ଆମିଗଡାଲା' ଅଂଶ ଆମର ଭୟ ଓ କ୍ରୋଧକୁ ନିୟନ୍ତ୍ରଣ କରୁଛି। ଯେତେବେଳେ ପିଲାମାନଙ୍କୁ କେହି ଥଟ୍ଟା କରୁଛି ବା ସେମାନେ ହାରିଯାଉଛନ୍ତି, ସେମାନଙ୍କର ଏହି ଅଂଶ ଅଧିକ ସକ୍ରିୟ ହେଇଯାଉଛି, ଯାହାଫଳରେ ସେମାନେ ଆବେଗ ଉପରେ ନିୟନ୍ତ୍ରଣ ହରାଇ ବସୁଛନ୍ତି। କିଶୋର ଅବସ୍ଥାରେ ମସ୍ତିଷ୍କର ଯେଉଁ ଅଂଶ( ପ୍ରି-ଫ୍ରଣ୍ଟାଲ କର୍ଟେକ୍ସ ) ନିଷ୍ପତ୍ତି ନେବା ଏବଂ ସମ୍ପର୍କ ବୁଝିବାରେ ସାହାଯ୍ୟ କରେ ତାହା ତାଙ୍କର ସମ୍ପୂର୍ଣ୍ଣ ବିକଶିତ ହୋଇନଥିବା କାରଣରୁ ସେମାନେ ନିଜକୁ ସବୁବେଳେ ଠିକ୍ ମନେ କରୁଛନ୍ତି ଏବଂ ଯୁକ୍ତି କରୁଛନ୍ତି। ସବୁବେଳେ ଅନ୍‌ଲାଇନ୍ ରହିବା ଫଳରେ ବାସ୍ତବ ଦୁନିଆର ସମ୍ପର୍କୀୟଙ୍କ ସହ କଥା ହେବାକୁ ମଧ୍ୟ ସେମାନେ ଭୟ (ସୋସିଆଲ୍ ଆଙ୍ଗଜାଇଟି) କରୁଛନ୍ତି, ଯାହାକୁ ସେମାନେ 'ପ୍ରାଇଭେସି' ବା 'ଗୋପନୀୟତା'ର ନାମ ଦେଉଛନ୍ତି। ଏହି ପିଲାମାନଙ୍କୁ କେବଳ ଗାଳି କରିବା କିମ୍ବା ଶାସନ କରିବା ସମାଧାନ ନୁହେଁ। ସେମାନଙ୍କ ମଧ୍ୟରେ ଦୟା, କ୍ଷମା ଏବଂ ମିଳାମିଶାର ଗୁଣ ଭରିବା ପାଇଁ ଆମକୁ ବନ୍ଧୁ ଭଳି ସେମାନଙ୍କ ସହ ସମୟ ବିତାଇବାକୁ ହେବ। ରାତିରେ ଶୋଇବା ପୂର୍ବରୁ ଏବଂ ପରିବାର ସହ ଖାଇବା ସମୟରେ ମୋବାଇଲ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ। ଏହା ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରିବ। ପିଲାଙ୍କୁ ବୁଝାଇବାକୁ ହେବ ଯେ ପରାଜୟର ଅର୍ଥ ଶେଷ ନୁହେଁ, ବରଂ ଶିଖିବାର ଏକ ସୁଯୋଗ। ସେମାନଙ୍କୁ ବିଭିନ୍ନ ଦଳଗତ କାର୍ଯ୍ୟ ବା ଖେଳରେ ସାମିଲ କରିବାକୁ ହେବ ଯେଉଁଠି ସେମାନେ ଜିତିବା ଅପେକ୍ଷା ମିଳିମିଶି ଖେଳିବାର ଗୁରୁତ୍ୱ ବୁଝିବେ। ସେମାନଙ୍କୁ 'କ୍ଷମା' ଏବଂ 'ଧନ୍ୟବାଦ'ର ଗୁରୁତ୍ୱ ଜଣେଇବାକୁ ହେବ। ଯଦି ପିଲା କୌଣସି ଜିନିଷ ପାଇଁ ରାଗୁଛି, ତେବେ ତା' ଉପରେ ରାଗିବା ପରିବର୍ତ୍ତେ ତାକୁ ଶାନ୍ତ ହେବାକୁ ସମୟ ଦେଇ ପରେ ସେହି ବିଷୟରେ ଆଲୋଚନା କରିବାକୁ ହେବ। ପିଲାଙ୍କୁ ସବୁ ଜିନିଷ ତୁରନ୍ତ ଦେବା ଅପେକ୍ଷା କିଛି ସମୟ ଅପେକ୍ଷା କରାଇବା ଶିଖାଇବାକୁ ହେବ। ଏହା ସେମାନଙ୍କ ଆବେଗିକ ନିୟନ୍ତ୍ରଣ କ୍ଷମତା ବଢ଼ାଇବ। ପିଲାଙ୍କ ସହ ଏମିତି ସମ୍ପର୍କ ରଖିବାକୁ ହେବ ଯେପରି ସେମାନେ ନିଜ ମନର କଥା କହିବାକୁ ଭୟ କରିବେ ନାହିଁ। ଯେତେବେଳେ ସେମାନେ ଜାଣିବେ ଯେ ସେମାନଙ୍କୁ କେହି ସମାଲୋଚନା କରୁନାହିଁ, ସେମାନେ ନିଜକୁ ଏକୁଟିଆ କରି ରଖିବା ବନ୍ଦ କରିଦେବେ। ପିଲାମାନଙ୍କୁ ବଦଳାଇବା ପାଇଁ ପ୍ରଥମେ ଆମକୁ ସେମାନଙ୍କ ଦୁନିଆକୁ ବୁଝିବାକୁ ହେବ। ସ୍ନେହ ଏବଂ ଠିକ୍ ବୁଝାମଣା ହିଁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିପାରିବ। ସେମାନଙ୍କ 'ପ୍ରାଇଭେସି'କୁ ସମ୍ମାନ ଦେବା ସହ ସେମାନଙ୍କୁ ସାମାଜିକ ଦାୟିତ୍ୱବୋଧ ବିଷୟରେ ବୁଝାଇବାକୁ ହେବ, ଯେପରି ସେମାନେ ସେହି ଅନ୍ଧକାରପୂର୍ଣ୍ଣ ଏକାକୀପଣରୁ ବାହାରି ଏକ ସୁସ୍ଥ ପାରିବାରିକ ଜୀବନ ବଞ୍ଚିପାରିବେ। ଆମକୁ ସେମାନଙ୍କୁ ଶିଖାଇବାକୁ ହେବ ଯେ ଜୀବନରେ ହାରିବା ଏବଂ କ୍ଷମା ମାଗିବା ମଣିଷକୁ ଛୋଟ କରେନାହିଁ, ବରଂ ମହାନ କରିଥାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ଜୁନ୍ ୨୦୨୬ ବୁଧବାର

# ଆଭା

# ସମୟ ପୂର୍ବରୁ ବୁଢ଼ା କରିଦେଉଛି ଡିଜିଟାଲ୍ ଦୁନିଆ

## ବିଗାଡୁଛି ଶରୀର ଗଠନ : ସୃଷ୍ଟି କରୁଛି ଅନେକ ସମସ୍ୟା





ଆମର ସ୍ୱାସ୍ଥ୍ୟ ଅବସ୍ଥା ବର୍ତ୍ତମାନ ଏପରି ଯେ ଗୋଟିଏ ଖରାପ ଅଭ୍ୟାସ, ଗୋଟିଏ ଖରାପ ଆସନ ଏବଂ ଆମର ସମ୍ପୂର୍ଣ୍ଣ ଶରୀରର ସନ୍ତୁଳନ ଖରାପ ହେବାକୁ ଲାଗେ। ସକାଳେ ଆଲାର୍ମ ବନ୍ଦ କରିବାଠାରୁ ରାତିର ଶେଷ ରିଲ୍ ପର୍ଯ୍ୟନ୍ତ, ଆମର ମୋବାଇଲ୍ ଫୋନ୍, ଲାପଟପ୍, ଇୟରଫୋନ୍ ଏବଂ ସ୍କ୍ରିନ୍ ଆମ ସହିତ ଲାଗି ରହିଥାଏ। ସହରରେ ହେଉ କି ଗାଁରେ, ଡିଜିଟାଲ୍ ଦୁନିଆ ଏବେ ସମସ୍ତଙ୍କ ପାଖରେ ପହଞ୍ଚି ଯାଇଛି, କିନ୍ତୁ ଯେତେବେଳେ ସୁବିଧା ଅତ୍ୟଧିକ ହୋଇଯାଏ, ଏହା ଶାରୀରିକ ଅସ୍ୱସ୍ତିର କାରଣ ହୋଇଯାଏ।କାମକୁ ସହଜ କରିବା ପାଇଁ ଯେଉଁ ପ୍ରଯୁକ୍ତିବିଦ୍ୟା ତିଆରି କରାଯାଇଥିଲା ତାହା ଏବେ ଆମ ବେକକୁ ବଙ୍କା କରୁଛି, ଆଖିକୁ କ୍ଲାନ୍ତ କରୁଛି, ନିଦ ହରାଉଛି ଏବଂ ଅକାଳରେ ବୃଦ୍ଧ କରୁଛି। ମୋବାଇଲ୍ ଫୋନର ଛୋଟ ସ୍କ୍ରିନରୁ ଆରମ୍ଭ ହୋଇଥିବା ସମସ୍ୟା ଏବେ ଆମ ହାତ, ହାତର ବୁଢ଼ା ଆଙ୍ଗୁଠି, ବେକ, କାନ୍ଧ, କଟି, ଆଖି, କାନ ଏବଂ ମସ୍ତିଷ୍କକୁ ବ୍ୟାପିଛି।

ନିରନ୍ତର ଟାଇପିଂ ଯୋଗୁଁ ହାତରେ 'କାର୍ପଲ ଟନେଲ୍ ସିଣ୍ଡ୍ରୋମ୍', ମାଉସ୍ ଧରି ରଖିବା ଯୋଗୁଁ 'ମାଉସ୍ ଆର୍ମ' ଏବଂ 'ଟେନିସ୍ ଏଲବୋ', ଫୋନ୍ ଦେଖିବା ପାଇଁ ବେକ ବଙ୍କା ହେବା ଯୋଗୁଁ 'ଟେକ୍ସଟ୍ ନେକ୍', ଲାପଟପ୍ ସାମ୍ନାରେ ବସିବା ଯୋଗୁଁ 'କମ୍ପ୍ୟୁଟର ହଞ୍ଚ୍', ନିରନ୍ତର ସ୍କ୍ରୋଲିଂ ଯୋଗୁଁ 'ଗେମର୍ ଥମ୍ବ' ଏବଂ ଘଣ୍ଟା ଘଣ୍ଟା ବସି ରହିବା ଯୋଗୁଁ 'ଡେଡ୍ ବଟ୍ ସିଣ୍ଡ୍ରୋମ୍' ହୋଇଥାଏ। କେବଳ ଏତିକି ନୁହେଁ, ଦୀର୍ଘ ସମୟ ଧରି ସ୍କ୍ରିନକୁ ଦେଖିବା ଯୋଗୁଁ 'ଡିଜିଟାଲ୍ ଆଇ ଷ୍ଟ୍ରେନ୍, ଅଧିକ ଭଲ୍ୟୁମରେ ଇୟରଫୋନ୍ ବ୍ୟବହାର କରିବା ଯୋଗୁଁ 'ରିଙ୍ଗିଂ ସିଣ୍ଡ୍ରୋମ୍', ରାତିରେ ମୋବାଇଲ୍ ବ୍ୟବହାର କରିବା ଯୋଗୁଁ 'ସ୍ଲିପ୍ ଡିସଅର୍ଡର', ଫୋନ୍ ରଖିବା ମାତ୍ରେ ଅସ୍ଥିରତା ଅର୍ଥାତ୍ 'ନୋମୋଫୋବିଆ', ଏସବୁ ମିଶି ଶରୀରର ସମଗ୍ର ସିଷ୍ଟମକୁ ପ୍ରଭାବିତ କରେ।

ଏହା ବହୁତ ନୀରବରେ ଆରମ୍ଭ ହୁଏ। ୨୦-୩୦ ମିନିଟ୍ ସ୍କ୍ରିନ୍ ସମୟ ଆଖିରେ ଶୁଷ୍କତା, ଗୋଟିଏ ଘଣ୍ଟା ପରେ ମୁଣ୍ଡବିନ୍ଧା ଏବଂ ଦୃଷ୍ଟିକୁ ଝାପ୍ସା କରିବା, ଦୁଇ ଘଣ୍ଟା ବେକ-କାନ୍ଧରେ ଚାପ, ତିନି ଘଣ୍ଟା ପିଠି-ବେକରେ ଯନ୍ତ୍ରଣା, ଚାରି ଘଣ୍ଟାରୁ ଅଧିକ ସମୟ ବସି ରହିବା ଦ୍ୱାରା କଟି ଏବଂ କାନ୍ଧରେ କଠିନତା ସୃଷ୍ଟି ହୁଏ, ଏବଂ ଯଦି ବିଳମ୍ବିତ ରାତିରେ ସ୍କ୍ରିନ୍ ଚାଲୁ ରହେ, ତେବେ ସମ୍ପୂର୍ଣ୍ଣ ନିଦ ଚକ୍ର ବାଧାପ୍ରାପ୍ତ ହୁଏ। ଆଜି, ପ୍ରଯୁକ୍ତିବିଦ୍ୟା ତ୍ୟାଗ କରିବା ନୁହେଁ, ବରଂ ଏହା ସହିତ ବଞ୍ଚିବାର ସଠିକ୍ ଉପାୟ ଶିଖିବା ଆବଶ୍ୟକ। ପ୍ରତିଦିନ କିଛି ସମୟ ପାଇଁ ଯୋଗ କରନ୍ତୁ, ବ୍ୟାୟାମ କରନ୍ତୁ, ନିଦକୁ କିପରି ଉନ୍ନତ କରିବେ ତାହା ଶିଖନ୍ତୁ।

ସେହିପରି ଭିଟାମିନ୍-ଡି ଶରୀର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ, ଯାହା ହାଡ଼କୁ ମଜବୁତ କରିବା, ରୋଗ ପ୍ରତିରୋଧକ ଶକ୍ତି, ମାଂସପେଶୀ ଏବଂ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହାର ଅଭାବ ହାଡ଼ ଯନ୍ତ୍ରଣା, ଦୁର୍ବଳତା, ଥକ୍କାପଣ, ବାରମ୍ବାର ଅସୁସ୍ଥତା ଏବଂ ମନୋଭାବ ସହ ଜଡିତ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ। ଯଦିଓ ଅନେକ ଲୋକ ଭିଟାମିନ୍-ଡି ଅଭାବକୁ ପୂରଣ କରିବା ପାଇଁ ସପ୍ଲିମେଣ୍ଟ ଆଡକୁ ମୁହାଁଇଥାନ୍ତି, କିନ୍ତୁ କିଛି ପ୍ରାକୃତିକ ଉପାୟ ମଧ୍ୟ ଭିଟାମିନ୍-ଡି ସ୍ତରକୁ ବୃଦ୍ଧି କରିବାରେ ସାହାଯ୍ୟ କରିପାରେ। ଆସନ୍ତୁ ଜାଣିବା ଭିଟାମିନ୍-ଡି ଅଭାବ ଯୋଗୁଁ ହେଉଥିବା ଗମ୍ଭୀର ସମସ୍ୟା ଏବଂ ସପ୍ଲିମେଣ୍ଟ ବିନା ଏହାକୁ ବୃଦ୍ଧି କରିବାର ସହଜ ଉପାୟ ବିଷୟରେ।

ସକାଳ ୮ ରୁ ୧୧ ଟା ମଧ୍ୟରେ ୧୫-୩୦ ମିନିଟ୍ ପାଇଁ ସୂର୍ଯ୍ୟ କିରଣରେ ବସିବା ଶରୀରକୁ ପ୍ରାକୃତିକ ଭାବରେ ଭିଟାମିନ୍ ଡି ଉତ୍ପାଦନ କରିବାରେ ସାହାଯ୍ୟ କରେ। ଯଦି ଆପଣ ନିରାମିଷ ଖାଦ୍ୟ ଖାଆନ୍ତି, ତେବେ ଆପଣଙ୍କ ଖାଦ୍ୟରେ ସାଲମନ, ସାର୍ଡିନ୍ ଏବଂ ମ୍ୟାକେରେଲ୍ ଭଳି ମାଛ ସାମିଲ କରନ୍ତୁ; ଏଗୁଡ଼ିକ ଭିଟାମିନ୍-ଡିର ଉତ୍ତମ ଉତ୍ସ। ଅଣ୍ଡାର କେଶର ମଧ୍ୟ କିଛି ପରିମାଣରେ ଭିଟାମିନ୍ ଡି ଥାଏ, ଯାହାକୁ ସନ୍ତୁଳିତ ଖାଦ୍ୟର ଅଂଶ ଭାବରେ ଅନ୍ତର୍ଭୁକ୍ତ କରାଯାଇପାରିବ। ଏକ ସକ୍ରିୟ ଜୀବନଶୈଳୀ ହାଡ଼ ଏବଂ ମାଂସପେଶୀକୁ ମଜବୁତ ରଖିବାରେ ସାହାଯ୍ୟ କରେ ଏବଂ ଶରୀରର ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ।

# ସୁନ୍ଦର ଦେଖାଯିବା ପାଇଁ ନିୟମିତ ତ୍ୱଚାର କ୍ଲିଂଜିଂ, ଟୋନିଂ ଏବଂ ମଶ୍ଚରାଇଜିଂ ଜରୁରୀ





ବିବାହ ଦିନ ସୁନ୍ଦର ଦେଖାଯିବା ପାଇଁ ହେଲେ ତ୍ୱଚାଠାରୁ ଆରମ୍ଭକରି କେଶ ପର୍ଯ୍ୟନ୍ତ ସବୁକିଛିର ବହୁ ପୂର୍ବରୁ ଯତ୍ନନେବାକୁ ହେବ। ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ ଜାଣିରଖନ୍ତୁ। ଫିଟ୍‌ନେସ୍‌କୁ ଠିକ୍ ରଖିବା ପାଇଁ ପ୍ରତିଦିନ ହାଲ୍‌କା ବ୍ୟାୟାମ କରନ୍ତୁ। ଏହା ସହ ଅଧିକ ଫଳ ଓ ସାଲାଡ, ଗଜା ହୋଇଥିବା ବିଭିନ୍ନ ଶସ୍ୟ, ଦହି, ପନିର ଆଦି ଅଧିକ ଖାଆନ୍ତୁ। ମାନସିକ ଚାପ କମ୍ କରିବା ପାଇଁ ମଧ୍ୟ ଯୋଗ କିମ୍ବା ମେଡିଟେଶନ କରନ୍ତୁ। ନିୟମିତଭାବେ ତ୍ୱଚାର କ୍ଲିଂଜିଂ, ଟୋନିଂ ଏବଂ ମଶ୍ଚରାଇଜିଂ କରନ୍ତୁ। ବିବାହର କିଛିଦିନ ପୂର୍ବରୁ ହଳଦୀ ଲଗାଇବା ବନ୍ଦ କରିଦିଅନ୍ତୁ। କାରଣ ତ୍ୱଚାରୁ ହଳଦୀ ରଙ୍ଗ ସହଜରେ ଛାଡ଼ି ନ ଥାଏ। ଫଳରେ ମେକ୍‌ଅପ୍ ସମୟରେ ଅସୁବିଧା ହୁଏ। ସପ୍ତାହକୁ ଅତିକମ୍‌ରେ ୩ଥର ରାତିରେ ଶୋଇବା ପୂର୍ବରୁ ଲେମ୍ବୁରସ ଓ କଞ୍ଚାକ୍ଷୀର ଲଗାନ୍ତୁ। ଏହା ପ୍ରାକୃତିକ କ୍ଲିଜର ଓ ଆଷ୍ଟ୍ରିଜେଣ୍ଟ ଭଳି କାମ ଦିଏ ଓ ସ୍କିନ୍‌ର ଚମକ ବଢ଼ାଏ। ଆଳୁକୁ ପତଳା କରି କାଟି ମୁହଁରେ ଘଷନ୍ତୁ, ତାହା ସ୍କ୍ରବ୍ ଭଳି କାମ ଦେବ। ସପ୍ତାହକୁ ଅତିକମ୍‌ରେ ଥରେ ସ୍କ୍ରବ୍ କରନ୍ତୁ। ଠିକ୍ ସମୟରେ ଏବଂ ଅତିକମ୍‌ରେ ୮ ଘଣ୍ଟା ଶୁଅନ୍ତୁ। ଫଳରେ ଆଖି ତଳେ ଡାର୍କ ସର୍କଲ ହେବ ନାହିଁ। ମେକ୍‌ଅପ୍ ସାମଗ୍ରୀ ସବୁ ଆଗରୁ କିଣି ବ୍ୟବହାର କରନ୍ତୁ। ତ୍ୱଚାକୁ ତାହା ସୁଟ୍ କରୁଛି କି ନା ଜଣାପଡ଼ିଯିବ। ବାହାରକୁ ଯାଉଥିଲେ ସନ୍‌ସ୍କ୍ରିନ୍ ଲୋସନ ନିଶ୍ଚିତ ଲଗାନ୍ତୁ। ମେନିକିଓର ଓ ପେଡିକିଓର ମଧ୍ୟ କରନ୍ତୁ। କେଶ ଯଦି ଡ୍ରାଏ ହୋଇଥାଏ ତେବେ ପ୍ରତି ୩ଦିନରେ ଥରେ ତେଲ ଗରମ କରି ଲଗାନ୍ତୁ। ମାସକୁ ଥରେ କିମ୍ବା ୨ ଥର ହେୟାର ସ୍ପା ମଧ୍ୟ କରନ୍ତୁ। ଫେସିଆଲ କରିବାର ୨ଦିନ ପରେ ସ୍କିନ୍‌ରେ ଗ୍ଲୋ ଆସିଥାଏ। ତେଣୁ ବିବାହର ୨ଦିନ ଆଗରୁ ହିଁ ଫେସିଆଲ କରନ୍ତୁ। ସ୍କିନ୍ ଅନୁସାରେ ଫ୍ରୁଟ୍, ଅରୋମା, ପର୍ଲ, ଗୋଲ୍ଡ କିମ୍ବା ଡାଏମଣ୍ଡ ଆଦି ଯେକୌଣସି ପ୍ରକାର ଫେସିଆଲ କରନ୍ତୁ। ବିବାହର ସପ୍ତାହେ ପୂର୍ବରୁ କୌଣସି ପ୍ରକାର ନୂଆ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତୁ ନାହିଁ।

# ଭାରତର ୫୦ ପ୍ରତିଶତ ଜନସଂଖ୍ୟା ଅଳସୁଆ



ଶାରୀରିକ କାର୍ଯ୍ୟକଳାପ ଦୃଷ୍ଟିରୁ ଭାରତର ଜନସଂଖ୍ୟା ବିଶ୍ୱରେ ଦ୍ୱାଦଶ ସ୍ଥାନରେ ରହିଛି। ଦି ଲାନସେଟ୍ ଗ୍ଲୋବାଲ୍ ହେଲ୍‌ଥ ଜର୍ଣ୍ଣାଲ୍ ଅନୁଯାୟୀ ଭାରତର ୫୭ ପ୍ରତିଶତ ମହିଳା ଶାରୀରିକ ଦୃଷ୍ଟିରୁ ଅଳସୁଆ। ୪୨ ପ୍ରତିଶତ ଭାରତୀୟ ପୁରୁଷ ଅଳସୁଆ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ସମେତ ଏକ ଅନ୍ତର୍ଜାତୀୟ ଗବେଷକ ଦଳ କହିଛନ୍ତି ଯେ ବୟସ୍କମାନେ ପର୍ଯ୍ୟାପ୍ତ ପରିମାଣରେ ଶାରୀରିକ ଭାବେ ସକ୍ରିୟ ଥିବା ଦୃଷ୍ଟିରୁ ଦକ୍ଷିଣ ଏସିଆ ମହାଦେଶର ଦ୍ୱିତୀୟ ସ୍ଥାନରେ ରହିଛି। ପତ୍ରିକାର ଲେଖକମାନେ ଜାଣିବାକୁ ପାଇଛନ୍ତି ବିଶ୍ୱସ୍ତରରେ ପ୍ରାୟ ଏକ ତୃତୀୟାଂଶ ବୟସ୍କ (୩୧.୩ ପ୍ରତିଶତ) ପର୍ଯ୍ୟାପ୍ତ ଭାବରେ ଶାରୀରିକ ଭାବରେ ସକ୍ରିୟ। ୨୦୧୦ରେ ବିଶ୍ୱର ୨୬.୪ ପ୍ରତିଶତ ବୟସ୍କ ଅଳସୁଆ ଥିଲେ। ଭାରତରେ, ୨୨ ପ୍ରତିଶତରୁ ଅଧିକ ବୟସ୍କ ୨୦୦୦ରେ ପର୍ଯ୍ୟାପ୍ତ ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିବାବେଳେ ୨୦୧୦ ରେ, ପ୍ରାୟ ୩୪ ପ୍ରତିଶତ ବୟସ୍କ ବ୍ୟକ୍ତି ଶାରୀରିକ ଭାବରେ ସକ୍ରିୟ ଥିଲେ। ଆକଳନ କରାଯାଇଛି ଯଦି ସାମ୍ପ୍ରତିକ ଧାରା ଜାରି ରହେତେବେ ୨୦୩୦ ବେଳକୁ ୬୦ ପ୍ରତିଶତ ବୟସ୍କ ଅଳସୁଆ ହୋଇଯିବେ। ବିଶ୍ୱର ୧୯୭ ଟି ଦେଶରେ କରାଯାଇଥିବା ସର୍ବେକ୍ଷଣ ଅନୁସାରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।ଶାରୀରିକ ନିଷ୍କ୍ରିୟତା ବା ଅଳସୁଆ ପଣ ଅନେକ ରୋଗକୁ ପ୍ରୋତ୍ସାହିତ କରିଥାଏ।

ବାସ୍ତବରେ, ଶାରୀରିକ ନିଷ୍କ୍ରିୟତା ମଧୁମେହ ଏବଂ ହୃଦରୋଗ ତଥା ଅଣ ସଂକ୍ରାମକ ରୋଗର ଆଶଙ୍କା ବଢ଼ାଇଥାଏ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଶାରୀରିକ କାର୍ଯ୍ୟକଳାପରସ୍ତର ବୃଦ୍ଧି ଏବଂ ଅଧିକରୁ ଅଧିକ ଅଳସୁଆ ଜୀବନଶୈଳୀ ଏହି ରୋଗର ବୃଦ୍ଧିରେ ସହାୟକ ହେଉଛି ଏବଂ ସାରା ବିଶ୍ୱରେ ସ୍ୱାସ୍ଥ୍ୟସେବା ଉପରେ ଏକ ବୋଝ ପକାଉଛି। ଦି ଲାନସେଟ୍ ଡାଇବେଟିସ୍ ଏବଂ ଏଣ୍ଡୋକ୍ରିନୋଲୋଜି ପତ୍ରିକାରେ ପ୍ରକାଶିତ ୨୦୨୩ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ-ଇଣ୍ଡିଆ ଡାଇବେଟିସ୍ ଅଧ୍ୟୟନ ଅନୁଯାୟୀ ୨୦୨୧ ମସିହାରେ ଭାରତରେ ୧୦୧ ନିୟୁତ ଲୋକଙ୍କର ମଧୁମେହ ହୋଇଥିଲା ଏବଂ ପ୍ରାୟ ୩୧୫ ନିୟୁତ ଲୋକଙ୍କର ଉଚ୍ଚ ରକ୍ତଚାପ ରହିଥିଲା।

## ଶିଶୁ ଏବଂ କିଶୋରଙ୍କର କିଡ୍‌ନୀ ଅକାମୀ ସମସ୍ୟାରେ ବୃଦ୍ଧି

# ଆନ୍ଧ୍ରପ୍ରଦେଶ-ତେଲେଙ୍ଗାନାରେ ସର୍ବାଧିକ



ଦେଶର ପ୍ରାୟ ପାଞ୍ଚ ପ୍ରତିଶତ ଶିଶୁ ଏବଂ କିଶୋରଙ୍କର କିଡ୍‌ନୀ ବିଫଳତା କିମ୍ବା କିଡ୍‌ନୀ ସମସ୍ୟା ରହିଛି। ଦେଶବ୍ୟାପୀ ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ କିଡ୍‌ନୀ ନଷ୍ଟ ଯୋଗୁ ସମୟ ଗଡିବା ସହିତ ସମସ୍ୟା ଅଧିକ ଜଟିଳ ଏବଂ ଆରୋଗ୍ୟ ହୋଇ ନ ଥାଏ। ପରେ ଏହା ଧୀରେ ଧୀରେ କ୍ରନିକ୍ କିଡ୍‌ନୀ ରୋଗ (ସିକେଡି)ରେ ପରିଣତ ହୋଇଥାଏ। ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ, ଭଠିଣ୍ଡା ଏବଂ ବିଜୟପୁର ଏବଂ ଗ୍ଲୋବାଲ ହେଲଥ ଇଣ୍ଡିଆର ଜର୍ଜ ଇନଷ୍ଟିଚ୍ୟୁଟର ଅନୁସନ୍ଧାନକାରୀମାନେ ମିଳିତ ଭାବେ ଏହି ଅଧ୍ୟୟନ କରିଛନ୍ତି।

ଏହାର ଫଳାଫଳ ସ୍ପ୍ରିଙ୍ଗର୍ ଲିଙ୍କ୍ ପତ୍ରିକାରେ ପ୍ରକାଶିତ ହୋଇଛି। ଏହାର ମୁଖ୍ୟ କାରଣ କ'ଣ ଏବଂ କେତେ ପିଲା ଏଥିରେ ପୀଡିତ, ସଠିକ୍ ଆକଳନ ଉପଲବ୍ଧ ନାହିଁ। ଏହି ଅଧ୍ୟୟନ ୨୦୧୬ ରୁ ୨୦୧୮ ମଧ୍ୟରେ ପାଞ୍ଚରୁ ୧୯ ବର୍ଷ ବୟସର ୨୪,୬୯୦ ଶିଶୁ ଏବଂ କିଶୋରଙ୍କ ଜାତୀୟ ପୋଷଣ ସର୍ବେକ୍ଷଣ ଉପରେ ଆଧାରିତ। ସର୍ବେକ୍ଷଣ ଅନୁଯାୟୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ପଶ୍ଚିମବଙ୍ଗରେ ସର୍ବାଧିକ ମାମଲା ହୋଇଥିବାବେଳେ ତାମିଲନାଡୁ, ଛତିଶଗଡ, ରାଜସ୍ଥାନ ଏବଂ କେରଳରେ ଏହାର ସଂଖ୍ୟା କମ୍ ରହିଛି। ଗବେଷକଙ୍କ ଅନୁଯାୟୀ, ୧୦ ଲକ୍ଷ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୪୯ ହଜାର ଶିଶୁ ଏବଂ କିଶୋର (୪.୯ ପ୍ରତିଶତ) କିଡ୍‌ନୀ ରୋଗରେ ପୀଡିତ ଅଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଅଧାରୁ ଅଧିକ ଲୋକ ଏବଂ ସେମାନଙ୍କ ପିତାମାତାଙ୍କର ଏହି ବିଷୟରେ କୌଣସି ଧାରଣା ନାହିଁ। ଏହି ସମସ୍ୟା ପ୍ରାୟତଃ ଏପରି କ୍ଷେତ୍ରରେ ବିଦ୍ୟମାନ ଅଛି ଯେଉଁଠାରେ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବା ପ୍ରାୟ ସୀମିତ । ଯେଉଁମାନେ ଏହି ସମସ୍ୟା ବିଷୟରେ ଅବଗତ ଅଛନ୍ତି, ସେମାନଙ୍କର ଚିକିତ୍ସା ପ୍ରାୟତଃ ଡାକ୍ତରଙ୍କ ଉପରେ ନିର୍ଭର କରେ । ଜାତୀୟ ପୋଷଣ ସର୍ବେକ୍ଷଣ ଅନୁଯାୟୀ ଏହି ସମସ୍ୟା ମୁଖ୍ୟତଃ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଥାଏ। ଏହାର ମୁଖ୍ୟ କାରଣ ହେଉଛି ପିତାମାତା, ବିଶେଷକରି ମାତାମାନଙ୍କ ମଧ୍ୟରେ ଶିକ୍ଷାର ଅଭାବ, ଶିଶୁ ଏବଂ କିଶୋରମାନଙ୍କ ଶାରୀରିକ ବିକାଶର ଅଭାବ ଏବଂ ବାମନପଣ। ଏହି କାରଣଗୁଡିକ ସହିତ ମୁକାବିଲା କରି ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି କରାଯାଇ ପାରିବ। ଏହା ବ୍ୟତୀତ ଗ୍ରାମସ୍ତରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ନ କରି ଲକ୍ଷ୍ୟ ହାସଲ କରିବା ଅତ୍ୟନ୍ତ କଷ୍ଟକର। ପିଲାମାନଙ୍କଠାରେ କ୍ରନିକ୍ କିଡ୍‌ନୀ ରୋଗକୁ ରୋକିବା ପାଇଁ ଅନୁସନ୍ଧାନକାରୀମାନେ ମଧ୍ୟ ପରାମର୍ଶ ଦେଇଛନ୍ତି। ସେଥିପାଇଁ ନିୟମିତ ଯାଞ୍ଚ ଏବଂ ପରିସ୍ରା ପରୀକ୍ଷା କରିବା ଆବଶ୍ୟକ । ସୋଡିୟମ୍, ଫସଫରସ୍ ଏବଂ ପୋଟାସିୟମର କମ୍ ଥିବା ଏକ ସୁସ୍ଥ ଏବଂ ସନ୍ତୁଳିତ ଖାଦ୍ୟ କିଡ୍‌ନୀ କାର୍ଯ୍ୟକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ଏହା ସହିତ ପିଲାମାନଙ୍କୁ ଫଳ, ପନିପରିବା, ଶସ୍ୟ ଏବଂ ପ୍ରୋଟିନ୍ ଖାଇବାକୁ ଉତ୍ସାହିତ କରିବା ଏବଂ ପିଲାମାନଙ୍କୁ ପ୍ରକ୍ରିୟାକୃତ ଖାଦ୍ୟ ଏବଂ ସ୍ନାକ୍ସରୁ ଦୂରରେ ରଖିବା ଜରୁରୀ। ଚିନି ଏବଂ ଲୁଣ ଅଧିକ ଥିବା ଖାଦ୍ୟରୁ ମଧ୍ୟ ଦୂରେଇ ରହିବା ଜରୁରୀ ଅଟେ।

# ମଧୁମେହ ଓ ଉଚ୍ଚ ରକ୍ତଚାପ କବଳରେ ଯୁବଗୋଷ୍ଠୀ

ମଧୁମେହ, ଉଚ୍ଚ ରକ୍ତଚାପ ରାକ୍ଷସ କବଳରେ ଭାରତର ଯୁବଗୋଷ୍ଠୀ । ଅନିୟମିତ ଖାଦ୍ୟ, ଶାରୀରିକ ବ୍ୟାୟାମ ଅଭାବରୁ ୨୦୩୦ ସୁଦ୍ଧା ଦେଶର ୩୦ କୋଟି ଯୁବକ ଯୁବତୀଙ୍କ ଜୀବନ ଦୁର୍ବିସହ ହୋଇପାରେ । ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ କରିଛି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା ଲାନ୍ସେଟ । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଏହି ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାର ଜନସଂଖ୍ୟାର ୩୦ ପ୍ରତିଶତ ବି ଏହି ରୋଗର ଶିକାର ହୋଇଛନ୍ତି । ବିଶେଷଜ୍ଞଙ୍କ ମତରେ ଯୋଗ, ବ୍ୟାୟାମ ଓ ରାତିରେ ଅଳ୍ପାହାର କଲେ ବଞ୍ଚିଯିବ ଜୀବନ । ଜୀବନ ନେଉଛି ମଧୁମେହ, ଉଚ୍ଚ ରକ୍ତଚାପ । ଧୀରେ ଧୀରେ ବିଶ୍ୱର ଡାଇବେଟିକ୍ ରାଜଧାନୀ ପାଲଟିବାକୁ ଯାଉଛି କି ଭାରତ ? ଶାରୀରିକ ବ୍ୟାୟାମ, ଯୋଗ, ନିୟମିତ ଖାଦ୍ୟପେୟ ଓ ଜୀବନଚର୍ଯ୍ୟା ଅଭାବରୁ ଦେଶର ୧୫ରୁ ୨୯ ବର୍ଷ ବୟସର ଯୁବବର୍ଗ ଏପରି ସାଂଘାତିକ ରୋଗରେ ପୀଡ଼ିତ। ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା ଲାନ୍ସେଟ୍ ଏପରି ଉଦବେଗଜନକ ରିପୋର୍ଟ ପ୍ରକାଶ କରିଛି । ରିପୋର୍ଟ ଅନୁଯାୟୀ ୨୦୦୦ ମସିହାରୁ ୨୦୧୦ ଭିତରେ ମଧୁମେହ ରୋଗୀଙ୍କ ସଂଖ୍ୟା ୩୪ ପ୍ରତିଶତ ବଢିଛି । ଏପରି ସଂଖ୍ୟା ବୃଦ୍ଧି ପାଇଲେ ୨୦୩୦ ସୁଦ୍ଧା ମୋଟ ଜନସଂଖ୍ୟାର ୫୦ କୋଟି ଯୁବକ ଯୁବତୀଙ୍କ ଭିତରୁ ୩୦ କୋଟି ଯୁବବର୍ଗଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବ । ଗତବର୍ଷ ଆଇସିଏମଆର ଓ ଲାନସେଟ୍ ମିଳିତ ସର୍ଭେ ଅନୁଯାୟୀ ୧୮ ବର୍ଷରୁ ଅଧିକ ବୟସର ୧୦ କୋଟି ୧୦ ଲକ୍ଷ ଯୁବକ ସାଂଘାତିକ ମଧୁମେହ ରୋଗରେ ପୀଡ଼ିତ । ସେହପରି ୩୧ କୋଟି ୫୦ ଲକ୍ଷ ଯୁବକ ହାଇପରଟେନ୍ସନରେ ଆକ୍ରାନ୍ତ । ସପ୍ତାହକୁ ୧୫୦ ମିନିଟ ହିସାବରେ ଦିନକୁ ୧୫ରୁ ୨୦ ମିନିଟ ଶାରୀରିକ ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ । କିନ୍ତୁ ଏତିକି ବି କରିବାକୁ ଆଜିର ଯୁବଗୋଷ୍ଠୀ ଆଗ୍ରହ ଦେଖାଉନାହାନ୍ତି ।

# ନିଦ୍ରାହୀନତା ସ୍ୱାସ୍ଥ୍ୟ ପାଇଁ ବଡ ବିପଦ



ଖାଦ୍ୟ ଓ ପାନୀୟ ପରି ନିଦ ମଧ୍ୟ ମନୁଷ୍ୟ ଶରୀର ପାଇଁ ନିହାତି ଜରୁରୀ। କିନ୍ତୁ ଏବେ ଅଧିକାଂଶ ଲୋକ ନିଦ୍ରହୀନତାର ଶିକାର ହେଉଛନ୍ତି। ରାତିରେ ସଠିକ୍ ଭାବରେ ନଦ ହେଉନାହିଁ। ତେବେ ଆପଣଙ୍କୁ ଏମିତି ଏକ ସମାଧାନର ବାଟ କହିବୁ ଯାହା ଆପଣଙ୍କ ନିଦ୍ରାହୀନତା ସମସ୍ୟାରୁ ମୁକ୍ତି ଦେବାରେ ବେଶ ସହାୟକ ହେବ।

ନିଦ୍ରାହୀନତା ସମସ୍ୟା ବେଶୀ ଦିନ ରହିଲେ ଏହା ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ ଆଣିପାରେ । ତେବେ ଏମିତି କିଛି ଉପାୟ ଅଛି ଯାହାକୁ ପାଳନ କଲେ ଆପଣ ରାତିରେ ଗାଢ ନିଦରେ ଶୋଇପାରିବେ । ଶୋଇବା ପୂର୍ବରୁ କରୁଥିବା କାମ ଆପଣଙ୍କ ନିଦକୁ ପ୍ରଭାବିତ କରିଥାଏ। ରାତିରେ ଶୋଇବା ପୂର୍ବରୁ ବ୍ରଶ କରିବା, ନିଜ ତ୍ୱଚାର ଯତ୍ନ ନେବା, ଶୋଇବା ପାଇଁ ଆରାମ ଦାୟକ ପରିବେଶ ତିଆରି କରିବା ଅର୍ଥାତ କୋଠାରୀର ତାପମାତ୍ରା ଠିକ ରଖିବା ଓ ବିଛଣା ସଜାଡିବା ପରି କାମ କରନ୍ତୁ। ଯାହା ଆପଣଙ୍କ ମସ୍ତିଷ୍କରେ ଶୋଇବା ପାଇଁ ଏକ ଅନୁକୂଳ ଭାବନା ଆଣିଥାଏ।

ମନୋବିଜ୍ଞାନୀଙ୍କ ଅନୁସାରେ, ମସ୍ତିକଷ୍କକୁ ଚିନ୍ତାଶୂନ୍ୟ ରଖିଲେ ଓ ଶରୀରକୁ ଆରାମ ଦେଲେ ନିଦ ଆପେ ଆପେ ଆସିଥାଏ । ରାତିରେ କିଛି ଜର୍ଣ୍ଣାଲ ଲେଖିବା କିମ୍ବା ଡାୟରୀରେ ଦିନସାରାର ଘଟଣାବଳୀ ଲେଖିବା ଦ୍ୱାରା ଆପଣଙ୍କ ମସ୍ତିଷ୍କରୁ ଅନେକ ଚିନ୍ତାଧାରା ବାହାରିଯାଇଥାଏ । ଫଳରେ ଆପଣଙ୍କୁ ଜଲଦି ଭଲ ନିଦ ଆସିବାର ସମ୍ଭାବନା ରହିଛି । ରାତିରେ ହାଲକା ଖାଦ୍ୟ ଗ୍ରହଣ କରିବା ବେଶ ଉପଯୋଗୀ ହୋଇଥାଏ । ରାତିରେ ଚିନି, କାର୍ବୋହାଇଡ୍ରେଟ, ଫ୍ୟାଟ ଓ କ୍ୟାଫିନ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ । ଶୋଇବା ପୂର୍ବରୁ କ୍ଷୀର କିମ୍ବା ପାଚିଲା କଦଳୀ ଗ୍ରହଣ କରିପାରିବେ । ଏଥିରେ ମହଜୁଦ ଥିବା ଟ୍ରିପ୍ଟୋଫେନ ନାମକ ରସାୟନ ଆପଣଙ୍କୁ ସୁଖନିଦ୍ରା ଦେଇଥାଏ । ଯଦି ଆପଣଙ୍କୁ ନିଦ ଆସୁନି ତେବେ ଆପଣ କିଛି ସମୟ ପାଇଁ ପ୍ରାଣାୟମ ମଧ୍ୟ କରିପରିବେ। ଶୋଇବା ସେଜରେ ନିଜ ଜିଭକୁ ବିଶ୍ରାମ ଦିଅନ୍ତୁ ଓ ତାକୁ ପାଟିର ତଳ ପାର୍ଶ୍ୱରେ ସ୍ପର୍ଶ କରନ୍ତୁ। ସେହି ଅବସ୍ଥାରେ ୪ ସେକେଣ୍ଡ ପାଇଁ ଧୀରେ ଧୀରେ ନିଶ୍ୱାସ ନିଅନ୍ତୁ। ପରେ ୭ ସେକେଣ୍ଡ ପାଇଁ ନିଶ୍ୱାସକୁ ବନ୍ଦ କରି ପରବର୍ତ୍ତୀ ସମୟରେ ଛାଡ଼ନ୍ତୁ। ଏହି ପ୍ରାଣାୟମକୁ କିଛି ସମୟ ପାଇଁ କଲେ ଆପଣଙ୍କୁ ନିଦ ଆସିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣ ନିଜର ସ୍କ୍ରିନଟାଇମକୁ କମାନ୍ତୁ। ଅର୍ଥାତ ଶୋଇବାର ଏକ ଘଣ୍ଟା ପୂର୍ବରୁ କେ?ାଣସି ପ୍ରକାର ଉଜ୍ଜ୍ୱଳ ସ୍କ୍ରିନଠାରୁ ଦୂରରେ ରୁହନ୍ତୁ। ମୋବାଇଲ ଓ ଟିଭି ଦେଖିବା ଦ୍ୱାରା ସେଥିରୁ ଆସୁଥିବା ନୀଳ ଆଲୋକ ଶରୀରେ ନିଦ ଆଣୁଥିବା ମେଲାଟୋନିନ ହରମୋନ କ୍ଷରଣକୁ କମ କରିଥାଏ। ତେଣୁ ଆପଣଙ୍କୁ ଭଲ ନିଦ ହୋଇନଥାଏ। ଶୋଇବାର ଏକ ଘଣ୍ଟା ପୂର୍ବରୁ ମୋବାଇଲକୁ ସାଇଲେଣ୍ଟ ମୋଡ କରି ନିଜଠାରୁ ଦୂରରେ ରଖନ୍ତୁ।

# ଭାରତର ସ୍ଥିତି ସଙ୍କଟ ଜନକ : ନିଶାର ମାୟାଜାଲରେ ୨୯.୨୦ କୋଟି ଲୋକ



ସାରା ବିଶ୍ୱରେ ନିଶା ସେବନକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନିଶାର ମାୟାଜାଲରେ ସେମାନେ ଛଟପଟ ହେଉଛନ୍ତି। ତେବେ ନିଶା ସେବନରୁ ମୁକ୍ତି ପାଇବା ପାଇଁ ଚିକିତ୍ସା ସେବା ସୀମିତ ରହିଛି। ପ୍ରକାଶିତ ପରିସଂଖ୍ୟାନ ଅନୁସାରେ ସମଗ୍ର ବିଶ୍ୱରେ ୧୧ ଜଣ ନିଶା ସେବନକାରୀଙ୍କ ମଧ୍ୟରୁ କେବଳ ଜଣେ ଠିକ୍ ସମୟରେ ଚିକିତ୍ସା କରି ପାରୁଛନ୍ତି। ଭାରତରେ ମଧ୍ୟ ଅବସ୍ଥା ଗୁରୁତର ରହିଛି। ଦେଶରେ ୨୦୧୭ ମସିହାରେ, କେବଳ ୧୫,୧୦୧ ନିଶା ସେବନକାରୀ ଚିକିତ୍ସିତ ହୋଇଥିବାବେଳେ ନିଶା ସେବନକାରୀଙ୍କ ସଂଖ୍ୟା ଲକ୍ଷ ଲକ୍ଷରେ ରହିଛି। ଏହା ବ୍ୟତୀତ ଡ୍ରଗ୍ସ କାରବାରରେ ଜଡିତ ପ୍ରାୟ ଚାରି ଲକ୍ଷ ଲୋକ ଜେଲରେ ଅଛନ୍ତି। ସେଥି ମଧ୍ୟରୁ ଅଧିକାଂଶ ମାମଲା କୋର୍ଟରେ ବିଚାରାଧୀନ ଅଛି। ବିଶ୍ୱରେ ଡ୍ରଗ୍ସର ବ୍ୟବହାରରେ ଚିନ୍ତାଜନକ ଭାବେ ବୃଦ୍ଧି ସହିତ ଶକ୍ତିଶାଳୀ ନୂତନ ସିନ୍‌ଥେଟିକ୍ ଓପିଓଇଡ୍‌ର ଆବିର୍ଭାବ ହୋଇଛି ବୋଲି ରିପୋର୍ଟରେ କୁହାଯାଇଛି। ସିନ୍ଥେଟିକ୍ ଓପିଓଇଡ୍ ହେଉଛି ଏକ ପଦାର୍ଥ ଯାହା ଲାବୋରେଟୋରୀରେ ସିନ୍ଥାଇଜ୍ ହୋଇ ନାର୍କୋଟିକ୍ସରେ ମିଶ୍ରିତ କରାଯାଇ ପ୍ରସ୍ତୁତ କରାଯାଇଥାଏ। ଏହା ମଣିଷର ମସ୍ତିଷ୍କରେ ପ୍ରାକୃତିକ ଓପିଓଇଡ୍ ଯଥା ମାର୍ଫିନ୍ ଏବଂ କୋଡିନ୍ ପରି ସମାନ ଭାବେ କାର୍ଯ୍ୟ କରିଥାଏ। ଏହାର ସେବନ ଦ୍ୱାରା ଆନାଲେଜିକ୍ (ଯନ୍ତ୍ରଣାରୁ ମୁକ୍ତି) ପ୍ରଭାବ ସୃଷ୍ଟି ହୋଇଥାଏ। ୱାର୍ଲ୍ଡ ଡ୍ରଗ୍ ରିପୋର୍ଟ ୨୦୨୪ରେ ପ୍ରକାଶିତ ହୋଇଛି ଯେ ୨୦୨୨ ମସିହାରେ ଡ୍ରଗ୍ସ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ୨୯.୨୦ କୋଟିରେ ପହଞ୍ଚିବ। ଯାହା ପୂର୍ବ ଦଶନ୍ଧି ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ପାଇବ। ବିଶ୍ୱରେ ୨୨.୮୦ କୋଟି ଲୋକ ଗଞ୍ଜେଇରୁ ପ୍ରସ୍ତୁତ ନିଶା ସେବନ କରୁଛନ୍ତି। ଏହା ପରେ ୬ କୋଟିରୁ ଅଧିକ ଲୋକ ଓପିଓଇଡ୍ ନେଉଛନ୍ତି, ତିନି କୋଟି ଲୋକ ଆମ୍ଫେଟେମିନ୍ ନେଉଛନ୍ତି, ୨.୩୦ କୋଟି ଲୋକ କୋକେନ ନେଉଛନ୍ତି ଏବଂ ପ୍ରାୟ ଦୁଇ କୋଟି ଲୋକ ଏକ୍ସଟସି ନିଶା ସେବନ କରୁଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ ସାରା ବିଶ୍ୱରେ ପ୍ରାୟ ୬ କୋଟି ଲୋକ ନିଶା ସେବନରୁ ଆରୋଗ୍ୟ କରିବାର ଆବଶ୍ୟକତା ରହିଛି। କିନ୍ତୁ ଡାକ୍ତରଖାନାଗୁଡ଼ିକରେ ଉପଲବ୍ଧ ସୁବିଧା ପର୍ଯ୍ୟାପ୍ତ ନୁହେଁ। ଭାରତର ଜାତିସଂଘର ରେସିଡେଣ୍ଟ ସଂଯୋଜକ ଶୋମ୍ବି ଶାର୍ପ କହିଛନ୍ତି ଯେ ଆମର ପ୍ରୟାସ କେବଳ ସନ୍ତୁଳିତ ହେବା ସହିତ ସ୍ୱାସ୍ଥ୍ୟ ଅଧିକାରମାନଙ୍କ ସହ ମାନବିକ ଅଧିକାର ମଧ୍ୟ ବଜାୟ ରଖିବା ଆବଶ୍ୟକ। ନିଶା ସେବନରେ ପୀଡିତ ଲୋକଙ୍କୁ ସାହାଯ୍ୟ କରାଯିବା ଉଚିତ୍। ଏଥିପାଇଁ ସରକାର ନୀତିଗତ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଟେଷ୍ଟ କ୍ରିକେଟ୍ ନିୟମରେ ହେବ ବଡ଼ ପରିବର୍ତ୍ତନ



**ନୂଆଦିଲ୍ଲୀ**

ଟେଷ୍ଟ କ୍ରିକେଟ୍‌ରେ ପୁଣି ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏନେଇ ଏକ ସୂଚନା ଶେୟାର କରିଛି। ସାଧାରଣତଃ ଖରାପ ଆଲୋକ ଯୋଗୁ ପ୍ରାୟତଃ ଟେଷ୍ଟ ମ୍ୟାଚ୍‌ଗୁଡିକ ଶୀଘ୍ର ବନ୍ଦ ହୋଇଯାଏ। ଏହି ଏହି ସମସ୍ୟାର ସମାଧାନ ପାଇଁ ଆଇସିସି ଦୁର୍ବଳ ଦୃଶ୍ୟମାନତା ସମୟରେ ଗୋଲାପୀ ବଲ ବ୍ୟବହାରକୁ ଅନୁମୋଦନ କରିଛି। ବର୍ତ୍ତମାନ ପାଇଁ ଏହି ପଦକ୍ଷେପ କେବଳ ପରୀକ୍ଷାମୂଳକ ଭାବରେ କାର୍ଯ୍ୟକାରୀ କରାଯାଉଛି।

ଅହମ୍ମଦାବାଦରେ ଆଇସିସି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସମୟରେ ଗୋଲାପୀ ବଲ ବ୍ୟବହାର ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ପଛରେ ଉଦ୍ଦେଶ୍ୟ ହେଉଛି ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ ଓଭର ବୋଲିଂ କରିବା। ଖରାପ ଆଲୋକ ଯୋଗୁ ଖେଳ ଶୀଘ୍ର ବନ୍ଦ କରିଯିବା ଫଳରେ ମ୍ୟାଚ୍‌ରେ ମୋଟ ବୋଲିଂ ହୋଇଥିବା ଓଭର ସଂଖ୍ୟା ହ୍ରାସ ପାଏ।

ସୂଚନାଯୋଗ୍ୟ, କ୍ରିକେଟ ଇତିହାସରେ ପ୍ରଥମ ଥର ପାଇଁ ଗୋଲାପୀ ବଲ ଟେଷ୍ଟ ମ୍ୟାଚ୍ ୨୦୧୫ ରେ ଖେଳାଯାଇଥିଲା। ସେହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡକୁ ୩ ଉଇକେଟରେ ପରାସ୍ତ କରିଥିଲା। ସେବେଠାରୁ ବିଭିନ୍ନ ଦେଶ ମଧ୍ୟରେ ସମୟ ସମୟରେ ଗୋଲାପୀ ବଲ ବ୍ୟବହାର କରି ମ୍ୟାଚ ଖେଳାଯାଇଛି। କମ ଆଲୋକ ସମୟରେ ଗୋଲାପୀ ବଲ ବ୍ୟବହାର କେବଳ ସେତେ ବେଳେ ଅନୁମତି ପାଇବ ଯଦି ଉଭୟ ଅଂଶଗ୍ରହଣକାରୀ ଦଳ ପରସ୍ପର ସହମତ ହୁଅନ୍ତି।

ଆଇସିସି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଏବେ ମ୍ୟାଚ୍ ସମୟରେ ଡ୍ରିଙ୍କ୍ସ ବ୍ରେକ୍ କୋଚ୍‌ଙ୍କୁ ଖେଳାଳିଙ୍କ ସହ ଯୋଗାଯୋଗ କରିବା ପାଇଁ ଖେଳ ପଡ଼ିଆରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ଏହି ନୂତନ ନିୟମ ୧ ଅକ୍ଟୋବର, ୨୦୨୬ରେ କାର୍ଯ୍ୟକାରୀ ହେବାକୁ ଯାଉଛି।

## ବିଶ୍ୱକପ୍ ୱାର୍ମ ଅପ୍ ମ୍ୟାଚ୍

# ଉଜ୍‌ବେକିସ୍ତାନକୁ ୨–୦ ହରାଇଲା କାନାଡ଼ା

**ଏଡ୍‌ମଣ୍ଟନ**

ବିଶ୍ୱକପ୍ ପୂର୍ବରୁ ଏକ ୱାର୍ମଅପ୍ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୨–୦ ଗୋଲ୍‌ରେ ପରାସ୍ତ କରିଛି କାନାଡ଼ା। କାନାଡ଼ା ଜାତୀୟ ଦଳ ସହିତ ତାଙ୍କ ୯୦ତମ ପଦାର୍ପଣରେ ଜୋନାଥନ ଓସୋରିଓ ଖେଳର ଦ୍ୱିତୀୟାର୍ଦ୍ଧରେ ଏକ ଗୋଲ୍ ସ୍କୋର କରିଥିଲେ।

ଓସୋରିଓ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଖେଳିବାକୁ ଆସିଥିଲେ। ୫୮ତମ ମିନିଟ୍‌ରେ ଉଜ୍‌ବେକିସ୍ତାନ ଗୋଲ୍‌କିପର ଅବ୍‌ଦୁଭୋହିଦ ନେମାତୋଭଙ୍କୁ ପରାସ୍ତ କରି ଏକ ଚମତ୍କାର ଫିଲ୍ଡ ଗୋଲ ଦେଇଥିଲେ। ୨୦୨୩ ପରେ କାନାଡ଼ା ତରଫରୁ ଏହା ଥିଲା ତାଙ୍କର ପ୍ରଥମ ଗୋଲ୍।




ବଦଳ ଖେଳାଳି ଭାବେ ଆସିଥିବା ଜେଡେନ ନେଲ୍‌ସନ ଷ୍ଟପେଜ ଟାଇମ୍‌ରେ କାନାଡ଼ା ତରଫରୁ ଦ୍ୱିତୀୟ ଗୋଲ୍‌ଟିକୁ ସ୍କୋର କରିଥିଲେ। ଉଭୟ ଥର ଗୋଲ୍ ସ୍କୋର ବେଳେ ଟାନି ଓଲୁୱାସେଇ ସହାୟତା କରିଥିଲେ। କୋଚ୍ ଜେସ ମାର୍ଶ ଶୁକ୍ରବାର କାନାଡ଼ା ଦଳ ଘୋଷଣା କରିଛନ୍ତି।

ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ସତ୍ତ୍ୱେ ଆଲ୍‌ଫୋନ୍‌ସୋ ଡେଭିସଙ୍କୁ ସେ ଦଳରେ ସ୍ଥାନ ଦେଇଛନ୍ତି। ଆଲ୍‌ଫୋନ୍‌ସୋ ବିଶ୍ୱକପ୍‌ରେ ଦଳର ଓପନିଂ ମ୍ୟାଚ ହୁଏତ ଖେଳି ନପାରନ୍ତି। କାନାଡା ଜୁନ୍ ୧୨ରେ ବିଶ୍ୱକପ୍‌ର ଗ୍ରୁପ୍ 'ବି'ରେ ଏହାର ପ୍ରଥମ ମ୍ୟାଚ୍ ଟରଣ୍ଟୋଠାରେ ବୋସ୍‌ନିଆ ଓ ହର୍ଜଗୋଭିନାକୁ ଭେଟିବ। ଅନ୍ୟପକ୍ଷରେ ଉଜ୍‌ବେକିସ୍ତାନ ଗ୍ରୁପ୍ 'କେ'ରେ ଏହାର ଓପନିଂ ମ୍ୟାଚ ଜୁନ୍ ୧୭ରେ ମେକ୍ସିକୋ ସହରରେ କଲମ୍ବିଆ ସହ ମୁକାବିଲା କରିବ।

# କ୍ରିକେଟ୍ କାନାଡାକୁ ନିଲମ୍ବନ କଲା ଆଇସିସି

**ଦୁବାଇ**

ସଦସ୍ୟତା ଉତ୍ତରଦାୟିତ୍ୱ ତୁଲାଇବାରେ ବିଫଳତା ହେବା ସହ ଦୁର୍ନୀତି ଅଭିଯୋଗରେ ଆଇସିସି ସୋମବାର କ୍ରିକେଟ୍ କାନାଡାକୁ ନିଲମ୍ବିତ କରିଛି। ଅଭିଯୋଗ ଆସିବା ପରେ ଆଇସିସି କରିଥିବା ତଦନ୍ତ ଆଧାରରେ ଏଭଳି ପଦକ୍ଷେପ ନେଇଛି। ନିଲମ୍ବନ ପରେ ମଧ୍ୟ କାନାଡା କିନ୍ତୁ ଆଇସିସିର ବିଭିନ୍ନ ପ୍ରତିଯୋଗିତାରେ ଖେଳିବାକୁ ସକ୍ଷମ ହେବ। କେବଳ ଯାହା ତାକୁ ମିଳୁଥିବା ଅନୁଦାନ ଉପରେ ଅଙ୍କୁଶ ଲାଗିବ। ସଦସ୍ୟତା ଫେରି ପାଇବା ଲାଗି କାନାଡାକୁ ଆଇସିସି ପକ୍ଷରୁ ଦିଆଯାଇଥିବା କେତେକ ପଦକ୍ଷେପକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ପଡ଼ିବ। କ୍ରିକେଟ୍ କାନାଡାରେ ବ୍ୟାପକ ଦୁର୍ନୀତି ହୋଇଥିବା ଖବର ସର୍ବ




ପ୍ରଥମେ କାନାଡିଆନ୍ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍ ନିଜର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଣାଇଥିଲା। ଏଥିରେ ବହୁ ଖେଳାଳି ଓ ଅଧିକାରୀ ଜଡ଼ିତ ଥିବା ସହ ମ୍ୟାଚ୍ ଫିକ୍ସିଂ ମଧ୍ୟ କରାଯାଉଥିବା ଭଳି ଚାଞ୍ଚଲ୍ୟକର ଖବର ସାମିଲ ଥିଲା। ଏହି କାର୍ଯ୍ୟକ୍ରମର ପ୍ରସାରଣ ପରେ ଆଇସିସି ନିଜ ତରଫରୁ ତଦନ୍ତ କରିଥିଲା। ଏହା ପୂର୍ବରୁ ଆଇସିସି ସମାନ କାରଣ ପାଇଁ ଆମେରିକା କ୍ରିକେଟ୍ ବୋର୍ଡକୁ ନିଲମ୍ବନ କରି ସାରିଛି।

# ଟ୍ରଫି ଜିତିବା ପରେ ପ୍ରେମାନନ୍ଦ ମହାରାଜଙ୍କଠାରୁ ଆଶୀର୍ବାଦ ନେଲେ ବିରାଟ କୋହଲି

**ନୂଆଦିଲ୍ଲୀ**

ଭାରତର ଷ୍ଟାର ବ୍ୟାଟ୍‌ସମ୍ୟାନ ଏବଂ ପୂର୍ବତନ ଅଧିନାୟକ ବିରାଟ କୋହଲି, ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କ ସହିତ ମଙ୍ଗଳବାର ପ୍ରେମାନନ୍ଦ ମହାରାଜଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଛନ୍ତି। ଭକ୍ତିରେ ବୁଡ଼ି ରହିଥିବା ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ବିରାଟ ଏବଂ ଅନୁଷ୍କା ଉଭୟଙ୍କ କପାଳରେ ତିଳକ ଲାଗିଛି। ଉଭୟ ହାତ ଯୋଡ଼ି ରାଧେ-ରାଧେ ଜପ କରୁଛନ୍ତି। ବିରାଟ ଏବଂ ଅନୁଷ୍କା ବୃନ୍ଦାବନର ରାଧାକେଳି କୁଞ୍ଜ ଆଶ୍ରମରେ ପହଞ୍ଚି ପ୍ରେମାନନ୍ଦ ମହାରାଜଙ୍କୁ ଦର୍ଶନ କରିଥିଲେ। ଉଭୟ ସେଠାରେ ବହୁତ ସମୟ ବିତାଇଥିଲେ। ବିରାଟ ଏବଂ ଅନୁଷ୍କା ଉଭୟ ପ୍ରେମାନନ୍ଦ ମହାରାଜଙ୍କ ଭକ୍ତ ଏବଂ ସମୟ ସମୟରେ ତାଙ୍କ ବୃନ୍ଦାବନ ଆଶ୍ରମକୁ ଯାଆନ୍ତି।

ଉଲ୍ଲେଖନୀୟ ଯେ ଆଇପିଏଲ ଆରମ୍ଭ ହେବା ପୂର୍ବରୁ ବିରାଟ କୋହଲି ପ୍ରେମାନନ୍ଦ ମହାରାଜଙ୍କ ଆଶୀର୍ବାଦ ମଧ୍ୟ ନେଇଥିଲେ। ଏବେ, ଆଇପିଏଲ ଚାମ୍ପିଅନ ହେବା ପରେ, ସେ ପୁଣି ଥରେ ତାଙ୍କ ଗୁରୁ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମ ପରିଦର୍ଶନ କରିଛନ୍ତି।



# ସାଫ୍ ମହିଳା ଚାମ୍ପିଅନସିପ୍ : ବାଂଲାଦେଶକୁ ହରାଇ ସେମିରେ ଭାରତ

**ଗୋଆ**

ସାଫ ମହିଳା ଚାମ୍ପିଅନସିପ୍‌ରେ ଭାରତର ପ୍ରଦର୍ଶନ ବେଶ୍ ଉନ୍ନତ ରହିଛି। ଗ୍ରୁପ ବି'ରେ ଟପ୍ପର ହୋଇ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ବୁଧବାର ପ୍ରଥମ ସେମି ଫାଇନାଲରେ ନେପାଳ-ବାଂଲାଦେଶ ଏବଂ ଦ୍ୱିତୀୟ ସେମି ଭାରତ-ଭୁଟାନ ମଧ୍ୟରେ ଖେଳାଯିବ।

ଭାରତ ଗ୍ରୁପ୍‌ର ଅନ୍ତିମ ମ୍ୟାଚ୍‌ରେ ଦଳ ବାଂଲାଦେଶକୁ ଭେଟିଥିଲା। ଏଥିରେ ଭାରତ ଏକତରଫା ଭାବେ ୩–୦ ଗୋଲରେ ବିଜୟୀ ହୋଇଥିଲା। ଭାରତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରି ଖେଳିଥିଲା। ୩୫ ମିନିଟ ପର୍ଯ୍ୟନ୍ତ ଖେଳ ଗୋଲଶୂନ୍ୟ ରହିଥିଲା। ଓଡ଼ିଆ ଫରୱାର୍ଡ ପ୍ୟାରୀ ଖାଖା ୩୬ ମିନିଟରେ ଦଳ ଗୋଲ ଖାତା ଖୋଲିଥିଲେ। ଦ୍ୱିତୀୟାର୍ଦ୍ଧରେ ଦଳ ଆଉ ୨ଟି ଗୋଲ୍ ଦେଇଥିଲା। ୭୮ ମିନିଟରେ ଲିଣ୍ଡା କୋମ ଓ ୯୦+୧ ମିନିଟରେ ମାଳବିକା ପ୍ରସାଦ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ଜିତାଇ ଥିଲେ। ଶେଷ ପର୍ଯ୍ୟନ୍ତ ବାଂଲାଦେଶ ଗୋଲ ଖାତା ଖୋଲିପାରି ନଥିଲା।

24001/195/2627

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No. RDM-LAB-GM-0034-2025- 49205/ R&DM, Dated. 30.12.2025**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- କୁଶପଲ୍ଲୀ, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୦.୮୩୫** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ:-** ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ।
**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ:-** ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ।
**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି)
**୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା 21054 Dated 11.06.2025 ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
**୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:-** ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ।
**୬. ଜମିର ବିବରଣୀ:-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ୍ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | କୁଶପଲ୍ଲୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩.୦୫୫ | ଏ. ୦.୮୩୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**କୁଶପଲ୍ଲୀ ଗ୍ରାମର ଜମି ବିବରଣୀ**

ତହସିଲ : ସାନଖେମୁଣ୍ଡି — ଜିଲ୍ଲା : ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ରୟତ ଙ୍କ ନାମ | ମୋଟ ରକବା | ଶ୍ରେଣୀ ବିଭାଜନ | ଅଧିଗ୍ରହଣ ହେବାକୁ ଥିବା ରକବା | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୪୦ | ଅଭି ଗୌଡ଼, ଉଦ୍ୟ ଗୌଡ଼, ଭଗବାନ ଗୌଡ଼, ବିପ୍ର ଗୌଡ଼, କୈଳାସ ଗୌଡ଼ ପି: ଭରତ ଗୌଡ଼ ଜା: ଗଉଡ଼ ବା: ବରମୁଣ୍ଡଳି | ୦.୨୭୦ | ପଦର | ୦.୧୦୫ | ଗୋଚର ପ୍ରତିବଦଳରେ ୦.୦୬୦ |
| ୧୧ | ୩୦୮ | ଗାଙ୍ଗୁ ମଳିକ ପି:ଘାସି ମଳିକ ଜା: କନ୍ଧ ବା: ନିଜଗାଁ | ୦.୨୪୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| ୧୬ | ୨୮୩ | ଚୌଧୁରୀ ଜେନା ପି:ବୁଧିଆ ଜେନା ଜା: କାଳଞ୍ଜି ବା: ବରମୁଣ୍ଡଳି | ୦.୧୧୦ | ପଦର | ୦.୦୧୫ | |
| ୩୪ | ୩୩୧ | ବାୟା ମଳିକ ପି: କନ୍ତାରୁ ମଳିକ, ନକୁଳ ମଳିକ ପି: ସମ୍ବାରୁ ମଳିକ, କମଳା ମଳିକ ସ୍ୱା: ସମ୍ବାରୁ ମଳିକ, ବିଭୀଷଣ ମଳିକ, ମୁକୁଟି ମଳିକ, କାଞ୍ଚନ ମଳିକ, କମଳା ମଳିକ, ଉଲି ମଳିକ ପି: ଗୁରା ମଳିକ ଜା: କନ୍ଧ ବା: ନିଜଗାଁ | ୦.୦୮୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| | ୩୨୮ | | ୦.୦୬୦ | | ୦.୦୩୦ | |
| ୩୬ | ୨୮୬ | ବାଉରି ଦଳେଇ ପି: କଇରା ଦଳେଇ, ଶଶୀ ଦଳେଇ, ଜମ୍ବୁ ଦଳେଇ ପି: | ୦.୩୪୦ | ପଦର | ୦.୦୫୫ | |
| | ୨୮୫ | | ୦.୩୩୦ | | ୦.୦୭୫ | |
| | ୩୨୨ | ଦଣ୍ଡାସି ଦଳେଇ, ଯଶୋଦା ଦଳେଇ ସ୍ୱା: ଦଣ୍ଡାସି ଦଳେଇ ଜା: କନ୍ଧ ବା: ନିଜଗାଁ | ୦.୨୦୦ | ବିଲ ଅଣଜଳସେଚିତ ଦୁଇ | ୦.୦୪୫ | |
| | ୩୨୩ | | ୦.୧୬୦ | | ୦.୦୮୦ | |
| ୩୭ | ୩୨୪ | ବିଶ୍ୱନାଥ ଗୌଡ଼, ସୋମନାଥ ଗୌଡ଼ ପି: ବୁଧିଆ ଗୌଡ଼ ଜା: ଗଉଡ଼ ବା: ପଟିଗୁଡ଼ା | ୦.୧୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| ୫୨ | ୩୧୨ | ସତ୍ୟ ମଳିକ, କେମ୍ପୀ ମଳିକ, ସୁବାସୀ ମଳିକ, ସୁକୁରି ମଳିକ ପି: କୁଶୁନୁ ମଳିକ ଜା: କନ୍ଧ ବା: ନିଜଗାଁ | ୦.୧୬୫ | ବିଲ ଅଣଜଳସେଚିତ ଦୁଇ | ୦.୦୭୦ | |
| | ୩୧୧ | | ୦.୧୪୦ | | ୦.୦୫୫ | |
| | ୩୧୦ | | ୦.୦୬୦ | | ୦.୦୫୫ | |
| ୫୪ | ୩୩୦ | ସାରୀ ମଳିକ ସ୍ୱା:ଶୁକ୍ରୁ ମଳିକ ଜା: କନ୍ଧ ବା: ନିଜଗାଁ | ୦.୩୫୦ | ବିଲ ଅଣଜଳସେଚିତ ଦୁଇ | ୦.୧୧୦ | |
| ୬୧/୫ | ୩୨୯ | କୁମୁଦ ଦଳାଇ ସ୍ୱା:ବାଉରି ଦଳାଇ ଜା: କନ୍ଧ ବା: କୁଶପଲ୍ଲି | ୦.୩୯୦ | ବିଲ ଅଣଜଳସେଚିତ ଦୁଇ | ୦.୧୧୦ | |
| | | | | ମୋଟ | ୦.୮୩୫ | |

ବିସ୍ତୃତ ଜମିର ବିବରଣୀ
କେନାଲ ନିମନ୍ତେ ଆବଶ୍ୟକ ଜମି ୦.୭୭୫
ଗୋଚର ପ୍ରତି ବଦଳରେ ଜମି ୦.୦୬୦
ମୋଟ ୦.୮୩୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0053

## କଣ୍ଟାବାଞ୍ଜିରେ କୃଷି ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ଦାବି

# ଆନ୍ଦୋଳନ ସହ 'କଣ୍ଟାବାଞ୍ଜି ବନ୍ଦ' ଚେତାବନୀ ଦେଲା ଟ୍ରକ୍ ମାଲିକ ସଂଘ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳରେ ଏକ କୃଷି ମହାବିଦ୍ୟାଳୟ ଏବଂ ଏକ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି। କଣ୍ଟାବାଞ୍ଜି ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରାଯାଇଛି। ସଂଘ ଚେତାବନୀ ଦେଇଛି ଯେ, ଯଦି ସରକାର ଏହି ଦାବି ପୂରଣ ନକରନ୍ତି, ତେବେ ଆଗାମୀ ଦିନରେ ସମସ୍ତ ସ୍ଥାନୀୟ ଅନୁଷ୍ଠାନର ସହଯୋଗରେ ବ୍ୟାପକ ଆନ୍ଦୋଳନ କରାଯିବା ସହ 'କଣ୍ଟାବାଞ୍ଜି ବନ୍ଦ' ଡାକରା ଦିଆଯିବ।

ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି ଯେ, ସରକାର ବଲାଙ୍ଗୀର ଜିଲ୍ଲାରେ ଏହି ଦୁଇଟି ପ୍ରସ୍ତାବିତ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସ୍ଥିର କରିଛନ୍ତି। ତେଣୁ ଭୌଗୋଳିକ ଓ ଶିକ୍ଷାଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି କଣ୍ଟାବାଞ୍ଜି ଅଞ୍ଚଳରେ ନିହାତି ଭାବେ ଗୋଟିଏ କଲେଜ ପ୍ରତିଷ୍ଠା କରାଯିବା ଉଚିତ। ଏହି ସମ୍ମିଳନୀରେ ସଂଘ ପକ୍ଷରୁ କଣ୍ଟାବାଞ୍ଜିର ବର୍ତ୍ତମାନର ରାଜନୈତିକ ସ୍ଥିତି ଉପରେ ମଧ୍ୟ ଆଲୋକପାତ କରାଯାଇଛି। କଣ୍ଟାବାଞ୍ଜିର ନବନିର୍ବାଚିତ ବିଜେପି ବିଧାୟକ ଲକ୍ଷଣ ବାଗ, ଦୀର୍ଘ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ନବୀନ ପଟ୍ଟନାୟକଙ୍କୁ ନିର୍ବାଚନରେ ପରାଜିତ କରି ଏକ ଐତିହାସିକ ବିଜୟ ହାସଲ କରିଛନ୍ତି। ଏହି ବଡ଼ ସଫଳତା ଏବଂ ସ୍ଥାନୀୟ ଜନସାଧାରଣଙ୍କ ଆସ୍ଥାକୁ ସମ୍ମାନ ଜଣାଇ ବିଜେପି ସରକାର ନିଜ ପ୍ରସ୍ତାବିତ ଯୋଜନାର ପୁନଃବିଚାର କରନ୍ତୁ ଏବଂ କଲେଜ ଦ୍ୱୟ ମଧ୍ୟରୁ ଅନ୍ତତଃ ପକ୍ଷେ ଗୋଟିଏ କଣ୍ଟାବାଞ୍ଜିକୁ ପ୍ରଦାନ କରନ୍ତୁ ବୋଲି ସଂଘ ଦାବି କରିଛି। ସାମ୍ବାଦିକ ସମ୍ମିଳନୀରେ ଟ୍ରକ୍ ମାଲିକ ସଂଘ ସ୍ପଷ୍ଟ କରିଛି ଯେ, କଣ୍ଟାବାଞ୍ଜି ଅଞ୍ଚଳର ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଭବିଷ୍ୟତ ପାଇଁ ଏହି ଦାବି ଅତ୍ୟନ୍ତ ଜରୁରୀ। ଯଦି ରାଜ୍ୟ ସରକାର ଏହି ପ୍ରସ୍ତାବକୁ ଗ୍ରହଣ ନକରନ୍ତି, ତେବେ ଆଗାମୀ ଦିନରେ ସହରର ସମସ୍ତ ବ୍ୟବସାୟିକ ସଂଘ, ସାମାଜିକ ଅନୁଷ୍ଠାନ ଓ ସାଧାରଣ ଜନତାଙ୍କୁ ସାଙ୍ଗରେ ନେଇ କଣ୍ଟାବାଞ୍ଜି ବନ୍ଦ କରାଯିବ ଏବଂ ଏହି ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନ ଜାରି ରହିବ। ଏହି ସାମ୍ବାଦିକ ସମ୍ମିଳନୀରେରେ ଟ୍ରକ୍ ମାଲିକ ସଂଘ ସଭାପତି ପ୍ରଭଜିତ ସିଂହ ସାଲୁଜା, ଉପସଭାପତି ଅନିଲ ଅଗ୍ରୱାଲ, ଅଲେଖ ବେହେରା ସହ ଅନ୍ୟ ସଦସ୍ୟ ସାମିଲ ଥିଲେ।



# ଇଣ୍ଡୋନେସିଆ ଓପନ୍ : ଶୀର୍ଷ ୧୦କୁ ଫେରିଲେ ସିନ୍ଧୁ



**ଜାକର୍ତ୍ତା**

ଦୁଇ ଅଲିମ୍ପିକ୍ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ତାରକା ପିଭି ସିନ୍ଧୁ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ସୁପର ୧୦୦୦ ପ୍ରତିଯୋଗିତା ଇଣ୍ଡୋନେସିଆ ଓପନ୍‌ର ପ୍ରିକ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି। ଏହି ବିଜୟ ସହ ସିନ୍ଧୁ ୯୫୪ ଦିନ ପରେ ବିଶ୍ୱ ମହିଳା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ତାଲିକାର ଶୀର୍ଷ ୧୦ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ମହିଳା ଏକକ ମୁକାବିଲାରେ ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଖେଳାଳି ୨୫-୨୩, ୨୧-୧୬ରେ ଥାଇଲାଣ୍ଡର ବୁସାନନ୍ ଓଙ୍ଗବାମ୍‌ରୁଙ୍ଗଫାନ୍‌ଙ୍କୁ ପରାସ୍ତ କରିଥିଲେ।

ଏଥି ସହ ବୁସାନନ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କ ବିଜୟ ବ୍ୟବଧାନ ୨୧-୦ ହୋଇଛି। ଅନ୍ୟଏକ ମହିଳା ଏକକ ମ୍ୟାଚ୍‌ରେ ଭାରତୀୟ ଖେଳାଳି ମାଳବିକା ବଂଶୁଦ ୧୨-୨୧, ୧୦-୨୧ରେ ଥାଇଲାଣ୍ଡର ପର୍ଣ୍ଣପାୱି ଚୋଚୁୱଙ୍ଗଙ୍କଠୁ ହାରି ବିଦାୟ ନେଇଛନ୍ତି। ପୁରୁଷ ଏକକରେ କିଦାମ୍ବି ଶ୍ରୀକାନ୍ତ ୧୯-୨୧, ୧୫-୨୧ରେ ଜାପାନର ୟୁସି ତାନାକାଙ୍କଠୁ ଏବଂ ଲକ୍ଷ୍ୟ ସେନ୍ ୧୬-୨୧, ୨୧-୧୬ରେ ଇଣ୍ଡୋନେସିଆର ଅଲ୍ୱୀ ଫରହାନଙ୍କଠୁ ହାରିଯାଇଛନ୍ତି। ତେବେ ପୁରୁଷ ଯୁଗଳ ଯୋଡ଼ଇ ହରିହରନ ଅମସାକରୁନାନ୍ ଓ ଏମ୍‌ଆର ଅର୍ଜୁନ ୨୧-୧୮, ୨୧-୧୦ରେ ମାଲେସିଆର ନୁର ମହମ୍ମଦ ଆଜ୍ରିନ୍ ଓ ତାନ ୱି କିଓଙ୍ଗଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

# ଜିଲ୍ଲା ବିଜେଡି ପକ୍ଷରୁ ଆସନ୍ତା ୫ରେ ପ୍ରତିବାଦ ସଭା

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ପ୍ରତିଦିନ ହିଂସା ବୃଦ୍ଧି ପାଉଛି। ମହିଳା ଏବଂ ନାରୀମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ପେଟ୍ରୋଲ ଏବଂ ଡିଜେଲ ଅଭାବ ଦର୍ଶାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ବସ୍ ଭଡ଼ା ବୃଦ୍ଧି ହୋଇଛି। ଏତଦ୍‌ବ୍ୟତୀତ ରାଜ୍ୟରେ ଦୁଇ ବର୍ଷ କରି ଗଡାଯାଇଥିବା ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି ବୋଲି ପ୍ରମୁଖ ବିରୋଧୀ ଦଳ ବିଜେଡି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ବିଜେଡି ସଭାପତି ତଥା ବିରୋଧ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରତିବାଦ ସଭା ଅନୁଷ୍ଠିତ ହେଉଛି। ଏହି ପରିପେକ୍ଷୀରେରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର୍ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଏବଂ ଶୋଭାଯାତ୍ରା ଆସନ୍ତା ଜୁନ୍ ମାସ ୫ ତାରିଖରେ ଆୟୋଜନ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ଦେବୀ ରଞ୍ଜନ ମିଶ୍ର, ପ୍ରତାପ କୁମାର ଜେନା, ରାଜ୍ୟ ସଭା ସାଂସଦ ମାନସ



ମଙ୍ଗରାଜ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ମନ୍ମଥ କୁମାର ରାଉତରାୟ, ବିଜେଡି ଛାତ୍ର ସଭାପତି ଇପିଶିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଉପ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ବିଜେଡି ମହିଳା ନେତ୍ରୀ ପ୍ରମିଳା ମଲ୍ଲିକ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଯୁବ ନେତା ଅମିୟ କୁମାର ମହାନ୍ତି, ବିରଞ୍ଚି ଜେନାଙ୍କ ସମେତ ଅନ୍ୟ ବିଜେଡି ନେତୃବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ସାହୁ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ବିଜେପି ସରକାର ଅମଳରେ ରାଜ୍ୟରେ ଦରଦାମ୍ ବୃଦ୍ଧି ସହ ଅରାଜକତା, ହିଂସା ବୃଦ୍ଧି ପାଇଛି। ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ବର୍ଷ ମଧ୍ୟରେ କୌଣସି ପ୍ରକାର ବିକାଶମୂଳକ କାର୍ଯ୍ୟ କରାଯାଇ ନାହିଁ। ପୂର୍ବ ବିଜେଡି ସରକାର ଅମଳରେ ମଞ୍ଜୁର ହୋଇ ଥିବା ବେଳେ ବିଭିନ୍ନ ପ୍ରକଳ୍ପ ଚାଲିଥିବା କାର୍ଯ୍ୟରେ ବିଲ୍ ପାସ୍ ବେଳେ ପିସି କାରବାର ଚାଲୁଛି। ଖୋର୍ଦ୍ଧା ପୌର କାର୍ଯ୍ୟାଳୟରେ ବେଆଇନ କାର୍ଯ୍ୟ ଚାଲୁଛି। ଖୋର୍ଦ୍ଧା ଅଞ୍ଚଳରେ ଜୀବନ ଜୀବିକା ନିର୍ବାହ ପାଇଁ ମୁଖ୍ୟ ଭାବେ ପାହାଡ଼ ଏବଂ କ୍ରସର ଦୀର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଛି। ସହରକୁ ସରସ ସୁନ୍ଦର୍ କରିବା ପାଇଁ କ୍ୟାବିନ ଉଚ୍ଛେଦ କରାଯାଇଛି। ଖୋର୍ଦ୍ଧାର ବିଭିନ୍ନ ଚିକିତ୍ସାଳୟ କର ଆୟୁଷ୍ମାନ କାର୍ଡ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବାରୁ ଅନେକ ଗରିବ ରୋଗୀ ଚିକିତ୍ସା ସୁବିଧା ପାଇ ପାରୁ ନାହାନ୍ତି। ଏହିଭଳି ଅନେକ ସମସ୍ୟାକୁ ନେଇ ଏକ ପ୍ରତିବାଦ ଶୋଭାଯାତ୍ରା ଆସନ୍ତା ୫ତାରିଖ ରେ ସକାଳ ୮ଟାରେ ସ୍ଥାନୀୟ ଗୀତା ଭବନରୁ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଖୋର୍ଦ୍ଧା ବ୍ୟତୀତ, ବେଗୁନିଆ ବୋଲଗଡ଼, ଜଟଣୀ, ଚିଲିକା, ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ନେତୃବୃନ୍ଦ ସହ କର୍ମୀ ଯୋଗ ଦେବେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

13001/740/2627

## କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୬ରେ ପ୍ଲଟ୍ ନଂ-5B/917 ଟିକୁ ଶ୍ରୀମତୀ ଲକ୍ଷ୍ମୀ ପ୍ରଭା ମହାନ୍ତି, ସ୍ୱା- ଶ୍ରୀ ସୁଧୀର ଚନ୍ଦ୍ର ମହାନ୍ତି, ସା-ଶାନ୍ତି ହସ୍ପିଟାଲ କ୍ୟାମ୍ପସ୍, ପୋ- ବକ୍ସି ବଜାର, ଥା- ମଙ୍ଗଳାବାଗ, ଜିଲ୍ଲା-କଟକ, ପିନ୍-୭୫୩୦୦୧, ରାଜ୍ୟ- ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀମତୀ ଲକ୍ଷ୍ମୀ ପ୍ରଭା ମହାନ୍ତି ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦୀପ୍ତିରଞ୍ଜନ ଶତପଥି, ପିତା- ଶ୍ରୀ ମନୋରଞ୍ଜନ ଶତପଥି, ସା-ଖାଁଙ୍କରପୁର, ପୋ-ପାରାହାଟ, ଥା-ବାଲିକୁଦା, ଜିଲ୍ଲା-ଜଗତସିଂହପୁର, ରାଜ୍ୟ-ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)
OIPR-13001/13037/1/26-27/0044

13001/734/2627

## କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-13ରେ ପ୍ଲଟ୍ ନଂ-13-2F/756 ଟିକୁ ବାସନ୍ତୀ ଦାସ, ସ୍ୱାମୀ-୰ରମେଶ ଚନ୍ଦ୍ର ଦାସ, ସା-କହନା, ପୋ-ନରଡ଼ା, ଥା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା-୭୫୪୧୩୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ବାସନ୍ତୀ ଦାସ ଉକ୍ତ ପ୍ଲଟ୍‌ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଶୁଭଙ୍କର ମଲ୍ଲିକ, ପିତା-ଜୟଦେବ ମଲ୍ଲିକ, ସା/ପୋ-ଖରାର, ୱାର୍ଡ ନଂ-୦୬, ଥା-ଘାଟାଲ ଜିଲ୍ଲା-ପଶ୍ଚିମ ମେଦନାପୁର-୭୨୧୨୨୨ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)
OIPR-13001/13037/1/26-27/0042





## ସୌମ୍ୟ ହତ୍ୟା ଘଟଣାରେ ଏନଏଚଆରସି ଟିମ୍‌ର ଛାନଭିନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବହୁଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ଓଡ଼ିଶା ଆସିଥିବା ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ର ୨ ଜଣିଆ ଟିମ୍ କ୍ରାଇମ୍ ସ୍ପଟ୍‌ରେ ଛାନ୍‌ଭିନ୍ କରିଛନ୍ତି । ଏନଏଚଆରସି ଟିମ୍ ଘଟଣା ଘଟିଥିବା ବାଲିଅନ୍ତା ରାମଚନ୍ଦ୍ରପୁରରେ ପହଞ୍ଚି ତଦନ୍ତ କରିବା ସହ ନିଲମ୍ବିତ କନଷ୍ଟେବଳ ରାମଚନ୍ଦ୍ର ବେହେରାଙ୍କୁ ପଚରାଉଚରା କରିଛନ୍ତି । ଘଟଣାସ୍ଥଳରେ ଛାନ୍ ଭିନ୍ ପରେ ଏନଏଚଆରସି ଟିମ୍ ସୌମ୍ୟଙ୍କ ଗାଁକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିଛି । ଏହାସହ ସୌମ୍ୟଙ୍କ ଅଡସପୁର ଠାରେ ଜିମ୍‌କୁ ଯାଇ ମଧ୍ୟ ଖୋଳତାଡ କରିଥିବା ସୂଚନା ମିଳିଛି ।



ଭୁବନେଶ୍ୱର : ଲୋକସେବା ଭବନରେ ପ୍ରତିଷ୍ଠିତ ଭାଷାବିତ୍ ଲୋକ ସାହିତ୍ୟ ଗବେଷକ ପଦ୍ମଶ୍ରୀ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି । ନିକଟରେ ଉପସ୍ଥିତ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । (ଫଟୋ : ସମ୍ବାଦ କଳିକା)

# ସ୍ୱଚ୍ଛତା ପଖୱାଡା ସମୟରେ ପାୱାରଗ୍ରୀଡ୍‌ର ସ୍ୱଚ୍ଛତା ଅଭିଯାନ

**ଗୁରୁଗ୍ରାମ,**

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ମହାରତ୍ନ କେନ୍ଦ୍ରୀୟ ସରକାରୀ କ୍ଷେତ୍ର ଉଦ୍ୟୋଗ, ପାୱାର ଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରିଡ୍), ଦେଶବ୍ୟାପୀ ଏହାର କାର୍ଯ୍ୟାଳୟଗୁଡ଼ିକରେ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ବଜାୟ ରଖିବା ପାଇଁ ସ୍ୱଚ୍ଛତା ପଖୱାଡା ଆୟୋଜନ କରୁଛି । ଏହି ଅଭିଯାନ ଏକ ସ୍ୱଚ୍ଛ, ସୁସ୍ଥ ଏବଂ ସବୁଜ ରାଷ୍ଟ୍ର ଗଠନ ପାଇଁ ପାୱାରଗ୍ରିଡ୍‌ର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।



ଏହି ଅବସରରେ, ପାୱାରଗ୍ରିଡ୍ କର୍ମଚାରୀମାନେ ସ୍ୱଚ୍ଛତା ପ୍ରତିଜ୍ଞା ଗ୍ରହଣ କରିଥିଲେ ଏବଂ ସେମାନଙ୍କ କାର୍ଯ୍ୟସ୍ଥଳ, ସମ୍ପ୍ରଦାୟ ଏବଂ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସେମାନଙ୍କର ସଂକଳ୍ପକୁ ପୁନରାବୃତ୍ତି କରିଥିଲେ । ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟାଳୟ ପରିସର ଏବଂ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ ମଧ୍ୟ କରାଯାଇଥିଲା ।

ଏହି ଅଭିଯାନ ଗୁରୁଗ୍ରାମର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାମସି ରାମ ମୋହନ ବୁରା; ନିର୍ଦ୍ଦେଶକ (ଅର୍ଥ) ଜି. ରବି ଶଙ୍କର; ନିର୍ଦ୍ଦେଶକ (କାର୍ମିକ) ଡକ୍ଟର ଯତୀନ୍ଦ୍ର ଦ୍ୱିବେଦୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ନବୀନ ଶ୍ରୀବାସ୍ତବ, ନିର୍ଦ୍ଦେଶକ (ଅପରେସନ) ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ସହିତ ସ୍ୱଚ୍ଛତା ବିଷୟରେ ଜନସଚେତନତା ବୃଦ୍ଧି କରିବା ପାଇଁ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜନ କରାଯାଇଥିଲା ।

ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ସ୍ୱୟଂଚାଳିତ ଏବଂ ଡିଜିଟାଲ୍ ସମାଧାନର ପ୍ରଭାବଶାଳୀ ବ୍ୟବହାର ମାଧ୍ୟମରେ ପାୱାରଗ୍ରୀଡ୍ ନିରନ୍ତର ଭାବରେ ୯୯.୭୮ ପ୍ରତିଶତରୁ ଅଧିକ ହାରାହାରି ପରିବହନ ବ୍ୟବସ୍ଥା ଉପଲବ୍ଧତା ବଜାୟ ରଖିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା ଆସିବେ...

ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି, ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରୁ ଜଣାଯାଇଛି ଯେ, ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

## ପିଏମ୍ ଗତିଶକ୍ତି ...

ପ୍ରକ୍ରିୟାକୁ ଅଧିକ ସରଳ ଓ ଦ୍ରୁତତର କରିବାକୁ ସେ ପରାମର୍ଶ ଦେଇଥିଲେ ।

ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେଯେ ଭିତ୍ତିଭୂମି ନିର୍ମାଣ ଦିଗରେ ପିଏମ୍ ଗତିଶକ୍ତି ପୋର୍ଟାଲ ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଓ ତେଣୁ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା, ଆଧୁନିକ ରାସ୍ତା, ସେତୁ ଓ କୋଠାବାଡି ଆଦି ନିର୍ମାଣ କ୍ଷେତ୍ରରେ ଏହି ପୋର୍ଟାଲର ଯୁଗାନ୍ତକାରୀ ସାବ୍ୟସ୍ତ ହେବ ।

ବୈଠକରେ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ, ସଡ଼କ ସରଞ୍ଜନା ବହୁମୁଖୀ ସଂଯୋଗ ବ୍ୟବସ୍ଥାର ବିକାଶ ଏବଂ ପିଏମ୍ ଗତିଶକ୍ତି ପୋର୍ଟାଲ ମାଧ୍ୟମରେ ପ୍ରକଳ୍ପଗୁଡ଼ିକର ଉନ୍ନତ ଯୋଜନା ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗାମୀ ଓଡ଼ିଶା ଗସ୍ତ ଅବସରରେ ନୂତନ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ ହେବାକୁ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା ।

ବୈଠକରେ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଏଲ. କେ. ପାଢୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଇଆଇସି ସିଭିଲ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ, ପ୍ଲାନିଂ ଓ କୋର୍ଡିନେସନ ଇଂ ସମୀର ହୋତା, ମୁଖ୍ୟଯନ୍ତ୍ରୀ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟଯନ୍ତ୍ରୀ ଶିବବ୍ରତ ତରିଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଓଡ଼ିଶାକୁ ପିଏମ୍ ...

ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି ।

ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍' ପାଇଁ ଚୟନ କରାଯାଇଛି, ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ । ଏତଦ୍‌ବ୍ୟତୀତ, 'ମାକ୍ସିମମ୍ ଭେଣ୍ଡର ରେଜିଷ୍ଟ୍ରେସନସ୍' ବର୍ଗରେ ଆମ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି । ଏହି ସଫଳତା ଆମ ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିବା ସହ ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଏସ୍‌ସି ଏସ୍‌ଟି ...

କାର୍ଯ୍ୟକାରୀ ହେବ । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଏବଂ କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ପୂର୍ବରୁ ଅନେକ ଉଦ୍ୟମ ଓ ସଂଘର୍ଷ ହୋଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା । ନୂଆ ସରକାର ଆସିବା ପରେ ମାତ୍ର ୨ ବର୍ଷ ଭିତରେ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଛନ୍ତି ।

## ଅଣ୍ଡର ଓ୍ୱେଟ୍ ...

ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ)ମାନଙ୍କ ସକାଳ ଜଳଖିଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାକୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି । ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ସକାଳ ଜଳଖିଆ ବାବଦକୁ ସରକାର ନିଜସ୍ୱ ବଜେଟ୍ ରୁ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବେ । ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଶିଶୁର ସାମଗ୍ରିକ ବିକାଶ ପାଇଁ ଜୀବନର ପ୍ରଥମ ୧୦୦୦ ଦିନ (ଗର୍ଭ ସଂଚାର ଠାରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ବହିରେ ଓଡ଼ିଆ ଭାଷାରେ ଅତି ସରଳ ଭାବରେ ଜୀବନର ପ୍ରଥମ ୧୦୦୦ ଦିନର ପ୍ରତିଟି ସ୍ତର ଏବଂ ତାର ଯତ୍ନ ବିଷୟରେ ବୁଝାଇ ଦିଆଯାଇଛି । ଅଙ୍ଗନୱାଡି ଦିଦିମାନେ ନିଜର ଗୃହ ପରିଦର୍ଶନ ସମୟରେ ଏହି ବହିଟିକୁ ବ୍ୟବହାର କରି ହିତାଧିକାରୀମାନଙ୍କୁ ସଚେତନ କରିବେ । ଏଥି ସହିତ ସମସ୍ତ ହିତାଧିକାରୀଙ୍କ ପାଖରେ ଏହି ଡିଜିଟାଲ ବହିଟିକୁ ରାଜ୍ୟର ସମସ୍ତ ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ଓ ସୋସିଆଲ ମେଡିଆ ଦ୍ୱାରା ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି । ଏଥି ସହ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି, ପ୍ରତ୍ୟେକ ମାତା-ପିତା ଓ ପରିବାର ସଦସ୍ୟ ଏହାକୁ ପଢ଼ି ଦୈନନ୍ଦିନ ଜୀବନରେ ପ୍ରୟୋଗ କଲେ ରାଜ୍ୟରେ ଏକ 'ସୁସ୍ଥ ମା' - ସୁସ୍ଥ ଶିଶୁ-ସୁସ୍ଥ ପରିବାର' ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ, ନିର୍ଦ୍ଦେଶିକା ମୋନିସା ବାନାର୍ଜୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ସେହିପରି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଡିସି-ପୋଷଣ ଓ ସୁପରଭାଇଜରମାନେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ୟୁକ୍ରେନ ଉପରେ ...

ମହଲା ବିଶିଷ୍ଟ ଆବାସିକ ବିଲ୍ଡିଂ ଉପରେ ମିସାଇଲ ମାଡ଼ ହେବା ଯୋଗୁଁ ତାହା ଭୁଶୁଡ଼ି ପଡ଼ିଛି ଏବଂ ଅନେକ ଲୋକ ମାଟିତଳେ ଚାପି ହୋଇ ରହିଛନ୍ତି । ସହରର ବିଭିନ୍ନ ସ୍ଥାନରେ କ୍ଷେପଣାସ୍ତ୍ରର ଭଗ୍ନାବଶେଷ ପଡ଼ି ଗାଡ଼ିଗୁଡ଼ିକ ଜଳିଯାଇଛି ଏବଂ ଏକ ଶିଶୁ ଉଦ୍ୟାନ ନିକଟରେ ମଧ୍ୟ ନିଆଁ ଲାଗିଯାଇଛି । ଏହି ଭୟାବହ ଆକ୍ରମଣ ଯୋଗୁଁ ଜୀବନ ବଞ୍ଚାଇବା ପାଇଁ କିଭଳି ହଜାର ହଜାର ବାସିନ୍ଦା ସହରର ମେଟ୍ରୋ ଷ୍ଟେସନ ଏବଂ ଅନ୍ୟାନ୍ୟ ଭୂତଳ ଆଶ୍ରୟସ୍ଥଳୀରେ ଶରଣ ନେଇଛନ୍ତି ।

## ଆସୁଛି ବଡ଼...

ଘଟେ ଏବଂ ସାଧାରଣତଃ ୯ ରୁ ୧୨ ମାସ ପର୍ଯ୍ୟନ୍ତ ରହେ । ଏହାର ପ୍ରତିରୂପ ହେଉଛି 'ଲା ନିନା', ଯାହା ପ୍ରଶାନ୍ତ ମହାସାଗରରେ ସ୍ୱାଭାବିକ ଠାରୁ କମ ତାପମାତ୍ରାକୁ ସୂଚିତ କରେ । ଏଲ୍ ନିନୋ ଘଟଣା ସମୟରେ, ପବନ ଦୁର୍ବଳ ହୁଏ କିମ୍ବା ଦିଗ ପରିବର୍ତ୍ତନ ହୁଏ, ଯାହା ଫଳରେ ଉଷ୍ମ ପ୍ରଶାନ୍ତ ମହାସାଗରୀୟ ଜଳ ଆମେରିକାର ଉପକୂଳ ଆଡକୁ ପୂର୍ବ ଦିଗରେ ପ୍ରବାହିତ ହୁଏ । ଏହା ଆଟଲାଣ୍ଟିକରେ ଘୂର୍ଣ୍ଣିବାତ୍ୟା କାର୍ଯ୍ୟକଳାପକୁ ଦମନ କରେ ଏବଂ ଏକକାଳୀନ ପ୍ରଶାନ୍ତ ମହାସାଗରରେ ଝଡ଼ କାର୍ଯ୍ୟକଳାପକୁ ବୃଦ୍ଧି କରେ ।

# ରବୀନ୍ଦ୍ର ମଣ୍ଡପରେ ନାଟକ "ମହାମନ୍ଦିର"

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରବୀନ୍ଦ୍ର ମଣ୍ଡପରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ଶ୍ରୀ ଜଗନ୍ନାଥାୟନ'ରେ ଭୁବନେଶ୍ୱରର ଅନ୍ୟତମ ଅଗ୍ରଣୀ ନାଟ୍ୟସଂସ୍ଥା ଶିଳାଶ୍ରୀ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ନାଟ୍ୟଗୌରବ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ "ମହାମନ୍ଦିର" ମହାସମାରୋହରେ ଅଭିନୀତ ହୋଇଯାଇଛି । ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ମନ୍ଦିରରେ ବିଶ୍ୱାବସୁର ଗୁପ୍ତ ଗୁମ୍ଫାରୁ ନୀଳମାଧବଙ୍କୁ ଆଣି ପୁରୀ ଶ୍ରୀମନ୍ଦିରରେ ସ୍ଥାପନର ଲୋକପ୍ରିୟ ଉପାଖ୍ୟାନ ନାଟକରେ ଅତି କମନୀୟ ଶୈଳୀରେ ରୂପାନ୍ତରିତ ହୋଇ ସଫଳତାର ସହ ମଞ୍ଚସ୍ଥ ହୋଇଯାଇଥିଲା । ଅଭିନୟରେ ସର୍ବଶ୍ରୀ ଗାଲମାଧବ ଡ. ଉପେନ୍ଦ୍ର



ନାୟକ, ବିଦ୍ୟାପତି ଲମ୍ବୋଦର ଡିଗଲ୍, ଇନ୍ଦ୍ରଦ୍ୟୁମ୍ନ-ସୁଧୀର ନାୟକ, ବିଶ୍ୱାବସୁ-ବ୍ରହ୍ମାନନ୍ଦ ଜେନା, ଶୁକୁରୁ-ପ୍ରଭାତ କୁମାର, ଅବନ୍ତୀ ମନ୍ତ୍ରୀ ବ୍ୟାସଦେବ ଚୌହାନ୍, ଉତ୍କଳ ମନ୍ତ୍ରୀ-ଗୋବିନ୍ଦ ମହାପାତ୍ର, ସତ୍ୟାନନ୍ଦ-ସୁନୀଲ୍ ନାୟକ, ରଇବୁ-ପୂର୍ଣ୍ଣଚନ୍ଦ ସାହୁ, ରାଣୀଗୁଣ୍ଡିଚ୍ଛ-ପ୍ରଣତି ଓ ଲଳିତା-ଭୂମିକାରେ କୁମାରୀ ବନ୍ଦନା ଆଦି ସଫଳ ଅଭିନୟ କରିଥିଲେ । ମହେଶ୍ୱର ସାହୁ ନାଟକର ସଂଗୀତ ନିର୍ଦ୍ଦେଶନା, ଡକ୍ଟର ଉପେନ୍ଦ୍ର ନାୟକ ଗୀତ ରଚନା ଓ ବ୍ରଜ କିଶୋର ମଲ୍ଲିକ ନୃତ୍ୟ ନିର୍ଦ୍ଦେଶନା ଦେଇଥିବା ବେଳେ କୁମାରୀ ଲିପିକା କଣ୍ଠଦାନ କରିଥିଲେ ।

# ରେଙ୍ଗାଲି ତହସିଲ ଅଫିସ୍‌ରେ ବିଶୁଦ୍ଧ ପାନୀୟ ଜଳର ଶୁଭ ଉଦ୍ଘାଟନ



**ରେଙ୍ଗାଲି, ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟ ଠାରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥାର ଶୁଭ ଉଦ୍ଘାଟନ କରାଯାଇଛି । ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ପ୍ରଚଣ୍ଡ ଗ୍ରୀଷ୍ମରେ ଲୋକମାନଙ୍କର ସ୍ୱାସ୍ଥ୍ୟକୁ ଆଖିରେ ରଖି କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପ୍ରକଳ୍ପ ନୀର ଦ୍ୱାରା ସବୁସ୍ଥାନରେ ଏହା ଆଦୃତ ହୋଇପାରିଛି । ଜନସାଧାରଣଙ୍କର ଜଳ କଷ୍ଟ ଦୂର କରିବା ପାଇଁ ଆଦିତ୍ୟ ଆଲୁମିନିୟମ ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ସ୍ରୋତର ବ୍ୟବସ୍ଥା ତହସିଲ ଅଫିସରେ କରାଯାଇଛି । ଏହା ଦ୍ୱାରା ବର୍ଷ ସାରା ପାନୀୟ ଜଳ ଉପଲବ୍ଧି ହୋଇପାରିବ ଓ ଜଳ ସମସ୍ୟାର ସମାଧାନ ହୋଇପାରିବ । ଏହି ଉଦ୍ଘାଟନୀ ଉତ୍ସବରେ ରେଙ୍ଗାଲି ତହସିଲଦାର ଆଶିଷ କୁମାର ସାହୁ, ଅତିରିକ୍ତ ତହସିଲଦାର କିଶୋର କୁମାର ସାହୁ, ଉପ-ନିବନ୍ଧକ ରାଜେଶ କୁମାର କିସାନ, ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ସିଭିଲ ମୁଖ୍ୟ ରଞ୍ଜିତ କୁମାର, ଲ୍ୟାଣ୍ଡ ମୁଖ୍ୟ ହେମରଞ୍ଜନ ପଟ୍ଟନାୟକ, ମଧୁସୂଦନ ଜେନା, ଆଦିତ୍ୟ ଆଲୁମିନିୟମର ସିଏସଆର୍ ଉପ ପ୍ରବନ୍ଧକ ମନୋରଂଜନ ବେହେରା ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ ।। ଉକ୍ତ କାର୍ଯ୍ୟଟି ସିଏସଆର୍ ମୁଖ୍ୟ ରବି ନିୱାସଙ୍କ ତତ୍ତ୍ୱା ଅବଧାନରେ ପରିଚାଳିତ ହୋଇଥିଲା । ଏଭଳି ମହତ୍ ପୂର୍ଣ୍ଣ କାର୍ଯ୍ୟପାଇଁ ସ୍ଥାନୀୟ ଅଧିବାସୀ ଆଦିତ୍ୟ ଆଲୁମିନିୟମ ଲପଙ୍ଗାକୁ ବହୁତ ପ୍ରଶଂସା କରିଥିଲେ ।

# ଏଏମ୍/ଏନଏସ୍ ଇଣ୍ଡିଆ ଦକ୍ଷ ଏକାଡେମୀ ଛାତ୍ରଙ୍କ ଓଡ଼ିଶା ସିଭିଲ୍ ସର୍ଭିସେସ୍‌ରେ ୪୯ ତମ ସ୍ଥାନ ହାସଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପଗଡ଼ରେ ଅବସ୍ଥିତ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ଦକ୍ଷ ଏକାଡେମୀର ଛାତ୍ର ରଶ୍ମି ରଞ୍ଜନ ବାରିକ ଓପିଏସସି (ଓଡ଼ିଶା ଲୋକସେବା ଆୟୋଗ) ଦ୍ୱାରା ପରିଚାଳିତ ସମ୍ମାନଜନକ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ୍) ପରୀକ୍ଷାରେ ୪୯ ତମ ସ୍ଥାନ ହାସଲ କରିଛନ୍ତି । ତାଙ୍କର ଏହି ସଫଳତା ଏଏମ୍/ଏନଏସ୍ ଇଣ୍ଡିଆର ପ୍ରମୁଖ ସିଏସ୍‌ଆର ପଦକ୍ଷେପ 'ଦକ୍ଷ' ର ପରିବର୍ତ୍ତନକାରୀ ପ୍ରଭାବର ଏକ ପ୍ରମାଣ, ଯାହା ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାଗଣା, ଉଚ୍ଚମାନର କୋଚିଂ ମାଧ୍ୟମରେ ସଶକ୍ତ କରୁଛି । ଜଗତସିଂହପୁର ବାଲିକୁଦାର ବାସିନ୍ଦା ରଶ୍ମିଙ୍କ ଯାତ୍ରା ଦୃଢ଼ତା ଏବଂ ସ୍ଥିରତାକୁ ପ୍ରତିଫଳିତ କରୁଛି । ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ରଶ୍ମି ଲୋକ ସେବା ମାଧ୍ୟମରେ ସମାଜ ସେବା କରିବାର ଆକାଂକ୍ଷାକୁ ପୂରଣ କରିବା ପାଇଁ ଦକ୍ଷ ଏକାଡେମୀରେ ଯୋଗ ଦେଇଥିଲେ । ଅଭିଜ୍ଞ ଅଧ୍ୟାପକ ଏବଂ ପରାମର୍ଶଦାତାଙ୍କ ମାର୍ଗଦର୍ଶନରେ, ସେ ଶିକ୍ଷାଗତ ସହାୟତା, ରଣନୈତିକ ମାର୍ଗଦର୍ଶନ ଏବଂ ବ୍ୟକ୍ତିତ୍ୱ ବିକାଶ ସମ୍ପର୍କିତ ତାଲିମ ହାସଲ କରିଥିଲେ, ଯାହା ତାଙ୍କୁ ଏକାଗ୍ର ଏବଂ ଆତ୍ମବିଶ୍ୱାସୀ ରହିବାରେ ସାହାଯ୍ୟ କରିଥିଲା । ରଶ୍ମିଙ୍କ ଏହି ସଫଳତା ପାଇଁ, ଏଏମ୍/ଏନଏସ୍ ଇଣ୍ଡିଆର ଭୁବନେଶ୍ୱର କାର୍ଯ୍ୟାଳୟରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏଏମ୍/ଏନଏସ୍ ଇଣ୍ଡିଆ ଖଣି ଏବଂ ଷ୍ଟ୍ରାଟେଜିକ୍ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଆଲୋକ ମେହେଟା ତାଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ କମ୍ପାନୀର ସିଏସଆର ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ ଏବଂ ଗୁରୁକୂଳ ଫାଉଣ୍ଡେସନର ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ସୂରଜ ମିଶ୍ର ଉପସ୍ଥିତ ଥିଲେ । କମ୍ପାନୀର ନେତୃମଣ୍ଡଳୀ ତାଙ୍କର ସଫଳତାକୁ ଜନ ସେବା ପ୍ରତି ଦୃଢ଼ତା, ସମର୍ପଣ ଏବଂ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଭାବରେ ପ୍ରଶଂସା କରିଥିଲେ ।




ରଶ୍ମି ନିଜ ସଫଳତା ବିଷୟରେ କହିଛନ୍ତି ଯେ, "ମୁଁ ମୋ ପରିବାର, ପରାମର୍ଶଦାତା ଏବଂ ଦକ୍ଷ ଏକାଡେମୀର ପ୍ରେରଣାଦାୟକ ପରିବେଶ ପ୍ରତି ଗଭୀର ଭାବେ କୃତଜ୍ଞ । ଅନୁଷ୍ଠାନର ଢାଞ୍ଚାଗତ ଆଭିମୁଖ୍ୟ ଏବଂ ନିରନ୍ତର ପ୍ରୋତ୍ସାହନ ମୋର ସଫଳତା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେମାନଙ୍କ ମାର୍ଗଦର୍ଶନ ଏବଂ ସମର୍ଥନ ବିନା ଏହି ସଫଳତା ସମ୍ଭବପର ନଥିଲା ।" ରଶ୍ମିଙ୍କୁ ଶୁଭେଚ୍ଛା ଜଣାଇ, ଏଏମ୍/ଏନଏସ୍ ଇଣ୍ଡିଆ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି ଯେ, "ରଶ୍ମିଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏହା ଦର୍ଶାଉଛି ଯେ ଦକ୍ଷ ଏକାଡେମୀ ଭଳି ଶିକ୍ଷାଗତ ପଦକ୍ଷେପ କିପରି ପ୍ରତିଭାବାନ ଯୁବକ ଯୁବତୀମାନଙ୍କ ପାଇଁ ଅସାଧାରଣ ସଫଳତା ହାସଲ କରିବାର ସୁଯୋଗ ସୃଷ୍ଟି କରିପାରିବ । ତାଙ୍କର ଏହି କୃତିତ୍ୱ ଅଗଣିତ ଆଶାୟୀ ପ୍ରାର୍ଥୀଙ୍କୁ ନିଜ ଉପରେ ବିଶ୍ୱାସ ରଖି ସ୍ୱପ୍ନ ପୂରଣ କରିବାକୁ ପ୍ରେରଣା ଯୋଗାଇବ । ଏହି ସଫଳତା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବ୍ୟାପକ ସୁଯୋଗ ସୃଷ୍ଟି, ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହନ, ଏବଂ ନିରନ୍ତର ସିଏସ୍‌ଆର୍ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ଯୁବପିଢ଼ିଙ୍କୁ ସଶକ୍ତ କରିବା ପ୍ରତି କମ୍ପାନୀର ସଂକଳ୍ପକୁ ଆହୁରି ସୁଦୃଢ଼ କରିଛି ।" ଗୁରୁକୁଳ ଫାଉଣ୍ଡେସନ୍‌ର ସହଯୋଗରେ ନଭେମ୍ବର ୨୦୨୫ରେ ପ୍ରତିଷ୍ଠିତ 'ଦକ୍ଷ ଏକାଡେମୀ' ଆଇଏଏସ୍, ଓଏଏସ୍, ବ୍ୟାଙ୍କିଂ, ରେଳବାଇ, ପ୍ରତିରକ୍ଷା, ଓଏସ୍‌ଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି, ଓପିଏସ୍‌ସି ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଶୁଳ୍କ ପ୍ରଶିକ୍ଷଣ ପ୍ରଦାନ କରୁଛି ।

# ଲୋକଭବନରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ଶକ୍ତି ଏହାର ସମୃଦ୍ଧ ବିବିଧତା ଏବଂ ସ୍ଥାୟୀ ଏକତାରେ ରହିଛି ଓ ଏଥି ପାଇଁ ନାଗରିକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ, ସଦଭାବ ଏବଂ ସାମୂହିକ ପ୍ରଗତିର ମୂଲ୍ୟବୋଧକୁ ବଜାୟ ରଖିବାକୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ।

ମଙ୍ଗଳବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିବିଧ ସଂସ୍କୃତି, ପରମ୍ପରା ଏବଂ ଇତିହାସ ସତ୍ତ୍ୱେ ଭାରତର ସ୍ପନ୍ଦନଶୀଳ ସଂଘୀୟ ମନୋଭାବ ଏବଂ ଦେଶକୁ ଏକତ୍ର ବାନ୍ଧି ରଖିବାର ମୂଲ୍ୟବୋଧକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳିତ କରୁଛି ।

ଏହି ତିନୋଟି ରାଜ୍ୟର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କର ଭିନ୍ନ ଇତିହାସ, ଭୌଗୋଳିକ ଅବସ୍ଥିତି ଏବଂ ସାଂସ୍କୃତିକ ପରମ୍ପରା ସତ୍ତ୍ୱେ ତେଲେଙ୍ଗାନା, ଗୋଆ ଏବଂ ସିକିମ ଦେଶର ଅଭିବୃଦ୍ଧି ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ।

ତେଲେଙ୍ଗାନାକୁ ଆକାଂକ୍ଷା, ସ୍ଥିରତା ଏବଂ ଦ୍ରୁତ ପ୍ରଗତିର ପ୍ରତୀକ ଭାବରେ ବର୍ଣ୍ଣନା କରିବା ସହିତ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ନବସୃଜନ, ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ଉଦ୍ୟୋଗ କ୍ଷେତ୍ରରେ ଏହାର ସଫଳତା ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରିଥିଲେ । ଗୋଆ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ପର୍ଯ୍ୟଟନ, ଶିକ୍ଷା ଏବଂ ଆର୍ଥିକ ବିକାଶରେ ଏହି ରାଜ୍ୟର ଅବଦାନ ସହିତ ଇତିହାସ, ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଅନନ୍ୟ ମିଶ୍ରଣ ଏହାକୁ ଜାତୀୟ ଦୃଶ୍ୟପଟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ।

ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶ ଏବଂ ଜୈବିକ କୃଷି ପ୍ରତି ସିକିମର ପ୍ରତିବଦ୍ଧତା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏହି ରାଜ୍ୟ ଏହାର ପରିବେଶ ଅନୁକୂଳ ପଦକ୍ଷେପ ଏବଂ ସମୃଦ୍ଧ ଜୈବ ବିବିଧତା ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି ।

ରାଷ୍ଟ୍ର ନିର୍ମାଣରେ ରାଜ୍ୟଗୁଡ଼ିକର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଦେଶର ପ୍ରଗତି ଏହାର ବିବିଧ ଅଂଚଳର ଅବଦାନ ଦ୍ୱାରା ଆକାର ପାଇଛି । ପ୍ରତ୍ୟେକ କ୍ଷେତ୍ର ଭାରତର ସାଂସ୍କୃତିକ ସମୃଦ୍ଧି ଏବଂ ବିକାଶ ଯାତ୍ରାରେ ଯୋଗଦାନ କରେ । ଯେତେବେଳେ ଆମେ ଏକ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ କରୁ, ଆମେ ଭାରତର ଏକ ଅଂଶକୁ ପାଳନ କରୁ ବୋଲି ରାଜ୍ୟପାଳ କହିଥିଲେ । 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ସାଂସ୍କୃତିକ ପ୍ରଶଂସା, ଭାବପ୍ରବଣ ସଂଯୋଗ ଏବଂ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ମାଧ୍ୟମରେ ଜାତୀୟ ସଂହତି ସୁଦୃଢ଼ ହୁଏ । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ଦୀର୍ଘକାଳ ଧରି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ସମାବେଶୀ ଏବଂ ସାର୍ବଜନୀନ ଭାଇଚାରାର ଏକ ଆଲୋକପଥ ଭାବରେ ଠିଆ ହୋଇଛି । ଓଡ଼ିଶାକୁ ନିଜର ଦ୍ୱିତୀୟ ଘର କରିଥିବା ତେଲେଙ୍ଗାନା, ଗୋଆ ଏବଂ ସିକିମର ଲୋକମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କ ଅବଦାନ ରାଜ୍ୟର ସାମାଜିକ ଓ ସାଂସ୍କୃତିକ ଜୀବନକୁ ଋଦ୍ଧିମନ୍ତ କରିବା ସହ ଅର୍ଥନୀତିକୁ ସମୃଦ୍ଧ କରିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ । ତେଲେଙ୍ଗାନାର ରାଜ୍ୟପାଳ ଶ୍ରୀ ଶିବ ପ୍ରତାପ ଶୁକ୍ଲା, ଗୋଆର ରାଜ୍ୟପାଳ ଶ୍ରୀ ପୁଷପତି ଅଶୋକ ଗଜପତି ରାଜୁ ଏବଂ ସିକିମର ରାଜ୍ୟପାଳ ଶ୍ରୀ ଓମ୍ ପ୍ରକାଶ ମାଥୁରଙ୍କ ଅଡିଓ-ଭିଜୁଆଲ୍ ବାର୍ତ୍ତା ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ବନ ସଂରକ୍ଷକ (କେନ୍ଦୁ ପତ୍ର) ଶ୍ରୀମତୀ ଉମା ନନ୍ଦୁରୀଙ୍କ ସମେତ ଓଡ଼ିଶାରେ ରହୁଥିବା ଏହି ତିନୋଟି ରାଜ୍ୟର ମୂଳ ବାସିନ୍ଦାମାନେ ଓଡିଶା ରାଜ୍ୟରେ ରହିବାର ସେମାନଙ୍କର ଅଭିଜ୍ଞତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୯୬% ସମାଧାନ ଦାବିର ସତ୍ୟତା କେତେ: ବିଜେଡି

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିରେ ୯୬ ପ୍ରତିଶତ ଲୋକ ସମସ୍ୟା ସମାଧାନ ହେଉଛି ବୋଲି ବିଜେପି ସରକାର ଦାବି କରିଛି । କିନ୍ତୁ ବାସ୍ତବରେ ଏହି ସମସ୍ୟାର କେତେଦୂର ସମାଧାନ ହୋଇଛି ସରକାର ଏହାର ସ୍ପଷ୍ଟିକରଣ ରଖନ୍ତୁ ବୋଲି ବିଜେଡି କହିଛି । ମଙ୍ଗଳବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ୯୬ ପ୍ରତିଶତ ଲୋକଙ୍କ ସମସ୍ୟା ସମାଧାନ ହେଉଛି ବୋଲି ସରକାର ଦାବି କରୁଛନ୍ତି । କିନ୍ତୁ ଏହାର ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ । ଯଦି ୯୬ ପ୍ରତିଶତ ଅଭିଯୋଗର ସମାଧାନ ହେଉଛି ତାହା ହେଲେ ରାଜ୍ୟ ସରକାର ଏହାକୁ ସାର୍ବଜନୀନ କରିବାର ଅସୁବିଧା କେଉଁଠି ରହିଲା? ଦୁଇ ବର୍ଷରୁ ଅଧିକ ସମୟ ଧରି ରାଜ୍ୟରେ ଏହି ସରକାର କ୍ଷମତାରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମାତ୍ର ୧୮ ଥର ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହିଛନ୍ତି । ଏପରି ପରିସ୍ଥିତିରେ ୯୬ ପ୍ରତିଶତ ଅଭିଯୋଗର ସମାଧାନ ହୋଇଥିବା ଦାବି କେଉଁ ଆଧାରରେ କରାଯାଉଛି ? ଯଦି ପ୍ରକୃତରେ ୯୬ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି, ସରକାର ଅତି କମରେ ୯୬ ଜଣ ଉପକୃତ ନାଗରିକଙ୍କ ନାମ ଓ ବିବରଣୀ ସାର୍ବଜନୀନ କରନ୍ତୁ । କେବଳ ଅଭିଯୋଗକୁ ଜିଲ୍ଲାପାଳ କିମ୍ବା ସମ୍ପୃକ୍ତ ବିଭାଗକୁ ପଠାଇ ଦେଇ ସମାଧାନ ହେଉଛି ବୋଲି ଗଣାଯାଉଛି କି ? ନା ପ୍ରକୃତରେ ଲୋକଙ୍କ ସମସ୍ୟାର ସ୍ଥାୟୀ ନିରାକରଣ ହେଉଛି ? ଦାବିକୁ କେବଳ ପରିସଂଖ୍ୟାନ ମାଧ୍ୟମରେ ନୁହେଁ, ବରଂ ସମାଧାନ ହୋଇଥିବା ମାମଲାଗୁଡ଼ିକର ବିସ୍ତୃତ ତଥ୍ୟ ପ୍ରକାଶ କରିବାର ଆବଶ୍ୟକ ଅଛି । ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଉଛି ଯେ, ସରକାର ଅତିକମରେ ସେହି ୯୬ ପ୍ରତିଶତ ସମାଧାନ ହୋଇଥିବା ଅଭିଯୋଗର ତାଲିକା ଏବଂ ସେଗୁଡ଼ିକର ନିରାକରଣ ସମ୍ପର୍କିତ ବିସ୍ତୃତ ବିବରଣୀ ସାର୍ବଜନୀନ କରନ୍ତୁ ।

ଭୁବନେଶ୍ୱର, ୩ ଜୁନ୍, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଶିମିଳିପାଳରୁ ଆସିଲା ଖୁସି ଖବର: ମା' ହେଲା ବାଘୁଣୀ ଜିନ୍ନତ

## ଖୁସି ବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ ଓ ଜଙ୍ଗଲ ମନ୍ତ୍ରୀ



ମୟୂରଭଞ୍ଜ ୦୨/୦୬
ନ୍ୟୁଜ ବ୍ୟୁରୋ

ଶିମିଳିପାଳରୁ ଆସିଲା ଖୁସି ଖବର। ମା' ହେଲା ବାଘୁଣୀ ଜିନ୍ନତ। ଗତ ୨୮ ତାରିଖରେ ବାଘୁଣୀ ଜିନ୍ନତ ୪ଟି ଛୁଆ ଜନ୍ମ ଦେଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଖୁସି ବ୍ୟକ୍ତ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଶିମିଳିପାଳରେ ବାଘୁଣୀ ଜିନ୍ନତ ମାଆ ହୋଇଛି। ସେ ଚାରୋଟି ବାଘ ଛୁଆ ଜନ୍ମ କରିଛି ଓ ସବୁ ସୁସ୍ଥ ଅଛନ୍ତି। ଏବେ ବାଘ ଛୁଆଙ୍କ ଆଖି ଫିଟିନି। ଆଶା କରାଯାଉଛି ଯେ ଖୁବ୍ ଶୀଘ୍ର ସେମାନେ ଶିମିଳିପାଳ ପରିବେଶ ଓ ଜୈବ ବିବିଧତାରେ ଖାପ ଖୁଆଇବେ। ଶିମିଳିପାଳରେ ବର୍ତ୍ତମାନ ୪୦ ଟି ବାଘ ଅଛି। ଏବେ ଚାରି ନୂଆ ବାଘ ଛୁଆ ଯୋଡ଼ି ହେଲେ। ସେମାନେ ଏବେ ଗପସ ଟ୍ରାକିଂରେ ଅଛନ୍ତି। ଏହା ବ୍ୟାଘ୍ର ସଂରକ୍ଷଣ ପାଇଁ ବଡ଼ ପଦକ୍ଷେପ। ସୂଚନା ଯୋଗ୍ୟ ଯେ, ବାଘୁଣୀ ଜିନ୍ନତ ବନ୍ଦୀମୁକ୍ତ ହେବା ପରେ ଶିମିଳିପାଳର ରାଜା ଟି-୧୨ ମହାବଳ କଳାବାଘ ସହ ଭେଟଘାଟ ହୋଇଥିଲା । ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଉଭୟ ସାଙ୍ଗ ହୋଇ ଜଙ୍ଗଲ ସାରା ବୁଲୁଥିଲେ । ଏହା ଭିତରେ ଗର୍ଭବତୀ ଥିବା ଜିନ୍ନତ ମା' ହୋଇଛି। ଜିନ୍ନତ ନୂଆ ଶାବକଙ୍କୁ ଜନ୍ମ ଦେଇଥିବାରୁ ଶିମିଳିପାଳରେ ବ୍ୟାଘ୍ର ବଂଶ ବୃଦ୍ଧି ହୋଇଛି । ଛୁଆ ଗୁଡିକ ମା' ଭଳି ହୋଇଛନ୍ତି। ମା' ଜିନ୍ନତ ଗୋଟିଏ ଛୁଆକୁ ପାଟିରେ ଧରି ଯାଉଥିବାର ଲକ୍ଷ୍ୟ କରାଯାଇଛି।

# ଚକରେ ବନ୍ଧ ଓ ଅଖ ମେଣ୍ଢି ସରିଲା : ୩ ରଥ ଉପରକୁ ଉଠିବ ଦଣ୍ଡା



ପୁରୀ,୦୨/୦୬ ନ୍ୟୁଜ ବ୍ୟୁରୋ

ନେତ୍ରୋତ୍ସବରେ ସିଂହଦ୍ୱାରକୁ ଗଡ଼ିବ ନିର୍ମାଣକାରୀଙ୍କ ଦ୍ୱାରା ପ୍ରସ୍ତୁତ ରଥ । ସେଦିନ ସିଂହଦ୍ୱାର ଠାରେ ରଥ ରହିବା ସ୍ଥଳୀକୁ ଚାହିଁ ଦିଗ ନିର୍ଣ୍ଣୟ କରାଯାଇ ଚକ ଅଖ ଥାକ ହୋଇଛି। ଦଣ୍ଡା ଫ୍ରେମ୍‌ରୁ ମାପ ଆସି ବତା ସାହାଯ୍ୟରେ ମାପଚୁପ ହୋଇ ଚକ ଓ ଅଖ ଥୟ ହୋଇଛି । ପରେ ଚକରେ ବନ୍ଧ ଓ ଅଖ ମେଣ୍ଢି ଦିଆଯାଇଛି। ସନ୍ଧ୍ୟା ସୁଦ୍ଧା ବିଶ୍ୱକର୍ମା ଓ ଭୋଇ ସେବକ ମିଶି ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନ କରିଛନ୍ତି । ଚାଳିରେ ପୋଲ ଗୟଳ କାର୍ଯ୍ୟ ଓ ରୂପକାରଙ୍କ ମୂର୍ତ୍ତି ଖୋଦେଇ କାର୍ଯ୍ୟ ଜାରି ରହିଛି । ମଙ୍ଗଳବାର ଦଣ୍ଡା ଉଠାଇ ରଥର ମୂଳଦୁଆ ପଡ଼ିଛି ବୋଲି କୁହନ୍ତି ନିର୍ମାଣକାରୀ । ୩୬ ବର୍ଷ ହେଲା ରଥ ନିର୍ମାଣ କରୁଥିବା ବଡ଼ବାଡ଼ର ଦକ୍ଷ ବିଶ୍ୱକର୍ମା ଶତ୍ରୁଘ୍ନ ମହାରଣା କୁହନ୍ତି, ସିଂହଦ୍ୱାରଠାରେ ତିନି ରଥର ଭିନ୍ନ ଭିନ୍ନ ରହିବା ସ୍ଥାନକୁ ଚାହିଁ ରଥ ପ୍ରସ୍ତୁତ ସ୍ଥଳିର ଆଗପଛରେ ଖୁଣ୍ଟ ପୋତାଯାଇ ଦଉଡ଼ି ବନ୍ଧାଯାଇଛି। ଦଉଡ଼ି ଦିଗକୁ ଚାହିଁ ପ୍ରଥମ ନାହାକା ଅଖ ଓ ଚକ ସ୍ଥିର ହୋଇଛି। ପୂର୍ବରୁ ପ୍ରସ୍ତୁତ ଦଣ୍ଡା ଫ୍ରେମରୁ ବତା ସାହାଯ୍ୟରେ ମାପ ଆସି ସମସ୍ତ ଚକ ଅଖର ପ୍ରକୃତ ସ୍ଥାନ ଧାର୍ଯ୍ୟ ହୋଇଛି। ନାହାକା ଚକ ଅଖ ପାଖକୁ ପଡ଼ିନାହାକା, ପାଖକୁ ବଡ଼ଉଚ୍ଛୁଳା ଓ ତା'ପାଖକୁ ସାନଉଚ୍ଛୁଳା ଚକ ସ୍ଥିର ହୋଇଛି। ଧାର୍ଯ୍ୟ ସ୍ଥିତିରୁ ଚକ ନଗଡ଼ିବା ପାଇଁ ଚକର ଉଭୟ ପଟେ ବନ୍ଧ (ବର ଡାଳ) ଦିଆଯାଇଛି । ସେହିପରି ଅଖକୁ ବଳ ଯୋଗାଇବାକୁ ତଳେ ଦିଆଯାଇଛି ମେଣ୍ଢି (ଧଉରା ଗଣ୍ଡି) । ରଥ ନିର୍ମାଣ ଅବସରରେ ବହୁ ନିର୍ମାଣକାରୀ ରଥରେ ଚଢ଼ିବା ସହ ଓଜନିଆ କାଠ ଖଣ୍ଡ ମାନ ଉପରକୁ ଯାଇଛି । ସବୁର ଭାରା ରହିବ ଅଖ ଉପରେ । ନେତ୍ରୋତ୍ସବ ଦିନ ମେଣ୍ଢି ଓ ବନ୍ଧ କାଢ଼ି ରଥତ୍ରୟ ଟଣାହୋଇ ସିଂହଦ୍ୱାର ନିକଟରେ ପହଞ୍ଚିବ । କରତି ସେବକ ଗୟଳ ଚିରଟ ଓ ଓଝା ସେବକମାନେ ଲୌହ ସାମଗ୍ରୀ ତିଆରି କରୁଛନ୍ତି । ମଙ୍ଗଳବାର ବରିଷ୍ଠ ଅଧିକାରୀମାନେ ରଥଖଳା ପରିଦର୍ଶନ କରି ରଥ ନିର୍ମାଣ ନେଇ ଆଲୋଚନା କରିଥିବା ନିର୍ମାଣକାରୀ କହିଛନ୍ତି।

# ସହରୀ ଯୋଜନା କ୍ଷମତାର ସୁଦୃଢ଼ୀକରଣ ପାଇଁ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ

ଭୁବନେଶ୍ୱର,୦୨/୦୬
ନ୍ୟୁଜ ବ୍ୟୁରୋ

ଓଡ଼ିଶାର ଦ୍ରୁତ ବିକାଶଶୀଳ ସହରୀ ପରିଦୃଶ୍ୟକୁ ଦୃଷ୍ଟିରେ ରଖି ରାଜ୍ୟର ସହରୀ ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଇନଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ' ଓଡ଼ିଶା ଶାଖା ପକ୍ଷରୁ ଏକ ବ୍ୟାପକ ରୂପରେଖ ପ୍ରସ୍ତାବ ଦିଆଯାଇଛି। ଏଥିରେ ବୃତିଗତ ନଗର ଯୋଜନାବିତ (ଟାଉନ୍ ପ୍ଲାନର) ମାନଙ୍କର ବଡ଼ ଆକାରରେ ନିଯୁକ୍ତି ଏବଂ ଆନୁଷ୍ଠାନିକ ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକରେ ଏହି ସୁପାରିଶଗୁଡ଼ିକୁ ଉପସ୍ଥାପନ କରାଯାଇଛି। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ନଗର ଯୋଜନା ନିର୍ଦ୍ଦେଶକ ଶତ୍ରୁଘ୍ନ କର, ଆଇ.ଟି.ପି.ଆଇ. ଓଡ଼ିଶା ଶାଖାର ପ୍ରତିନିଧି ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇ.ଟି.ପି.ଆଇ. ପକ୍ଷରୁ ରାଜ୍ୟରେ ଯୋଗ୍ୟତାସମ୍ପନ୍ନ ଟାଉନ୍ ପ୍ଲାନରଙ୍କର ବଡ଼ ଅଭାବ ଥିବା ନେଇ ଦର୍ଶାଯାଇଛି। ନୀତି ଆୟୋଗଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଯୋଜନା ମାନଦଣ୍ଡ ଅନୁଯାୟୀ, ଓଡ଼ିଶାର ସହରୀ ବିକାଶକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରାୟ ୪୭୦ ଜଣ ଟାଉନ୍ ପ୍ଲାନରଙ୍କ ଆବଶ୍ୟକତା ରହିଛି। ଅନେକ ବିକାଶ ମଧ୍ୟ ନିୟମିତ ଟାଉନ୍ ପ୍ଲାନରଙ୍କ ବିନା କାର୍ଯ୍ୟ କରୁଛନ୍ତି ଏବଂ ଅନେକ ସହରୀ ସ୍ଥାନୀୟ ସଂସ୍ଥା ବିଲ୍ଡିଂ ପ୍ଲାନ୍ ଅନୁମୋଦନ ଓ ବୈଧାନିକ ଯୋଜନା କାର୍ଯ୍ୟ ପାଇଁ ଅସ୍ଥାୟୀ ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି। ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସହରୀ ଯୋଜନା ଏକ ଉଚ୍ଚ ବିଶେଷଜ୍ଞତା ସମ୍ପନ୍ନ ଓ ବହୁମୁଖୀ ବୃତ୍ତି, ଯେଉଁଥିରେ ଜମି ବ୍ୟବହାର ଯୋଜନା, ଭିତିଭୂମି ବିକାଶ, ଗୃହ ନିର୍ମାଣ, ପରିବହନ, ପରିବେଶ ପରିଚାଳନା, ଅର୍ଥନୈତିକ ବିକାଶ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ଅନ୍ତର୍ଭୁକ୍ତ। ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଓ ନବୀକରଣ, ଜମି ପୁଲିଂ ମାଧ୍ୟମରେ ନଗର ଯୋଜନା ସ୍କିମ୍ କାର୍ଯ୍ୟକାରୀ କରିବା, ଶସ୍ତା ଗୃହ ନିର୍ମାଣକୁ ସହଜ କରିବା, ପୁନଃବିକାଶ ଯୋଜନା ମାଧ୍ୟମରେ ପୁରୁଣା ସହରୀ ଅଞ୍ଚଳର କାୟାକଳ୍ପ କରିବା ଏବଂ ବ୍ୟବସାୟିକ ସହଜତା ବୃଦ୍ଧି ପାଇଁ ବିଲ୍ଡିଂ ଅନୁମୋଦନ ବ୍ୟବସ୍ଥାରେ ସୁଧାର ଆଣିବାରେ ବୃତ୍ତିଗତ ପ୍ଲାନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ମାନବ ସମ୍ବଳ ଅଭାବକୁ ଦୂର କରିବା ପାଇଁ ଆଇ.ଟି.ପି.ଆଇ. ରାଜ୍ୟର ବିଭିନ୍ନ ସହରୀ ଉନ୍ନୟନ ସଂସ୍ଥାନରେ ୪୭୦ ଜଣ ଟାଉନ୍ ପ୍ଲାନରଙ୍କୁ ସୁଚିନ୍ତିତ ଭାବେ ନିୟୋଜିତ କରିବାକୁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବରେ ନଗର ଯୋଜନା ନିର୍ଦ୍ଦେଶାଳୟ, ବିକାଶ କର୍ତ୍ତୃପକ୍ଷ, ପୌର ପ୍ରଶାସନ ନିର୍ଦ୍ଦେଶାଳୟ, ସୁଡା, ଡୁଡା ଏବଂ ସହରୀ ଭିତିଭୂମି ଓ ଆଞ୍ଚଳିକ ବିକାଶରେ ନିୟୋଜିତ ଅନ୍ୟାନ୍ୟ ପ୍ରମୁଖ ବିଭାଗ ତଥା ସରକାରୀ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ସାମିଲ ରହିଛି। ବୈଠକରେ ଓଡ଼ିଶାରେ ବୃଦ୍ଧି ପାଉଥିବା ଯୋଜନା ବୃତ୍ତିଧାରୀଙ୍କ ସଂଖ୍ୟା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ୨୦୧୫ ମସିହାରୁ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ବ୍ୟାଚେଲର୍ ଅଫ୍ ପ୍ଲାନିଂ ଏବଂ ମାଷ୍ଟର ଅଫ୍ ପ୍ଲାନିଂ ପାଠ୍ୟକ୍ରମ ଆରମ୍ଭ ହେବା ପରଠାରୁ ରାଜ୍ୟ ବହୁ ସଂଖ୍ୟାରେ ଯୋଗ୍ୟତାସମ୍ପନ୍ନ ପ୍ଲାନିଂ ଗ୍ରାଜୁଏଟ୍ ସୃଷ୍ଟି କରିଛି। ଏହା ବ୍ୟତୀତ ଆଇ.ଆଇ.ଟି , ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକ୍ଚର ଏବଂ ସେପ୍ଟ ବିଶ୍ୱବିଦ୍ୟାଳୟ ଭଳି ଦେଶର ପ୍ରମୁଖ ଜାତୀୟ ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଭାମାନେ ମଧ୍ୟ ଓଡ଼ିଶାର ସହରୀ ରୂପାନ୍ତରଣ କାର୍ଯ୍ୟସୂଚୀରେ ଅବଦାନ ଦେବା ପାଇଁ ଉପଲବ୍ଧ ଅଛନ୍ତି। ଏହି ପ୍ରତିଭାମାନଙ୍କର ସଠିକ୍ ଉପଯୋଗ କରିବା ଏବଂ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ 'ସମୃଦ୍ଧ ସହର' କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ପ୍ରମୁଖ ସହରୀ ବିକାଶ ଯୋଜନାଗୁଡ଼ିକୁ ସଫଳ କରିବା ପାଇଁ ପ୍ରମୁଖ ସହରୀ ସଂସ୍ଥାନଗୁଡ଼ିକରେ ତୁରନ୍ତ 'ଅସିଷ୍ଟାଣ୍ଟ ଟାଉନ୍ ପ୍ଲାନର' ନିଯୁକ୍ତି କରିବାକୁ ଆଇ.ଟି.ପି.ଆଇ. ସୁପାରିଶ କରିଛି। ଏହାସହ ଅନ୍ୟାନ୍ୟ ବୃତ୍ତିଗତ ରାଜ୍ୟ ସେବା ଭଳି ଏକ ସ୍ୱତନ୍ତ୍ର 'ଓଡ଼ିଶା ଟାଉନ୍ ପ୍ଲାନିଂ ସର୍ଭିସ୍' କ୍ୟାଡର ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି ଏବଂ ପ୍ଲାନିଂ ବୃତ୍ତିଧାରୀଙ୍କ ପାଇଁ ସମାନ ନିଯୁକ୍ତି ନିୟମ ଓ ସେବା ସର୍ତ୍ତାବଳୀ ପ୍ରସ୍ତୁତ କରିବାକୁ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା ପାଇଁ ଆହ୍ୱାନ ଦିଆଯାଇଛି।

## ଗ୍ରୀଷ୍ମପ୍ରବାହ ସତର୍କତା ଜାରି କଲେ ମୁଖ୍ୟମନ୍ତ୍ରୀ

# ଶିଶୁ, ଗର୍ଭବତୀ ଓ ବୟସ୍କଙ୍କୁ କଲେ ସଚେତନ



ଭୁବନେଶ୍ୱର, ୦୨/୦୬
ନ୍ୟୁଜ ବ୍ୟୁରୋ

ରାଜ୍ୟରେ ବଢ଼ି ଚାଲିଛି ଗ୍ରୀଷ୍ମପ୍ରବାହ । ତୀବ୍ର ହେବାରେ ଲାଗିଛି ରୌଦ୍ରତାପ ଓ ଗୁଳୁଗୁଳି । ବଢୁଥିବା ତାତିକୁ ନେଇ ସତର୍କ ଓ ସଚେତନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୁରକ୍ଷିତ ରହିବା ସହ ଶିଶୁ, ଗର୍ଭବତୀ ଓ ବୟସ୍କଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, 'ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ପ୍ରଖର ରୌଦ୍ରତାପ ଓ ଗୁଳୁଗୁଳି ବଢ଼ିଛି । ଏହି ସମୟରେ ସାମାନ୍ୟ ଅସାବଧାନତା ବଡ଼ ବିପଦର କାରଣ ମଧ୍ୟ ହୋଇପାରେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସହ ସଚେତନ କରିଛନ୍ତି । ତେଣୁ ସଚେତନ ରହିବା ଏବଂ ପରିସ୍ଥିତିର ମୁକାବିଲା କରିବା ସମସ୍ତଙ୍କର ଦାୟିତ୍ୱ । ଶୋଷ ନ ଲାଗିଲେ ମଧ୍ୟ ପ୍ରତି ଅଧଘଣ୍ଟାରେ ପାଣି ପିଇବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ଶରୀରକୁ ସୁସ୍ଥ ରଖିବା ପାଇଁ ଘର ତିଆରି ତୋରାଣି, ବେଲ ପଣା, ମାଣ୍ଡିଆ ପେଜ, ପଇଡ଼ ପାଣି କିମ୍ବା ଲେମ୍ବୁ ସରବତ ବ୍ୟବହାର କରନ୍ତୁ ବୋଲି ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି''।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ପରାମର୍ଶ ଦେଇଛନ୍ତି ଯେ, ଅତି ଜରୁରୀ କାର୍ଯ୍ୟ ନଥିଲେ ଅଧିକ ଖରା ସମୟରେ ବାହାରକୁ ଯାଆନ୍ତୁ ନାହିଁ । ଯଦି ଯିବାକୁ ପଡୁଛି, ତେବେ ସାଙ୍ଗରେ ପାଣି ବୋତଲ, ଓଦା ଗାମୁଛା, ଟୋପି କିମ୍ବା ଛତା ନିଶ୍ଚୟ ନେଇ ଯାଆନ୍ତୁ । କୋମଳମତି ଶିଶୁ, ଗର୍ଭବତୀ ମହିଳା ଏବଂ ବୃଦ୍ଧବୃଦ୍ଧା ଏହି ସମୟରେ ସୁରକ୍ଷିତ ଭାବେ ଘର ଭିତରେ ରୁହନ୍ତୁ। ଏହା ସହ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ଅତ୍ୟଧିକ ଦେହ ଦରଜ ହେବା, ଚମଡ଼ା ଶୁଖିଯିବା, ପରିସ୍ରା କମ ହେବା କିମ୍ବା ମୁଣ୍ଡ ଝିମଝିମ ହେବା ଭଳି ଲକ୍ଷଣକୁ ଉପେକ୍ଷା ନକରି ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଆମ୍ବୁଲାନ୍ସର ସହାୟତା ଲୋଡ଼ନ୍ତୁ ।

ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ପ୍ରଚଣ୍ଡ ରୌଦ୍ରତାପରେ କାର୍ଯ୍ୟ କରୁଥିବା ଆମ ଶ୍ରମିକ ଭାଇଭଉଣୀଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ଆଭିମୁଖ୍ୟ ରଖନ୍ତୁ । ମାନବିକତା ଓ ଜୀବେଦୟା ହିଁ ଆମ ଓଡ଼ିଆ ସଂସ୍କୃତିର ଶ୍ରେଷ୍ଠ ପରିଚୟ । ବାଟୋଇମାନଙ୍କ ପାଇଁ ନିଜ ସାଧ୍ୟମତେ ଜଳ ସେବା ଯୋଗାଇବା ସହ ନିଜ ଘର ବାହାରେ କିମ୍ବା ଗଛ ଛାଇରେ ମାଟି ପାତ୍ରରେ ପାଣି ରଖି ନିରୀହ ପଶୁପକ୍ଷୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୁଅନ୍ତୁ । ମୋର ଦୃଢ଼ ବିଶ୍ୱାସ, ଆମର ସାମୂହିକ ପ୍ରୟାସ ଓ ସଚେତନତା ହିଁ ଏହି କଠିନ ସମୟରେ ସମସ୍ତଙ୍କୁ ସୁରକ୍ଷିତ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

# ହାତୀ ମାରି ପୋତିଦେବା ଘଟଣାରେ ଫରେଷ୍ଟର ନିଲମ୍ବିତ, ୩ ଗିରଫ

ଢେଙ୍କାନାଳ, ୦୨/୦୬ ନ୍ୟୁଜ ବ୍ୟୁରୋ

ହିନ୍ଦୋଳରେ ହାତୀ ମାରି ପୋତିଦେବା ଘଟଣାରେ ଆକ୍ସନ ମୋଡରେ ବନ ବିଭାଗ। ଘଟଣାରେ ହିନ୍ଦୋଳ ଫରେଷ୍ଟର ଦୀପ୍ତିରଞ୍ଜନ ଆଚାର୍ଯ୍ୟଙ୍କୁ ନିଲମ୍ବିତ କରିଛି ବିଭାଗ। ସେହିଭଳି ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଅନୁଗୁଳ ଆରସିସିଏଫ। ସେପଟେ ହିନ୍ଦୋଳରେ ହାତୀ ମାରି ପୋତିବା ଘଟଣାରେ ଫାର୍ମ ମାଲିକଙ୍କ ଜାମିନ ନାମଞ୍ଜୁର ହେବାପରେ ବନ ବିଭାଗ ଦୋଷୀମାନଙ୍କୁ ହିନ୍ଦୋଳ ବିଚାର ବିଭାଗୀୟ କାରାଗାରକୁ ପଠାଯାଇଛି। ଫାର୍ମ ମାଲିକ ପ୍ରମୋଦ ରାଜ, ଜେସିବି ଚାଳକ ସୁଧୀର ଭୁତିଆ, ଫାର୍ମ ଜଗୁଆଳୀ ରାଜୀବ ଚୌଧୁରୀଙ୍କୁ ବିଚାର ବିଭାଗୀୟ କାରାଗାରକୁ ପଠାଇ ଦିଆଯାଇଛି। ଏହାସହ ସମ୍ପୃକ୍ତ ଫାର୍ମ ହାଉସକୁ ସିଲ୍ କରିବା ସହ ଫାର୍ମ ହାଉସରେ ହାତୀ ପୋତିବା ପାଇଁ ବ୍ୟବହୃତ ଜେସିବ ମେସିନକୁ ନରସିଂହପୁର ଅଞ୍ଚଳରୁ ଜବତ କରିବା ସହ ଦୁଇଟି ବାଇକ ଜବତ କରିଛି ହିନ୍ଦୋଳ ବନବିଭାଗ ।

# ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ



ପୁରୀ, ୨/୦୬ ନ୍ୟୁଜ ବ୍ୟୁରୋ

ବୁଧବାର ଜ୍ୟେଷ୍ଠ କୃଷ୍ଣ (ମଳ)ତୃତୀୟା ତିଥିରେ ଶ୍ରୀବିଗ୍ରହମାନଙ୍କ 'ବନକଲାଗି' ନୀତି ଅନୁଷ୍ଠିତ ହେବ ।

ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

# ଅନ୍‌ଲାଇନ୍‌ରେ ମହାପ୍ରସାଦ ବିକ୍ରି ଘଟଣା ଶ୍ରୀମନ୍ଦିର ପ୍ରଶାସନର ଥାନାରେ ଏତଲା

ପୁରୀ, ୨/୦୬ ନ୍ୟୁଜ ବ୍ୟୁରୋ

ଅନ୍‌ଲାଇନ୍‌ରେ ମହାପ୍ରସାଦ ବିକ୍ରି ଘଟଣାକୁ ଗୁରୁତର ସହ ନେଇ ମଙ୍ଗଳବାର ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଏନେଇ ସାଇବର ଥାନାରେ ଏତଲା ଦେଇଛନ୍ତି। ଏତଲା ପରେ ସାଇବର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଅନ୍‌ଲାଇନ୍‌ରେ ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ନିକଟରେ ଅଭିଯୋଗ କରିଛି ଶ୍ରୀମନ୍ଦିର ପ୍ରଶାସନ। ସେପଟେ ଏହି ଘଟଣାକୁ ନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଅନଲାଇନରେ ମହାପ୍ରସାଦ ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ। କିଛି ଲୋକ ଅନଲାଇନ ମାଧ୍ୟମରେ ଲୋକଙ୍କୁ ଠକେଇ କରୁଛନ୍ତି। ଏନେଇ ପୋଲିସ ଅବଗତ ଥିବାବେଳେ ପୂର୍ବରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୦୨/୦୬/୨୦୨୬
୫,୯୮,୯୧୦/- ଟଙ୍କା
ସୁନା:- ୦୫ ଗ୍ରାମ୍ ୪୦୦ ମିଲିଗ୍ରାମ
ରୂପା:- ୪୫ଗ୍ରାମ୍ ୫୦୦ ମିଲିଗ୍ରାମ

# ଚତୁର୍ଥ ଦିନରେ ଏସଆଇଆର ଅଭିଯାନ: ୪୧ ଲକ୍ଷରୁ ଅଧିକ ଭୋଟରଙ୍କୁ ଫର୍ମ ବଣ୍ଟନ

ଭୁବନେଶ୍ୱର,୦୨/୦୬ ନ୍ୟୁଜ ବ୍ୟୁରୋ

ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଆରମ୍ଭ ହୋଇଥିବା ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ଚତୁର୍ଥ ଦିନରେ ପହଁଞ୍ଚିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ୦୭ଟା ସୁଦ୍ଧା ରାଜ୍ୟରେ ୪୧ଲକ୍ଷ ୬୦ହଜାର ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇ ସାରିଛି। ଚତୁର୍ଥ ଦିନରେ ମଧ୍ୟ ଏହି ପ୍ରକ୍ରିୟା ବେଶ୍ ଦ୍ରୁତ ଗତିରେ ଆଗେଇ ଚାଲିଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ବୁଥସ୍ତରୀୟ ଅଧିକାରୀ ମାନେ ରାଜ୍ୟର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ସମସ୍ତ ଦୁର୍ଗମ ଅଞ୍ଚଳରେ ଘରକୁ ଘର ବୁଲି ପରିଗଣନା ଫର୍ମ ବଣ୍ଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି ।ଘରକୁ ଘର ବୁଲି ଏହି ସ୍ୱତନ୍ତ୍ର ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟ ସାରା ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ (ବିଏଲଓ)ନିୟୋଜିତ ହୋଇଛନ୍ତି। ବିଏଲ୍‌ଓମାନେ ପ୍ରତି ଅଞ୍ଚଳରେ ଘର ଘର ବୁଲି ଭୋଟରମାନଙ୍କ ତଥ୍ୟ ସଂଗ୍ରହ କରିବା ସହ ଫର୍ମ ବଣ୍ଟନ କରୁଛନ୍ତି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯାଉଛି। ଚତୁର୍ଥ ଦିନରେ ୪୧ଲକ୍ଷ ୬୦ହଜାର ଭୋଟରଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ପରିଗଣନା ପୂରଣ ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ । ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରେ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ତଥ୍ୟ ପୂରଣ ପରେ ନିଜେ ଅପଲୋଡ ମଧ୍ୟ କରିପାରିବେ। ଏହି ପରିଗଣନା ଫର୍ମ ପୂରଣ ସମୟରେ ଭୋଟରମାନଙ୍କଠାରୁ କୌଣସି ପ୍ରକାରର ଅତିରିକ୍ତ ଦସ୍ତାବିଜ ସଂଗ୍ରହ (ଡକ୍ୟୁମେଣ୍ଟ) କରିବାର ଆବଶ୍ୟକତା ନାହି ବୋଲି ସ୍ପଷ୍ଟ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ସମନ୍ୱିତ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିଯୁକ୍ତ ହୋଇଥିବା ୩୩ ହଜାର ୨୬ ଜଣ ବୁଥସ୍ତରୀୟ ଏଜେଣ୍ଟ (ବିଏଲଏ) ମଧ୍ୟ କ୍ଷେତ୍ର ସ୍ତରରେ ବିଏଲ୍‌ଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଚତୁର୍ଥ ଦିନରେ ଏସଆଇଆର କାର୍ଯ୍ୟକ୍ରମର ଅଗ୍ରଗତି ସନ୍ତୋଷଜନକ ରହିଛି ଏବଂ କୌଣସି ଯୋଗ୍ୟ ମତଦାତା ଯେପରି ଏହି ପ୍ରକ୍ରିୟାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।


**ଏବେ ବଜାରରେ ଉପଲବ୍ଧ...**

**ମାସିକ ଗଳ୍ପ ପତ୍ରିକା "କଥାକଳିକା" ଜୁନ୍ ୨୦୨୬ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ସ୍ୱାଗତିକା ସେଠୀ
**ସମକାଳର କଥା :** କମଳା ଶତପଥୀ, ମନୋରଞ୍ଜନ ବେହେରା, ସୁକାନ୍ତି ରାଉତ, ସୁନନ୍ଦା ମହାନ୍ତି, କିଶୋର ଚନ୍ଦ୍ର ଦାଶ, ସୁନୀତା କର, ବାସନ୍ତୀ ଦାସ, ବୀରେଶ୍ୱର ମହାନ୍ତି ଓ ପ୍ରକାଶ ମହାପାତ୍ର।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରଭାତୀ ଜେନା, ରୀତାଞ୍ଜଳି ସାହୁ, ରାଜେଶ କୁମାର ମହାରଣା, ପ୍ରତିଭା ପରିଜା ଓ ସରିତା ସିଂହ ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)




ସମ୍ପାଦକୀୟ
ପୃଷ୍ଠା-୪
ବ୍ରହ୍ମାଣ୍ଡର ୩ଡି ନକ୍ସା ବନାଇବ ଚୀନ
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-48 • 03-09th June 2026 • Bhubaneswar
ଇତିହାସ ପୃଷ୍ଠାରେ ରହିଯିବ ଦୁଇ ମନୋରମ ପର୍ଯ୍ୟଟନ କ୍ଷେତ୍ର
୨୦୨୯ରେ ଲୋକସଭା ସହ ହୋଇପାରେ ୨୦ ରାଜ୍ୟର ବିଧାନସଭା ନିର୍ବାଚନ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ଲୁପ୍ତପ୍ରାୟ ବନ୍ୟଜୀବଙ୍କୁ କୋଳକୁ ଡାକୁଛି କୁନୋ

## ଫେରୁଛନ୍ତି ପେଚା, ଗଧିଆ ଓ ଜଙ୍ଗଲୀ କୁକୁର



ନୂଆଦିଲ୍ଲୀ, ୦୨/୦୬

ଏକଦା ଘୋର ଜଳ ସଙ୍କଟର ସାମ୍ନା କରୁଥିବା ମଧ୍ୟପ୍ରଦେଶର କୁନୋ ଜଙ୍ଗଲକୁ ଏବେ ଚମକ ଫେରୁଛି । ଚିତା ପ୍ରକଳ୍ପ ଯୋଗୁ କୁନୋ ନ୍ୟାସନାଲ ପାର୍କ ଲୁପ୍ତପ୍ରାୟ ବନ୍ୟଜୀବଙ୍କୁ ପୁଣି ନିଜ କୋଳକୁ ଡାକୁଛି । ଏବେ ଗୋଟିଏ ପରେ ଗୋଟିଏ ବନ୍ୟଜୀବଙ୍କ ଘରବାହୁଡ଼ା ଦେଖିବାକୁ ମିଳୁଛି । ଏଥିସହିତ ସ୍ଥାନୀୟ ସମୁଦାୟଙ୍କ ଜୀବନରେ ବି ରୋଜଗାରର ନୂଆ ଆଶା ଉଙ୍କି ମାରିଛି । କୁନୋ ନ୍ୟାସନାଲ ପାର୍କର ଯେଉଁ ପଥୁରିଆ ଏବଂ ଉଚ୍ଚ ଅଞ୍ଚଳରେ ପାଣିର ଘୋର ଅଭାବ ଥିଲା, ଏବେ ସେଠାରେ ବନ ବିଭାଗର ଉନ୍ନତ ପରିଚାଳନା ଯୋଗୁ କୁନୋ ନଦୀର ପାଣି ପହଞ୍ଚୁଛି । ଗ୍ରୀଷ୍ମଦିନେ ପ୍ରବଳ ଗରମ ସହି ନ ପାରି ଯେଉଁ ବନ୍ୟଜୀବ ପଳାୟନ କରୁଥିଲେ ତାହା ବି ବନ୍ଦ ହୋଇଯାଇଛି।

ପାର୍କରେ ଆଧୁନିକ ପ୍ରଯୁକ୍ତି ଅର୍ଥାତ ସୌର ପମ୍ପର ସହାୟତା ନିଆଯାଉଛି । ଦୁଇବର୍ଷ ପୂର୍ବେ କୁନୋର ୱେଷ୍ଟ ପାଲପୁର ରେଞ୍ଜର ଜଙ୍ଗଲଗୁଡ଼ିକରେ ଏକ ସଫଳ ପ୍ରୟୋଗ ଆରମ୍ଭ କରାଯାଇଥିଲା। ସେଠାରେ ୨୨.୫ ଅଶ୍ୱଶକ୍ତିର ସୌର ଶକ୍ତି ବ୍ୟବସ୍ଥା ଜରିଆରେ କୁନୋ ନଦୀରୁ ପାଣି ଉଠାଯାଉଛି । ପ୍ରାୟ ୮ କିମି ଦୂର ବିଷମ ଗ୍ରୀଷ୍ମକାଳୀନ ଅଞ୍ଚଳ ଦେଇ ୫ଟି ଶୁଖିଲା ଜଳାଶୟକୁ ଭର୍ତ୍ତି କରାଯାଇଛି । ଏ ବର୍ଷ ଏହି ପ୍ରୟୋଗକୁ ଆହୁରି ବଡ଼ ରୂପ ଦିଆଯାଇଛି । ଅଛାପୁରା ରେଞ୍ଜରେ ୪୨.୫ ଅଶ୍ୱଶକ୍ତି କ୍ଷମତାର ଆଉ ଏକ ସୌର ଆଧାରିତ ଜଳ ଉଠାଣ ବ୍ୟବସ୍ଥା ସକ୍ରିୟ କରାଯାଇଛି । ଏହି ସୌର ପମ୍ପ କୁନୋ ନଦୀରୁ ପାଣି ଉଠାଇ ୧୫ କିମି ଦୂର ନେଇଯାଉଛି। ଏହାଦ୍ୱାରା ପ୍ରାୟ ୨୦୦ ମିଟରରୁ ଅଧିକ ଉଚ୍ଚତାରେ ଥିବା ତିନୋଟି ଜଳାଶୟକୁ ଗ୍ରୀଷ୍ମର ଚରମ ସମୟରେ ବି ଭର୍ତ୍ତି କରାଯାଇଛି । ଏହିସବୁ ଉଦ୍ୟମ ଯୋଗୁ ଯେଉଁ ଜଳାଶୟ ପୂର୍ବରୁ ଗ୍ରୀଷ୍ମ ଦିନେ ସମ୍ପୂର୍ଣ୍ଣ ଶୁଖିଯାଉଥିଲା, ଏବେ ତାହା ଜଳଭର୍ତ୍ତି ହୋଇଯାଇଛି । ଉନ୍ନତ ଇକୋସିଷ୍ଟମ୍ ଏବଂ ଉତ୍ତମ ବନ ପ୍ରବନ୍ଧନ ଯୋଗୁ କୁନୋରେ ଏଭଳି ବନ୍ୟଜୀବଙ୍କ ପୁନଃ ଉପସ୍ଥିତି ଦେଖିବାକୁ ମିଳିଛି, ଯେଉଁମାନେ ଅନେକ ଦଶନ୍ଧି ଧରି ଗାଏବ ହୋଇଯାଇଥିଲେ । କୁନୋରେ ଦୀର୍ଘ ୧୧୩ ବର୍ଷର ବ୍ୟବଧାନ ପରେ ଦୁର୍ଲଭ ପେଚାକୁ ପୁନର୍ବାର ଦେଖିବାକୁ ମିଳିଛି। ଗତବର୍ଷ ଡିସେମ୍ବରରୁ ଏହା ନିୟମିତ ଭାବେ ଦେଖାଦେଉଛି ।

କୁନୋ ଇତିହାସରେ ପ୍ରଥମ ଥର ପାଇଁ ଜଙ୍ଗଲୀ କୁକୁରକୁ ବି ଦେଖିବାକୁ ମିଳିଛି। ଉନ୍ନତ ପରିସଂସ୍ଥାନ ହିଁ ଏହାକୁ ଡାକି ଆଣିଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଗଧିଆମାନେ ଏଠାରେ ଗରମ ଦିନେ ରହି ନ ପାରି ଅନ୍ୟତ୍ର ପଳାୟନ କରୁଥିଲେ। କିନ୍ତୁ ଏବେ ଏମାନେ କୁଆଡ଼େ ନ ଯାଇ ସ୍ଥାୟୀ ଭାବେ ରହିବାକୁ ଲାଗିଛନ୍ତି। କୁନୋରେ ଏହି ଜଳ କ୍ରାନ୍ତି ଜଙ୍ଗଲୀ ଦୃଶ୍ୟପଟକୁ ବଦଳାଇ ଦେଇଛି । ଗ୍ରୀଷ୍ମକାଳରେ ଯେଉଁ ସ୍ଥାନ ଏକଦା ଶୂନଶାନ ହୋଇଯାଉଥିଲା, ଏବେ ପଶୁପକ୍ଷୀଙ୍କ ଡାକରେ ଗୁଞ୍ଜରିତ ହୋଇଉଠୁଛି । କୁନୋ ବଦଳି ଯାଇଛି। ସନ୍ଧ୍ୟା ହେବା କ୍ଷଣି ଧୂଳିଭରା ରାସ୍ତାରେ ଚିତ୍ତଳ ହରିଣଙ୍କ ଲମ୍ବା ଧାଡ଼ି ଲାଗୁଛି । ନୀଳଗାଈ ଏବେ ପାଣି ତଲାସରେ ଏଣେତେଣେ ବୁଲୁନାହିଁ। ବରଂ ଭରପୂର ପାଣି ପାଇ ସ୍ଥାନୀୟ ନିବାସୀ ହୋଇଯାଇଛି । କୁନୋରେ ଏବେ ପ୍ରକୃତିର ଚମତ୍କାର ଦେଖିବାକୁ ମିଳୁଥିବା ପରିବେଶବିତ୍‌ମାନେ କହୁଛନ୍ତି । ପିସିସିଏଫ୍ (ବନ୍ୟଜୀବ) ସମୀତା ରାଜୌରା କୁହନ୍ତି, ଏହା ହେଉଛି 'ଅମ୍ବ୍ରେଲା ଇଫେକ୍ଟ' । କୁନୋରେ ଚିତାମାନଙ୍କ ଲାଗି କରାଯାଉଥିବା ସଂରକ୍ଷଣର ଲାଭ ଅନ୍ୟ ବନ୍ୟଜୀବ ଉଠାଉଛନ୍ତି । କୁନୋର ପରିସଂସ୍ଥାନ ଲଗାତର ମଜଭୁତ ହେବାରେ ଲାଗିଛି।